# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୯/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, April 19/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୧୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 144 | ମୂଲ୍ୟ ₹୭/-




## ଅଞ୍ଜଳୀଙ୍କ ଅପରାଜିତ ଶତକ

ଅନୁଗୋଳ ବିପକ୍ଷ ଆନ୍ତଃଜିଲା ମହିଳା କ୍ରିକେଟ ମ୍ୟାଚରେ ଅପରାଜିତ ୧୩୬ରନ କରିଛନ୍ତି ବାଲେଶ୍ୱରର ଅଞ୍ଜଳୀ ସିଂ। **୧୪**

**୦୨** 

## ମଡେଲଙ୍କୁ ଡେଟ୍ କରୁଛନ୍ତି ହନି ସିଂ

ଖ୍ୟାତନାମା ରାପର ହନି ସିଂ ଇଜିପ୍ଟର ମଡେଲ ଏମା ବାକରଙ୍କ ପ୍ରେମରେ ପଡ଼ି ଡେଟ୍ କରୁଥିବା ଚର୍ଚ୍ଚା ହେଉଛି।








# ୟୁପିଆଇ କାରବାରରେ ଲାଗିବନି ଜିଏସ୍‌ଟି

**ନୂଆଦିଲ୍ଲୀ,୧୮।୪**

୨,୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ୟୁପିଆଇ କାରବାର ଉପରେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଲଗାଇବାକୁ ସରକାର ବିଚାର କରୁଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ଏହା ସମ୍ପୂର୍ଣ୍ଣ ଭୁଲ୍, ବିଭ୍ରାନ୍ତିକର ଏବଂ ଭିତ୍ତିହୀନ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ବର୍ତ୍ତମାନ ପାଇଁ ସରକାରଙ୍କ ପାଖରେ ସେଭଳି କୌଣସି ପ୍ରସ୍ତାବ ନାହିଁ। ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, କେତେକ ଆପ୍ ଜରିଆରେ ହେଉଥିବା ପେମେଣ୍ଟ ସମ୍ପର୍କିତ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ (ଏମ୍‌ଡିଆର୍) ଉପରେ ଜିଏସ୍‌ଟି ଲାଗୁ ହେଉଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ୨୦୧୯ ଡିସେମ୍ବର ୩୦ରେ ଏକ ଗେଜେଟ ବିଜ୍ଞପ୍ତି ଜରିଆରେ ପର୍ସନ ଟୁ ମର୍ଚ୍ଚାଣ୍ଟ (ପି୨ଏମ୍) ୟୁପିଆଇ କାରବାରରୁ ଏମ୍‌ଡିଆର୍ ହଟାଇଦେଇଥିଲେ, ଯାହା ୨୦୨୦ ଜାନୁଆରୀରେ କାର୍ଯ୍ୟକାରୀ ହୋଇଥିଲା। ସେବେଠାରୁ ୟୁପିଆଇ କାରବାର ଉପରେ କୌଣସି ଏମ୍‌ଡିଆର୍ ଲାଗୁ ହେଉନାହିଁ। ଫଳ ସ୍ୱରୂପ ଏଭଳି କାରବାରରେ ଜିଏସ୍‌ଟି ଲାଗୁ ହେଉନାହିଁ। ୟୁପିଆଇ ଜରିଆରେ ସରକାର ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରଣାଳୟ କହିଛି।

**ଆଜିର ସମ୍ପାଦକୀୟ**

## ଖୋଲା ବିଦ୍ରୋହ

**ଆଜିର ମନ୍ତବ୍ୟ**

" ବାଂଲାଦେଶୀ ଅଧିକାରୀମାନେ ପଶ୍ଚିମବଙ୍ଗ ହିଂସା ସମ୍ପର୍କରେ ମନ୍ତବ୍ୟ ନ ଦେଇ ନିଜ ଦେଶରେ ଥିବା ସଂଖ୍ୟାଲଘୁଙ୍କ ଅଧିକାରର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ।

**-ରଣଧୀର ଜୟସ୍ୱାଲ, ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**




କାଳବୈଶାଖୀ ପ୍ରଭାବରେ ଶୁକ୍ରବାର ବାଲେଶ୍ୱର ଜିଲା ଫକୀରମୋହନ ଗୋଲେଇଠାରେ ଏକ ବିରାଟକାୟ କଦମ୍ବ ଗଛ ଉପୁଡି ବାଇକ୍ ଉପରେ ପଡିଛି।

# ମଧ୍ୟସ୍ଥତାରୁ ଓହରିଯିବ ଆମେରିକା

**ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ୧୧୪୯ ଦିନ ଧରି ଚାଲିଥିବା ଯୁଦ୍ଧର ଅବସାନ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଦ୍ୟମ କରିଆସୁଛନ୍ତି। ତେବେ ଆଗାମୀ କିଛିଦିନ ଭିତରେ ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବା ନେଇ ସ୍ପଷ୍ଟ ସଙ୍କେତ ନ ମିଳିଲେ ଟ୍ରମ୍ପ ପିସ୍ ଡିଲ୍ ମଧ୍ୟସ୍ଥତାରୁ ଓହରିଯିବେ ବୋଲି ଶୁକ୍ରବାର ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଚେତାବନୀ ଦେଇଛନ୍ତି। ରିପବ୍ଲିକାନ୍ ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ନିର୍ବାଚିତ ହେଲେ ହ୍ୱାଇଟ୍ ହାଉସ୍‌କୁ ଯିବାର ୨୪ ଘଣ୍ଟା ମଧ୍ୟରେ ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିଦେବେ ବୋଲି ପ୍ରଚାରବେଳେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଜାନୁଆରୀ ୨୦ରେ ସେ ପୁନର୍ବାର ଶପଥ ନେବା ପରେ ସାମ୍ନାରେ ଥିବା ନାନା ଅସୁବିଧାକୁ ଦେଖି ଏହି ଅବଧିକୁ ଏପ୍ରିଲ/ମେ' ପର୍ଯ୍ୟନ୍ତ ବଢ଼ାଇଦେଇଥିଲେ। ଭୂରାଜନୈତିକ ସଙ୍କଟଗୁଡ଼ିକର ସମାଧାନ ପାଇଁ ହ୍ୱାଇଟ୍ ହାଉସ୍ ପକ୍ଷରୁ ଚାଲିଥିବା ଉଦ୍ୟମକୁ ଅନ୍ତର୍ଜାତୀୟ ସ୍ତରରେ ଉପଯୁକ୍ତ ସମ୍ମାନ ମିଳୁ ନ ଥିବାରୁ ଫ୍ରାନ୍ସ ଗସ୍ତରେ ଥିବା ରୁବିଓ ୟୁରୋପୀୟ ନେତାଙ୍କ ସହ ଆଲୋଚନା ପରେ ଏପରି ମନ୍ତବ୍ୟ ଦେଇଥିବା କୁହାଯାଉଛି।**

**ପ୍ୟାରିସ୍,୧୮।୪**

ପ୍ୟାରିସ୍‌ରେ ୟୁରୋପୀୟ ଏବଂ ୟୁକ୍ରେନୀୟ ନେତାଙ୍କ ସହ ବୈଠକ ପରେ ରୁବିଓ କହିଛନ୍ତି, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଶେଷ ପାଇଁ ଆମେରିକା ଆଉ ଅନେକ ସପ୍ତାହ ଓ ମାସ ଧରି ଉଦ୍ୟମ ଜାରି ରଖିବ ନାହିଁ। ତେଣୁ ବର୍ତ୍ତମାନ ଜରୁରୀ ଭିତ୍ତିରେ ସବୁକିଛି ନିର୍ଦ୍ଧାରଣ କରିବାକୁ ପଡ଼ିବ। ରାଷ୍ଟ୍ରପତି ଟ୍ରମ୍ପ ଶାନ୍ତି ଚୁକ୍ତି ନିମନ୍ତେ ବହୁ ସମୟ ଦେଲେଣି। ଏଥିରେ ବିଳମ୍ବ ହେଉଥିବାରୁ ସେ କ୍ଷୁବ୍ଧ। ଏହା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ବାସ୍ତବରେ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି, ଯାହା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକତା ରହିଛି। ରୁବିଓଙ୍କ ଏହି ଚେତାବନୀ ଏଭଳି ସମୟରେ ଆସିଛି, ଯେତେବେଳେ କି ୟୁକ୍ରେନ୍ ସହ ଆମେରିକାର ଆଲୋଚନାରେ କିଛିଟା ଅଗ୍ରଗତି ପରିଲକ୍ଷିତ ହୋଇଛି।

### ରୁଷିଆ-ୟୁକ୍ରେନ୍ ଶାନ୍ତି ଚୁକ୍ତି ନେଇ ସ୍ପଷ୍ଟ ସଙ୍କେତ ନ ମିଳିଲେ

ଗୁରୁବାର ଟ୍ରମ୍ପ କହିଥିଲେ, ଆସନ୍ତା ସପ୍ତାହରେ କିଭ୍ ସହ ଡିଲ୍ ହେବା ନେଇ ସେ ଆଶାବାଦୀ, ଯାହାକି ୟୁକ୍ରେନ୍‌ର ମିନେରାଲ୍ସ (ଖଣିଜ ସମ୍ପଦ) ପାଇବା ପାଇଁ ଆମେରିକାକୁ ସୁଯୋଗ ଦେବ। ଏହା ପୂର୍ବରୁ ଫେବୃଆରୀରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ୱାଶିଂଟନ୍ ଗସ୍ତ କରିଥିଲେ। ସେତେବେଳେ ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସରେ ଆମେରିକା ପ୍ରତିପକ୍ଷ ଟ୍ରମ୍ପ ଓ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ସହ ହୋଇଥିବା ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। ଓଲଟା ଜେଲେନ୍‌ସ୍କି ଓ ଟ୍ରମ୍ପଙ୍କ ମଧ୍ୟରେ କଥା କଟାକଟି ଓ ଯୁକ୍ତିତର୍କରୁ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଉପୁଜିଥିଲା।

ଟ୍ରମ୍ପଙ୍କ ଶାନ୍ତି ଉଦ୍ୟମ ଉପରେ ପ୍ୟାରିସ୍‌ରେ ହୋଇଥିବା ଉଚ୍ଚସ୍ତରୀୟ ଆଲୋଚନାରେ ୟୁରୋପୀୟ ଶକ୍ତିମାନେ ମଧ୍ୟ ସାମିଲ ହୋଇଥିଲେ। ବୈଠକରେ ରୁବିଓ କହିଥିଲେ, ଶାନ୍ତି ପାଇଁ ଆମେରିକା ପକ୍ଷରୁ ପ୍ରସ୍ତୁତ ରୂପରେଖ 'ଉତ୍ସାହଜନକ ଗ୍ରହଣୀୟତା' ହାସଲ କରିଛି। ଜେଲେନ୍‌ସ୍କିଙ୍କ ଅଫିସ ଆଲୋଚନାକୁ ଗଠନମୂଳକ ଓ ସକାରାତ୍ମକ ବୋଲି ଅଭିହିତ କରିଛି। ଅନ୍ୟପକ୍ଷେ ହ୍ୱାଇଟ୍ ହାଉସ୍ ପକ୍ଷରୁ ସମାଧାନ କରାଯିବାକୁ ଥିବା ଭୂରାଜନୈତିକ ଚ୍ୟାଲେଞ୍ଜଗୁଡ଼ିକୁ ଉପଯୁକ୍ତ ସମ୍ମାନ ମିଳୁ ନ ଥିବାରୁ ରୁବିଓଙ୍କ ଉପରୋକ୍ତ ମନ୍ତବ୍ୟକୁ ନୈରାଶ୍ୟର ପ୍ରତିଫଳନ ବୋଲି ମନେକରାଯାଉଛି। ବୈଠକ ପରେ ରୁବିଓ ଆହୁରି କହିଛନ୍ତି, ଭବିଷ୍ୟତ କାର୍ଯ୍ୟପନ୍ଥାର ରୂପରେଖ ସ୍ଥିର ଦିଗରେ ଆଲୋଚନାରୁ ସକାରାତ୍ମକ ଦିଗ ମିଳିଛି। ସେହିପରି ଆସନ୍ତା କିଛିଦିନ ମଧ୍ୟରେ ଲଣ୍ଡନରେ ଏକ ଅନୁରୂପ ବୈଠକ ହେବ ବୋଲି ଫ୍ରାନ୍ସର ଅଧିକାରୀମାନେ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଯୁଦ୍ଧ ଶେଷ ପାଇଁ ଟ୍ରମ୍ପ ପ୍ରଶାସନର ଅନେକ ଉଦ୍ୟମ ପରେ ମଧ୍ୟ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଅସ୍ତ୍ରବିରତି ସଫଳ ହୋଇପାରି ନାହିଁ। ଟ୍ରମ୍ପଙ୍କ ଏ ସଂକ୍ରାନ୍ତ ପ୍ରସ୍ତାବକୁ ୟୁକ୍ରେନ୍‌ର ସମର୍ଥନ ମିଳିଥିଲେ ମଧ୍ୟ ମସ୍କୋ ଏହାକୁ ବିରୋଧ କରିଆସିଛି। ୟୁକ୍ରେନ୍‌ର ସାମରିକ କାର୍ଯ୍ୟକଳାପ ଏବଂ ପାଶ୍ଚାତ୍ୟର ଅସ୍ତ୍ର ଯୋଗାଣ ବନ୍ଦ ହେଲେ ଅସ୍ତ୍ରବିରତି ସମ୍ଭବ ବୋଲି ମସ୍କୋ ଯୁକ୍ତି ବାଢ଼ିଛି। ତେବେ ରୁଷିଆର ଏଭଳି ଦାବିକୁ ୟୁକ୍ରେନ୍ ପ୍ରତ୍ୟାଖ୍ୟାନ କରିଛି। ଇତିମଧ୍ୟରେ ରୁଷିଆ ପକ୍ଷରୁ ୟୁକ୍ରେନୀୟ ସହରଗୁଡ଼ିକ ଉପରେ ଅନେକ ଥର ଆକ୍ରମଣ କରାଯାଇଛି।

କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଛନ୍ତି, ଶାନ୍ତି ସମାଧାନ ଦିଗରେ କିଛିଟା ଅଗ୍ରଗତି ହୋଇସାରିଛି। କିନ୍ତୁ ୱାଶିଂଟନ୍‌ର ସର୍ତ୍ତଗୁଡ଼ିକ ମାନିନେବା ମସ୍କୋ ପାଇଁ ସହଜ ନୁହେଁ। ରୁଷିଆ ନିଜ ସ୍ୱାର୍ଥଗୁଡ଼ିକୁ ସୁନିଶ୍ଚିତ କରି ସଂଘର୍ଷର ସମାଧାନ ଚାହେଁ। ଆମେରିକା ସହ ଆଲୋଚନା ଦ୍ୱାର ଖୋଲା ରହିଛି ବୋଲି ପେସ୍କୋଭ୍ ସୂଚନା ଦେଇଛନ୍ତି।

# ବାଦ୍ ପଡ଼ିଥିବା ବ୍ୟକ୍ତି ପାଇବେ ରାଶନକାର୍ଡ

### ସବୁ ଜିଲାପାଳଙ୍କୁ ସଚିବଙ୍କ ନିର୍ଦ୍ଦେଶ

### ୨୨ ସୁଦ୍ଧା ରାଶନକାର୍ଡ ପ୍ରସ୍ତୁତି ଶେଷକର

**ଭୁବନେଶ୍ୱର,୧୮।୪ (ରବିନାରାୟଣ ଜେନା)**

ରାଜ୍ୟରେ ଦୀର୍ଘଦିନ ଧରି ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ଖୁବ୍‌ଶୀଘ୍ର ରାଶନକାର୍ଡ ଯୋଗାଇ ଦିଆଯିବ। ଏଥିପାଇଁ ବ୍ଲକ ଓ ପୌରାଞ୍ଚଳସ୍ତରରେ ପ୍ରସ୍ତୁତି ପ୍ରକ୍ରିୟା ଚଳିତମାସ ୨୨ ସୁଦ୍ଧା ଶେଷ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସବୁ ଜିଲାପାଳଙ୍କୁ ପ୍ରମୁଖ ସଚିବ ସଞ୍ଜୟ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ନିୟମ-୨୦୨୦ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ଯୋଗାଇ ଦିଆଯିବ। ଏଥିପୂର୍ବରୁ ଥିବା ରାଶନକାର୍ଡ ତାଲିକାରେ ନୂତନ ସଦସ୍ୟଙ୍କୁ ଯୋଡ଼ିବା ପାଇଁ ସରକାର ଏକ ଚୂଡ଼ାନ୍ତ ତାଲିକାକୁ ଅନୁମୋଦନ ଦେଇଛନ୍ତି। ତେଣୁ ଏପ୍ରିଲ ୨୨ ପୂର୍ବରୁ ନୂଆ ରାଶନ କାର୍ଡ ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ସଞ୍ଜୟ ଉକ୍ତ ପତ୍ରରେ ଦର୍ଶାଇଛନ୍ତି।

ପତ୍ରରେ ସେ ଆହୁରି ଉଲ୍ଲେଖ କରିଛନ୍ତି, ଏପ୍ରିଲ ୨୨ ପୂର୍ବରୁ ସଂପୃକ୍ତ ବିଡିଓ ଏବଂ ପୌରାଞ୍ଚଳ ଅଧିକାରୀଙ୍କୁ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରଦାନ କରାଯିବ। ରାଶନ କାର୍ଡରେ ଥିବା ସମସ୍ତ ସଦସ୍ୟଙ୍କ ଇ-କେୱାଇସି ଯାଞ୍ଚ ପରେ ଡ୍ରାଫ୍ଟ ପ୍ରାଥମିକତା ତାଲିକା (ଡିପିଏଲ)ରେ ରଖାଯାଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚୂଡ଼ାନ୍ତ ପ୍ରାଥମିକତା ତାଲିକାକୁ ସ୍ଥାନାନ୍ତର କରିବା ଏବଂ ରାଶନ କାର୍ଡ ପିଡିଏଫ୍ ସୃଷ୍ଟି କରିବା ପାଇଁ ଆରସିଏମ୍‌ଏସ୍‌ରେ ବ୍ଲକ/ୟୁଏଲ୍‌ବି ସ୍ତରର ବିଡିଓଙ୍କୁ ସ୍ୱୀକୃତି ଦିଆଯାଇଛି। ସେମାନେ ଉକ୍ତ ତାଲିକା ଅନୁଯାୟୀ ହିତାଧିକାରୀଙ୍କ ଇ-କେୱାଇସି ଯାଞ୍ଚ କରିବେ। ଯାଞ୍ଚ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ବିଡିଓ ଓ ମହାନଗର ନିଗମ ଆୟୁକ୍ତ ତଥା ପୌରାଞ୍ଚଳ ଅଧିକାରୀ ରଙ୍ଗିନ ରାଶନ କାର୍ଡ ପିଡିଏଫ୍ ଫର୍ମାଟରେ ପ୍ରସ୍ତୁତ କରିବେ। ସେଥିରେ ରାଶନକାର୍ଡର ଉଭୟ ପକ୍ଷରେ ହିତାଧିକାରୀଙ୍କ ସମ୍ପୂର୍ଣ୍ଣ ବିବରଣୀ ରହିବ। ତେବେ ନୂତନ ରାଶନକାର୍ଡ ପିଛା ୧୦ଟଙ୍କା ଲେଖାଏ ଖର୍ଚ୍ଚ କରାଯାଇ ପାରିବ। ଏହାବାଦ୍ ରାଶନକାର୍ଡର ଲମ୍ବ, ଓସାର ଏବଂ ମୋଟେଇ କେତେ ରହିବ ତାହା ନେଇ ନିର୍ଦ୍ଦିଷ୍ଟ ସ୍ପେସିଫିକେଶନ ପ୍ରଦାନ କରାଯାଇଛି। ନୂତନ ରାଶନ କାର୍ଡ ବଣ୍ଟନ ପୂର୍ବରୁ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ପୌର କମିଶନର/କାର୍ଯ୍ୟକାରୀ ଅଧିକାରୀମାନେ ୨୦ ଏପ୍ରିଲ ସୁଦ୍ଧା ରାଶନ କାର୍ଡ ତାଲିକାକୁ ଲାମିନେଟ୍ କରିବେ। ରାଶନ କାର୍ଡର ଲାମିନେଟେଡ୍ କପିଗୁଡ଼ିକ ବ୍ଲକ କିମ୍ବା ପୌରାଞ୍ଚଳ କାର୍ଯ୍ୟାଳୟରେ ରଖାଯିବ। ଏହାପରେ ଜିଲାପାଳଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୂତନ ରାଶନ କାର୍ଡ ବଣ୍ଟନ କରାଯିବ।

# ନର୍ସଙ୍କୁ ପିଟି ହତ୍ୟା

### ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

**ପାଟଣାଗଡ,୧୮।୪ (ସଚ୍ଚିଦାନନ୍ଦ ମହାକୁର)**


ବଲାଙ୍ଗୀର ଜିଲା ପାଟଣଗଡ଼ ଥାନା ଅନ୍ତର୍ଗତ ନେହେନାବନ୍ଦ ଗାଁରେ ଯୌତୁକ ପାଇଁ ଜଣେ ନର୍ସଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ନର୍ସ ଜଣକ ହେଲେ କ୍ରିଷ୍ଣା ସାହୁ (୨୫)। କ୍ରିଷ୍ଣାଙ୍କ ବାପା ମୋହନ ଠାକୁର ସାହୁ ଶୁକ୍ରବାର ସନ୍ଧ୍ୟାରେ ପାଟଣାଗଡ଼ ଥାନାର ଦ୍ୱାରସ୍ଥ ହୋଇ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣି ନ୍ୟାୟ ଭିକ୍ଷା କରିଛନ୍ତି। ପୋଲିସ କ୍ରିଷ୍ଣାଙ୍କ ସ୍ୱାମୀ ଆଲୋକ ସାହୁଙ୍କୁ ଗିରଫ କରିଛି।


କ୍ରିଷ୍ଣାଙ୍କ ଘର ବରଗଡ଼ ଜିଲା ଗାଇସିଲେଟ ଥାନା ଅଧୀନ ସେମେଲ ମୁଣ୍ଡା ଗାଁରେ। ସେ ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ନର୍ସ ଭାବେ କାମ କରୁଥିଲେ। ୨୦୨୨ରେ କ୍ରିଷ୍ଣା ନେହେନାବନ୍ଦ ଗାଁର ଆଲୋକଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ୨ ବର୍ଷର ଶିଶୁପୁତ୍ର ଅଛି। କିନ୍ତୁ ବିବାହର କିଛି ଦିନ ପରେ ଯୌତୁକ ପାଇଁ ତାଙ୍କୁ ନିର୍ଯାତନା ଦିଆଯାଇ ଆସୁଥିଲା। ଗୁରୁବାର ରାତିରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏପରି କି ସ୍ୱାମୀ ମାଡ଼ ମାରୁଥିବାର ଏକ ଭିଡିଓ କରି କ୍ରିଷ୍ଣା ତାଙ୍କ ମା'ଙ୍କ ପାଖକୁ ପଠାଇଥିଲେ। ଶୁକ୍ରବାର ସକାଳେ ସ୍ୱାସ୍ଥ୍ୟବସ୍ଥା ଖରାପ ଥିବା ଦର୍ଶାଇ ଶାଶୁଘର ଲୋକେ କ୍ରିଷ୍ଣାଙ୍କୁ ଚିକିତ୍ସା ପାଇଁ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେଲେ ଝିଅକୁ ହତ୍ୟା କରାଯାଇଛି ବୋଲି କ୍ରିଷ୍ଣାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଡାକ୍ତରଖାନା ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି। ଏନେଇ (ନଂ୧୧୭/୨୫)ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି।

# ୟୁନେସ୍କୋ ୱାର୍ଲ୍ଡ ରେଜିଷ୍ଟର ମେମୋରିରେ ଭଗବଦ୍ ଗୀତା, ନାଟ୍ୟଶାସ୍ତ୍ର

**ନୂଆଦିଲ୍ଲୀ,୧୮।୪**

ୟୁନେସ୍କୋ (ଜାତିସଂଘର ଶୈକ୍ଷିକ, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ)ର ୱାର୍ଲ୍ଡ ରେଜିଷ୍ଟର ମେମୋରି ବା ବିଶ୍ୱ ପଞ୍ଜିକା ସ୍ମୃତି ପୁସ୍ତକରେ ଭାରତର ୨ଟି ପୁରାତନ ଶାସ୍ତ୍ର ପ୍ରଥମ ଶତାବ୍ଦୀର ଶ୍ରୀମଦ୍ ଭଗବଦ୍ ଗୀତା ଏବଂ ପଞ୍ଚମ ଶତାବ୍ଦୀର ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ସ୍ଥାନ ପାଇଛି। ଏହା ସାରା ବିଶ୍ୱରେ ରହିଥିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ୟୁନେସ୍କୋ ମେମୋରି ଅଫ୍ ଦି ୱାର୍ଲ୍ଡ ରେଜିଷ୍ଟରରେ ଗୀତା ଏବଂ ନାଟ୍ୟଶାସ୍ତ୍ର ସାମିଲ ହେବା ଆମ କାଳାତୀତ ଜ୍ଞାନ ଏବଂ ସମୃଦ୍ଧ ସଂସ୍କୃତିକୁ ବୈଶ୍ୱିକ ସ୍ୱୀକୃତି। ଗୀତା ଏବଂ ନାଟ୍ୟଶାସ୍ତ୍ର ବହୁ ଶତାବ୍ଦୀ ଧରି ସଭ୍ୟତା ଓ ଚେତନାକୁ ପରିପୁଷ୍ଟ କରିଆସିଛି। ସେଗୁଡ଼ିକର ଅନ୍ତର୍ଦୃଷ୍ଟି ସାରା ବିଶ୍ୱକୁ ପ୍ରେରଣା ଦେଇଆସିଥିବା ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ଗୀତା ଏବଂ ନାଟ୍ୟଶାସ୍ତ୍ର ୟୁନେସ୍କୋର ୱାର୍ଲ୍ଡ ରେଜିଷ୍ଟର ମେମୋରିରେ ସ୍ଥାନ ପାଇବା ସମ୍ପର୍କରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଶୁକ୍ରବାର ଘୋଷଣା କରିବା ସହ ଭାରତର ସଭ୍ୟତା ଐତିହ୍ୟ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି କହିଥିଲେ। ଏହି ୨ ପୁସ୍ତକକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଅନ୍ତର୍ଜାତୀୟ ପଞ୍ଜିକାରେ ଭାରତର ୧୪ ଅଭିଲେଖ ସାମିଲ ହେଲାଣି। ହିନ୍ଦୁ ଗ୍ରନ୍ଥ ଭଗବଦ୍ ଗୀତା ମହାଭାରତ ପୁରାଣର ଅଂଶବିଶେଷ। ସେହିପରି ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଭାରତୀୟ ନାଟ୍ୟକଳା ଏବଂ ପ୍ରଦର୍ଶନ କଳାର ଏକ ମୌଳିକ ସଂସ୍କୃତ ପୁସ୍ତକ, ଯାହାକୁ ପଞ୍ଚମ ବେଦ ବୋଲି ବିବେଚନା କରାଯାଏ।





**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

No. T-10: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୨୧।୦୪।୨୦୨୫ରିଖ (ସୋମବାର) ଦିନ ସମ୍ବଲପୁର ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୧୮।୦୪।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

**ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
OIPR-09014/11/0092/2526

# କୋହଳ ହେବ ଆଣବିକ ଆଇନ

## ବିଦେଶୀ କମ୍ପାନୀଙ୍କୁ ଭାରତ ଆଣି ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ ଆଣବିକ ଶକ୍ତି ଉତ୍ପାଦନ ଲକ୍ଷ୍ୟ

ନୂଆଦିଲ୍ଲୀ,୧୮।୪(ରଏଟର୍ସ/ଏଜେନ୍ସି)

ଭାରତ ନିଜ ଆଣବିକ ଉତ୍ତରଦାୟିତ୍ୱ ଆଇନରେ ସଂଶୋଧନ ଆଣି ଏହାକୁ କୋହଳ କରିବାକୁ ଯୋଜନା ଚଳାଇଛି। ପୂର୍ବରୁ ଦେଶର କୌଣସି ଆଣବିକ ପ୍ଲାଣ୍ଟରେ ଦୁର୍ଘଟଣା ଘଟିଲେ ଏହାର ପରିଚାଳକ ଓ ଯନ୍ତ୍ରାଂଶ ଯୋଗାଣକାରୀ ସଂସ୍ଥାକୁ ଅସୀମିତ ଭାବେ ଦାୟୀ କରାଯାଉଥିଲା। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ମଧ୍ୟ ସମ୍ପୃକ୍ତ କମ୍ପାନୀକୁ ଦେବାକୁ ପଡୁଥିଲା। କିନ୍ତୁ ନୂଆ ଆଇନ ବଳରେ ଦୁର୍ଘଟଣାଜନିତ କ୍ଷତିପୂରଣ ରାଶିକୁ ସୀମିତ ରଖାଯିବ ବୋଲି ୩ଟି ସରକାରୀ ସୂତ୍ରରୁ ପ୍ରକାଶ। ୨୦୪୭ ସୁଦ୍ଧା ଭାରତର ଆଣବିକ ଶକ୍ତି ଉତ୍ପାଦନ କ୍ଷମତାରେ ୧୨ ଗୁଣା ବୃଦ୍ଧି ଘଟାଇ ଏହାକୁ ୧୦୦ ଗିଗାୱାଟ୍‌ରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷ୍ୟ ରଖିଥିବାରୁ କେନ୍ଦ୍ର ସରକାର ଉକ୍ତ ଆଇନକୁ କୋହଳ କରିବାକୁ ଯାଉଛନ୍ତି। ଏହାଦ୍ୱାରା ଆମେରିକା ସହ ବାଣିଜ୍ୟ ଚୁକ୍ତି ଏବଂ ଭାରତ ଉପରେ ଲଗାଯାଇଥିବା ଉଚ୍ଚ ଟାରିଫ୍ ନେଇ ଦେଶର ମୂଲଚାଲ କ୍ଷମତା ବୃଦ୍ଧିପାଇବ ବୋଲି ମଧ୍ୟ ଆଶା କରାଯାଉଛି। ମିଳିଥିବା ସୂଚନାନୁସାରେ, ପ୍ରଧାନମନ୍ତ୍ରୀଙ୍କ ଅଧୀନରେ ଥିବା ପରମାଣୁ ଶକ୍ତି ବିଭାଗ ପକ୍ଷରୁ ଏକ ଚିଠା ଆଇନ ପ୍ରସ୍ତୁତ କରାଯାଇଛି। ସେଥିରେ ସିଭିଲ୍ ନ୍ୟୁକ୍ଲିୟର ଲିଆବିଲିଟି ଡେମେଜ୍ ଆକ୍ଟ, ୨୦୧୦ର ଏକ ଗୁରୁତ୍ୱପୂର୍ଣ୍ଣ କ୍ଲଜ୍‌କୁ ବାଦ୍ ଦିଆଯାଇଛି। ଏହି କ୍ଲଜ୍ ଜରିଆରେ ପୂର୍ବରୁ ଦୁର୍ଘଟଣା ଘଟିଲେ ଅସୀମିତ କ୍ଷତିପୂରଣ ଦେବାକୁ ସପ୍ଲାୟର୍ସଙ୍କୁ ବାଧ୍ୟ କରାଯାଉଥିଲା। ଗତ ୧୧ ତାରିଖରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ମନ୍ତ୍ରଣାଳୟ ସମର୍ଥିତ କାର୍ନେଜି ଇଣ୍ଡିଆ ଗ୍ଲୋବାଲ ଟେକ୍ନୋଲୋଜି ସମିଟ୍‌ରେ ଏନେଇ ସୂଚନା ଦେଇଥିଲେ। ଜୟଶଙ୍କର କହିଥିଲେ, ଭାରତକୁ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ ବେସାମରିକ ପରମାଣୁ ଶକ୍ତି ଉତ୍ପାଦନ କରିବାକୁ ହେଲେ ଆଣବିକ ଉତ୍ତରଦାୟିତ୍ୱ ଆଇନରେ ସଂଶୋଧନ ଆଣିବାକୁ ପଡ଼ିବ। କାରଣ ପ୍ରଚଳିତ ଆଇନ ଭାରତରେ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ପାଇଁ ଅନ୍ତର୍ଜାତୀୟ ପରମାଣୁ ଉଦ୍ୟୋଗୀଙ୍କ ମନରେ ବିଶ୍ୱାସ ସୃଷ୍ଟି କରିପାରି ନାହିଁ। ନୂଆ ଆଇନ ଅନେକ ବୈଶ୍ୱିକ ପ୍ଲେୟାର୍ସଙ୍କୁ ଭାରତକୁ ଆକର୍ଷିତ କରିବ। ସେହିପରି ଡେଲୋଇଟ୍ଟେ ସାଉଥ୍ ଏସିଆର ଚିଫ୍ ଗ୍ରୋଥ୍ ଅଫିସର ଦେବାଶିଷ ମିଶ୍ର କହିଛନ୍ତି, ଭାରତକୁ ସ୍ୱଚ୍ଛ ଆଣବିକ ଶକ୍ତି ଆବଶ୍ୟକ। ଉତ୍ତରଦାୟିତ୍ୱକୁ ସୀମିତ କରାଗଲେ ଏଦିଗରେ ସଫଳତା ମିଳିପାରେ।

ଅନ୍ତର୍ଜାତୀୟ ଆଇନ ଓ ନିୟମଗୁଡ଼ିକ ସହ ତାଳଦେଇ ଏ ସଂକ୍ରାନ୍ତ ସଂଶୋଧିତ ବିଧେୟକ ଜୁଲାଇରେ ହେବାକୁ ଥିବା ଆସନ୍ତା ମୌସୁମୀ ଅଧିବେଶନରେ ସଂସଦରେ ଉପସ୍ଥାପନ କରାଯାଇପାରେ ବୋଲି କୁହାଯାଉଛି। କେନ୍ଦ୍ର ସରକାର ଏହି ବିଧେୟକ ଗୃହୀତ କରାଇବା ପାଇଁ ଆଶାବାଦୀ ଥିବା ସୂତ୍ରରୁ ଜଣାପଡ଼ିଛି। ବିଶ୍ଳେଷକମାନେ କହିଛନ୍ତି, ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟିକ କାରବାର ୨୦୩୦ ସୁଦ୍ଧା ୧୯୧ ବିଲିୟନ୍ ଡଲାରରୁ ୫୦୦ ବିଲିୟନ୍ ଡଲାରକୁ ବୃଦ୍ଧି ଘଟାଇବା ସକାଶେ ଟ୍ରେଡ୍ ଡିଲ୍ ସ୍ୱାକ୍ଷର କ୍ଷେତ୍ରରେ ମଧ୍ୟ ଏହା ସହାୟକ ହେବ। ଅନ୍ୟପକ୍ଷେ ଆଟମିକ୍ ଏନର୍ଜି ବିଭାଗ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

ବର୍ତ୍ତମାନର ଆଇନ ୧୯୮୪ରେ ଭୋପାଳ ଗ୍ୟାସ୍ ଟ୍ରାଜେଡି ଦ୍ୱାରା ପ୍ରଭାବିତ। ଏହି ଦୁର୍ଘଟଣାରେ ୫,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଆମେରିକାର ବହୁରାଷ୍ଟ୍ରୀୟ କମ୍ପାନୀ ୟୁନିୟନ୍ କାର୍ବାଇଡ୍ କର୍ପୋରେଶନ୍ ମାଲିକାନାରେ ଥିବା ଉକ୍ତ ଫ୍ୟାକ୍ଟ୍ରିରେ ଘଟିଥିବା ଟ୍ରାଜେଡି ବିଶ୍ୱର ସବୁଠୁ ଘାତକ ଶିଳ୍ପ ଦୁର୍ଘଟଣା ଭାବେ ପରିଚିତ। ଏହି ମାମଲାରେ ୟୁନିୟନ୍ କାର୍ବାଇଡ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୯୮୯ରେ ୪୭୦ ନିୟୁତ ଡଲାର କ୍ଷତିପୂରଣ ଦେବାକୁ ରାଜି ହୋଇଥିଲା। ୨୦୦୮ରେ ଭାରତ ଓ ଆମେରିକା ଆଣବିକ ସହଯୋଗ ବୃଦ୍ଧି ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି। ପାଶ୍ଚାତ୍ୟର କମ୍ପାନୀଗୁଡ଼ିକ ପାଇଁ ବର୍ତ୍ତମାନ ଭାରତରେ ଏକ ବଡ଼ ମାର୍କେଟ ଥିବାରୁ ସରକାର ଆଇନରେ ସଂଶୋଧନ ଆଣିବାକୁ ଯାଉଛନ୍ତି। ସଂଶୋଧନ ପରେ ଆଣବିକ ଶକ୍ତି ପ୍ରକଳ୍ପଗୁଡ଼ିକରେ ଭାରତୀୟ କମ୍ପାନୀଗୁଡ଼ିକର ସହଭାଗିତା ମଧ୍ୟ ବଢ଼ିପାରେ।



## ଏନ୍‌ଇଇଟି, ଡିଲିମିଟେଶନକୁ ନେଇ ଶାହାଙ୍କୁ ଷ୍ଟାଲିନ୍‌ଙ୍କ ଚ୍ୟାଲେଞ୍ଜ



ତିରୁଭାଲ୍ଲୁର,୧୮।୪

ତାମିଲନାଡୁର ଶାସକ ଦଳ ଡିଏମ୍‌କେ ଅନ୍ୟ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ଏନ୍‌ଇଟି ଏବଂ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ (ଡିଲିମିଟେଶନ) ଭଳି ପ୍ରସଙ୍ଗକୁ ବାରମ୍ବାର ଉଠାଉଥିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମାଲୋଚନା କରିଥିଲେ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଶୁକ୍ରବାର ଶାହାଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରିବା ସହ ଶାସନରେ ଥିବା ଲୋକେ ଯଦି ବାସ୍ତବରେ ଧ୍ୟାନ ହଟାଉଥାନ୍ତି, ତେବେ ଏହାର ସ୍ପଷ୍ଟ ଉତ୍ତର ରାଜ୍ୟବାସୀଙ୍କୁ ଦେବାକୁ ଆହ୍ୱାନ ଦେଇଛନ୍ତି। ଏନ୍‌ଇଇଟି ସମେତ କେନ୍ଦ୍ରର ତ୍ରିଭାଷୀ ନୀତି, ୱାକ୍‌ଫ ସଂଶୋଧନ ଆଇନ କିମ୍ବା ଲୋକ ସଭା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ନିର୍ଦ୍ଦିଷ୍ଟ କେତେକ ରାଜ୍ୟକୁ ପ୍ରଭାବିତ କରିବ। ତାମିଲନାଡୁ ଏବଂ ଡିଏମ୍‌କେ ଏହାର ଦୃଢ଼ ବିରୋଧ କରିଆସୁଥିବା ଷ୍ଟାଲିନ୍ କହିଛନ୍ତି।

## କୈଳାସ ମାନସରୋବର ଯାତ୍ରା ଖୁବ୍‌ଶୀଘ୍ର

ନୂଆଦିଲ୍ଲୀ,୧୮।୪

କୈଳାସ ମାନସରୋବର ଯାତ୍ରା ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ପୂର୍ବ ଲଦାଖର ଡେମ୍‌ଚୋକ୍ ଏବଂ ଡେପ୍‌ସାଙ୍ଗ୍‌ରୁ ସୈନ୍ୟ ପ୍ରତ୍ୟାହାର ପରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିର ଅନ୍ୟତମ ଉଦ୍ୟମ ସ୍ୱରୂପ ମାନସରୋବର ଯାତ୍ରା ପାଇଁ ଭାରତ ଏବଂ ଚାଇନା ପ୍ରସ୍ତୁତି ଚଳାଇଛନ୍ତି। ଏଥିସହ ଉଭୟ ପାର୍ଶ୍ୱରୁ ବିମାନସେବା ଆରମ୍ଭ ଲାଗି ନୂଆଦିଲ୍ଲୀ ଓ ବେଜିଂ ନୀତିଗତ ଭାବେ ସହମତ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। କୈଳାସ ମାନସରୋବର ଯାତ୍ରା ନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବାକୁ ଯାଉଥିବା ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୦ରୁ ଏହି ଯାତ୍ରା ବନ୍ଦ ରହିଥିଲା।

## ସଂକ୍ଷେପରେ

### ବଳାତ୍କାର ଅଭିଯୁକ୍ତଙ୍କୁ ଶଗଡ଼ରେ ବାନ୍ଧି ଉଲଗ୍ନ ପରେଡ୍ କରାଇଲେ

ବାହରିଚ୍,୧୮।୪

ଉତ୍ତରପ୍ରଦେଶର ବାହରିଚ୍ ଜିଲାର ବିଶ୍ୱେଶ୍ୱରଗଞ୍ଜ ଅଞ୍ଚଳରେ ଜଣେ ବଳାତ୍କାର ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ ଶଗଡ଼ରେ ବାନ୍ଧି ମାଡ଼ ମାରିବା ସହ ଉଲଗ୍ନ ପରେଡ୍ କରାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଭିଡିଓ ଭାଇରାଲ ହେବା ପରେ ପୋଲିସ ଶୁକ୍ରବାର ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ମାଡ଼ ହେଉଥିବାବେଳେ ସେଠାରେ ଉପସ୍ଥିତ ଲୋକେ ଆକ୍ରମଣକାରୀଙ୍କୁ ପ୍ରୋତ୍ସାହିତ କରୁଥିବା ଦେଖାଯାଇଛି। ଭିଡିଓ ପ୍ରସାରିତ ହେବା ପରେ ଅଭିଯୁକ୍ତଙ୍କ ପରିବାର ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଚିହ୍ନଟ ହୋଇ ନ ଥିବା କେତେଜଣ ବ୍ୟକ୍ତିଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ଏତଲା ଦାଏର କରିଛି।

### ଖଲିସ୍ତାନୀ ଆତଙ୍କବାଦୀ ହରପ୍ରୀତ୍ ସିଂ ଆମେରିକାରେ ଗିରଫ



ପଞ୍ଜାବରେ ୧୪ ଗ୍ରେନେଡ୍ ଆକ୍ରମଣର ମାଷ୍ଟରମାଇଣ୍ଡ

ଚଣ୍ଡିଗଡ଼,୧୮।୪

ପଞ୍ଜାବରେ ୧୪ ଗ୍ରେନେଡ୍ ଆକ୍ରମଣର ମାଷ୍ଟରମାଇଣ୍ଡ ଖଲିସ୍ତାନୀ ଆତଙ୍କବାଦୀ ହରପ୍ରୀତ୍ ସିଂ ଓରଫ ହାପି ପାସିଆଙ୍କୁ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ଆମେରିକାରେ ଗିରଫ କରିଛି। ତାଙ୍କୁ ଶୁକ୍ରବାର କାଲିଫର୍ନିଆର ସାକ୍ରାମେଣ୍ଟୋରୁ ଗିରଫ କରାଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ହରପ୍ରୀତ୍ ୨ଟି ଅନ୍ତର୍ଜାତୀୟ ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତ। ସେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଥିବା ଏଫ୍‌ବିଆଇ କହିଛି। ଗିରଫରୁ ବର୍ତ୍ତିବା ପାଇଁ ସେ ବର୍ନର ଫୋନ୍ ଏବଂ ଏନ୍‌କ୍ରିପ୍ଟେଡ୍ ଆପ୍ଲିକେଶନ ବ୍ୟବହାର କରୁଥିଲେ। ମାନବ ଚାଲାଣ ନେଟ୍‌ୱର୍କ ସହାୟତାରେ ହରପ୍ରୀତ୍ ୨୦୨୧ରେ ମେକ୍ସିକୋ ସୀମା ଦେଇ ଆମେରିକାରେ ବେଆଇନ ଭାବେ ପ୍ରବେଶ କରିଥିଲେ। ୨୦୨୦ରେ ସେ ଜାଲ୍ ପରିଚୟ ବଳରେ ବ୍ରିଟେନ୍ ପଳାଇଯାଇ ସେଠାରେ ଅନେକ ମାସ ରହିଥିଲେ। ଗତ ୭ ମାସ ମଧ୍ୟରେ ପଞ୍ଜାବରେ ୧୬ଟି ଗ୍ରେନେଡ୍ ଆକ୍ରମଣ ହୋଇଛି, ଯେଉଁଥିରେ ପୋଲିସ ପୋଷ୍ଟ, ଧର୍ମୀୟ ସ୍ଥାନ, ରାଜନେତାଙ୍କ ବାସଭବନ ଆଦିକୁ ଟାର୍ଗେଟ କରାଯାଇଥିଲା। ତଦନ୍ତ ବେଳେ ସେଥିରୁ ୧୪ଟି ଆକ୍ରମଣରେ ହରପ୍ରୀତ୍ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା।

## ୟେମେନ୍ ଅଏଲ ପୋର୍ଟରେ ଆମେରିକାର ଆକ୍ରମଣ: ୭୪ ମୃତ

ଦୁବାଇ,୧୮।୪

ୟେମେନ୍‌ରେ ହୁଟି ବିଦ୍ରୋହୀଙ୍କ କବଳରେ ଥିବା ଏକ ଅଏଲ୍ ପୋର୍ଟକୁ ଟାର୍ଗେଟ କରି ଆମେରିକା ଏୟାରଷ୍ଟ୍ରାଇକ୍ କରିବାରୁ ୭୪ ଜଣଙ୍କ ମୃତ୍ୟୁ ଘଟିବା ସହ ୧୭୧ ଜଣ ଆହତ ହୋଇଛନ୍ତି। ବିଦ୍ରୋହୀଙ୍କୁ ଟାର୍ଗେଟ କରି ଆମେରିକାର ଏହା ଗୋଟିଏ ଦିନରେ ସବୁଠୁ ଘାତକ ଆକ୍ରମଣ ବୋଲି ହୁଟି ପକ୍ଷରୁ ଶୁକ୍ରବାର କୁହାଯାଉଛି। ମାର୍ଚ୍ଚ ୧୫ରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହୁଟି ବିଦ୍ରୋହୀଙ୍କୁ ଟାର୍ଗେଟ କରି ନୂଆ ଅଭିଯାନ ଆରମ୍ଭ କରିଥିବାବେଳେ କେତେଜଣଙ୍କ ମୃତ୍ୟୁ ଘଟିଲାଣି, ସେନେଇ କୌଣସି ସୂଚନା ଜାରି କରିନାହିଁ। ଇତିମଧ୍ୟରେ ହୁଟି ବିଦ୍ରୋହୀ ଆକ୍ରମଣ ଅଞ୍ଚଳକୁ ନିଜ ନିୟନ୍ତ୍ରଣ ମଧ୍ୟରେ ରଖିଥିବାବେଳେ ଆକ୍ରମଣ ସମ୍ପର୍କିତ ସୂଚନା ସର୍ବସାଧାରଣରେ ପ୍ରକାଶ କରୁନାହାନ୍ତି। ଗୁରୁବାର ରାତିରେ ରାସ ଇସା ଅଏଲ୍ ପୋର୍ଟ ଉପରେ ଆମେରିକା ସବୁଠୁ ବଡ଼ ଆକ୍ରମଣ କରିଥିବାରୁ ହୁଟି ଗ୍ରୁପ୍ ତୁରନ୍ତ ଏହାର ତଥ୍ୟ ପ୍ରଘଟ କରିଛି।



ୟେମେନ୍ ଅଏଲ ପୋର୍ଟରେ ଆମେରିକାର ବୋମାମାଡ଼ ଯୋଗୁ ଗାଡ଼ିଗୁଡିକ ଜଳୁଛି।

## ମେ’ରେ ସ୍ପେସ୍‌ଷ୍ଟେଶନ ଯିବେ ଭାରତୀୟ ମହାକାଶଚାରୀ

ନୂଆଦିଲ୍ଲୀ,୧୮।୪

ଭାରତୀୟ ମହାକାଶଚାରୀ ଶୁଭ୍ରାଂଶୁ ଶୁକ୍ଳା ମେ’ ମାସରେ ସ୍ପେସ୍ ଷ୍ଟେଶନ ଯିବେ। କୌଣସି ଭାରତୀୟ ମହାକାଶଚାରୀ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯିବା ଏହା ପ୍ରଥମ ଘଟଣା। ଗଗନଯାତ୍ରୀ ବା ଅଷ୍ଟ୍ରୋନଟ୍-ଡେଜିଗ୍ନେଟ୍ ଗ୍ରୁପ୍ କ୍ୟାପ୍‌ଟେନ ଶୁଭ୍ରାଂଶୁ ଶୁକ୍ଳା ଆସନ୍ତା ମାସରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯିବା ଭାରତର ମହାକାଶ ଯାତ୍ରାରେ ଏକ ବଡ଼ ସଫଳତା ହେବ ବୋଲି କେନ୍ଦ୍ର ସରକାର କହିଛନ୍ତି। ମହାକାଶ ଯାତ୍ରାରେ ଭାରତ ଏକ ନୂଆ ଅଧ୍ୟାୟ ଲେଖିବାକୁ ଯାଉଥିବା କେନ୍ଦ୍ର ମହାକାଶ ଓ ପ୍ରଯୁକ୍ତି ମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ଗ୍ରୁପ୍ କ୍ୟାପ୍‌ଟେନ୍ ଶୁକ୍ଳା ଗତ ୮ ମାସ ହେଲା ନାସା ଏବଂ ଘରୋଇ କମ୍ପାନୀ ଆକ୍ସିଅମ୍ ସ୍ପେସ୍‌ରେ ପ୍ରଶିକ୍ଷଣ ନେଉଥିଲେ। ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ସ୍ପେସ୍‌ଏକ୍ସ କ୍ରିଉ ଡ୍ରାଗନ୍ କ୍ୟାପ୍‌ସୁଲ୍‌ରେ ବ୍ୟବସାୟିକ ମିଶନରେ ଶୁକ୍ଳା ଯିବା ପାଇଁ ଭାରତ ୬୦ ନିୟୁତ ଡଲାର ପୈଠ କରିଛି।



ଶୁଭ୍ରାଂଶୁ ଶୁକ୍ଳା


## ବିଫଳ ସମ୍ପର୍କରୁ ଆପରାଧିକ ଆଇନର ଦୁରୁପଯୋଗ ବଢ଼ୁଛି

### ବଳାତ୍କାର ଅଭିଯୁକ୍ତଙ୍କୁ ଜାମିନ ଦେଲେ ଆଲ୍ଲାହାବାଦ ହାଇକୋର୍ଟ

ନୂଆଦିଲ୍ଲୀ,୧୮।୪

ଆଲ୍ଲାହାବାଦ ହାଇକୋର୍ଟ ଜଣେ ବଳାତ୍କାର ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରି ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ବିଫଳ ସମ୍ପର୍କ ଯୋଗୁ ଆପରାଧିକ ଆଇନର ଦୁରୁପଯୋଗ ବଢୁଥିବା ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଜଣେ ମହିଳାଙ୍କ ଦ୍ୱାରା ଅଣାଯାଇଥିବା ବଳାତ୍କାର ଅଭିଯୋଗ ଉପରେ ୪୨ ବର୍ଷୀୟ ଅଭିଯୁକ୍ତ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୯ ତାରିଖରେ ଜଷ୍ଟିସ୍ କ୍ରିଷନ ପହଲ ଏହାର ଶୁଣାଣି କରି ଉପରୋକ୍ତ ରାୟ ଦେଇଛନ୍ତି। ବିଚାରପତି କହିଛନ୍ତି, ଦଣ୍ଡବିଧି ଆଇନ ଜରିଆରେ ବ୍ୟକ୍ତିଗତ ମତଭେଦ ଏବଂ ଭାବନାତ୍ମକ ଅସହମତିକୁ ଆପରାଧିକ ରଙ୍ଗ ଦିଆଯାଉଛି। ବିଶେଷକରି ଅନ୍ତରଙ୍ଗ ସମ୍ପର୍କ ଭାଙ୍ଗିଯିବା ପରେ ଏଭଳି ଏତଲା ସଂଖ୍ୟା ବଢୁଥିବା ଅଦାଲତ ଟିପ୍ପଣୀ ଦେଇଛନ୍ତି।

୨୫ ବର୍ଷୀୟା ମହିଳା ବଳାତ୍କାର ଅଭିଯୋଗ ଆଣିବା ପରେ ୪୨ ବର୍ଷୀୟ ବିବାହିତ ଅଭିଯୁକ୍ତ ଜଣକ ଗତବର୍ଷ ଗିରଫ ହୋଇଥିଲେ। ଅଭିଯୁକ୍ତ ବଳାତ୍କାର ସମୟର ଭିଡିଓ ରେକର୍ଡ଼ କରି ତାଙ୍କୁ ବ୍ଲାକ୍‌ମେଲ କରୁଥିଲେ। ବିବାହ ପ୍ରତିଶ୍ରୁତି ଦେଇ ସେ ତାଙ୍କୁ ପରେ ଛାଡ଼ିଦେଇଥିବା ମହିଳା ଅଭିଯୋଗରେ ଦର୍ଶାଇଥିଲେ। ଅନ୍ୟପକ୍ଷରେ ବ୍ୟକ୍ତିଜଣକ ବିବାହିତ ଜାଣି ମଧ୍ୟ ମହିଳା ତାଙ୍କ ସହ ସମ୍ପର୍କ ରଖିଥିବା ଅଭିଯୁକ୍ତଙ୍କ ଓକିଲ କହିଥିଲେ। ଶୁଣାଣି ପରେ ହାଇକୋର୍ଟ କହିଥିଲେ, ଆପରାଧିକ ମାମଲା ନୁହେଁ ବରଂ ସମ୍ପର୍କ ଭାଙ୍ଗିବା ପରବର୍ତ୍ତୀ ଭାବନାତ୍ମକ ଅସହମତିର ପରିଣାମ। ଉଭୟଙ୍କ ମଧ୍ୟରେ ସହମତିରେ ସମ୍ପର୍କ ରହିଥିଲା ଏବଂ ଅଭିଯୁକ୍ତଙ୍କ ବୈବାହିକ ଜୀବନ ସମ୍ପର୍କରେ ମହିଳା ଜଣକ ଅବଗତ ଥିଲେ। ସୂଚନାଯୋଗ୍ୟ, ଗତ ମାସରେ ଆଲ୍ଲାହାବାଦ ହାଇକୋର୍ଟ ଜଣେ ଛାତ୍ରୀଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଥିଲେ। ପୀଡ଼ିତା ନିଜେ ସମସ୍ୟାକୁ ଡାକିଥିଲେ ବୋଲି ଅଦାଲତ କହିଥିଲେ। ମାର୍ଚ୍ଚ ୧୭ରେ ଅନ୍ୟ ଏକ ମାମଲାରେ ଉକ୍ତ ହାଇକୋର୍ଟ କହିଥିଲେ, ନାବାଳିକାଙ୍କ ସ୍ତନ ସ୍ପର୍ଶ କରିବା ଏବଂ ପାଇଜାମା ଡୋରି ଖୋଲିବା ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ପରିସରକୁ ଆସୁନାହିଁ। ଏହି ବିବାଦୀୟ ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଲଗାଇଥିଲେ।




## ଫୁର୍‌ସତ୍

# ତୁର୍କୀର ବଧିର ଗାଁ

### ଅଧାରୁ ଅଧିକ ଲୋକ ଶୁଣି ପାରନ୍ତିନି

ଆଙ୍କାରା

ବିଶ୍ୱରେ ଏପରି ଏକ ଗ୍ରାମ ରହିଛି, ଯେଉଁଠାରେ ଅଧିକାଂଶ ଲୋକ ଶୁଣିପାରନ୍ତି ନାହିଁ। ଫଳରେ ଏହି ଗ୍ରାମକୁ ବଧିର ଗ୍ରାମ ବୋଲି ମଧ୍ୟ କୁହାଯାଏ। ଏହି ଗାଁ ତୁର୍କୀରେ ଅବସ୍ଥିତ। ତେବେ ଗ୍ରାମର ଅଧିକାଂଶ ଲୋକ ବଧିର ହେବାର କାରଣ ମଧ୍ୟ ଖୁବ୍ ଅଦ୍ଭୁତ, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ବ୍ରିଟିଶ ଖବରକାଗଜ ଦି ସନ୍‌ର ରିପୋର୍ଟ ଅନୁଯାୟୀ, ତୁର୍କୀରେ ଥିବା ଏହି ଗାଁର ନାମ ହେଉଛି ଗୋକୋୱା। ଏହି ଗ୍ରାମରେ ପ୍ରାୟ ୧୨୦ ଲୋକ ବସବାସ କରନ୍ତି, ତେବେ ସେମାନଙ୍କ ମଧ୍ୟରୁ ଅଧାରୁ ଅଧିକ ବଧିର ଅଟନ୍ତି। ତେଣୁ ଗ୍ରାମର ଲୋକେ ପରସ୍ପର ସହ ସାଙ୍କେତିକ ଭାଷାରେ କଥା ହୋଇଥାନ୍ତି। ଗାଁର ଲୋକମାନେ ବଧିର ହେବା ପଛରେ ଏକ ରହସ୍ୟ ମଧ୍ୟ ରହିଛି। ବାସ୍ତବରେ, ଏହି ଗାଁର ଯୁବପିଢ଼ିମାନେ ଅନ୍ୟତ୍ର ବିବାହ ନ କରି ପରିବାର ମଧ୍ୟରେ ହିଁ ସମ୍ପର୍କ ସ୍ଥାପନ କରି ପିଲା ଜନ୍ମ କରିଥାନ୍ତି। ଏହି କାରଣରୁ ଗତ ଅନେକ ଦଶନ୍ଧି ଧରି ଗାଁର ଲୋକଙ୍କ ଜିନ୍‌ରେ ବଧିରତାର ସମସ୍ୟା ରହିଆସୁଥିବା ନେଇ ଧାରଣା ରହିଛି। ଅନ୍ୟପକ୍ଷରେ, ଏଠାରେ ରହୁଥିବା ଲୋକମାନେ ବହୁ ଦଶନ୍ଧି ଧରି ମଇଳା ପାଣି ପିଉଥିବାରୁ ଗାଁର ଅନେକ ଲୋକ ବଧିର ଥିବା ନେଇ କେତେଜଣ ବିଶେଷଜ୍ଞ ଦାବି କରିଛନ୍ତି।

ଦୂଷିତ ଜଳ ପାନ ହେତୁ ଗୋକୋୱା ଗ୍ରାମର ଅଧିକାଂଶ ଲୋକ ବଧିର ହେବା ସହ ବିଭିନ୍ନ ଶାରୀରିକ ଅକ୍ଷମତାରେ ପୀଡ଼ିତ ଅଛନ୍ତି ବୋଲି ସ୍ଥାନୀୟ ମେୟର କହିଛନ୍ତି। ଗ୍ରାମବାସୀ ରହମୀ ସିଜନ୍ କହିଛନ୍ତି, ସମ୍ପ୍ରତି ଗୋକୋୱା ଗ୍ରାମରେ ପ୍ରାୟ ୪୮ ଜଣ ଭିନ୍ନକ୍ଷମ ରହିଛନ୍ତି ଏବଂ ସେମାନେ ତୁରନ୍ତ ଚିକିତ୍ସା ସେବା ଆବଶ୍ୟକ କରୁଛନ୍ତି। ଏଠାକାର ଲୋକଙ୍କ ମଧ୍ୟରେ ଅକ୍ଷମତା ଚରମ ସୀମାରେ ପହଞ୍ଚିଛି, ଯେଉଁଥିରୁ ସେମାନଙ୍କୁ ମୁକ୍ତ କରିବା ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି। ସାତୀ ତୋଜୁନ୍ ନାମକ ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି, ତାଙ୍କର ୩ଟି ଝିଅ ଅଛନ୍ତି, ସେମାନେ ସମସ୍ତେ ମୂକ ଏବଂ ବଧିର। ସେହିପରି ତାଙ୍କ ଭାଉଜଙ୍କ ପିଲାମାନଙ୍କର ମଧ୍ୟ ଶାରୀରିକ ସମସ୍ୟା ରହିଛି। ଗ୍ରାମବାସୀଙ୍କ ଅବସ୍ଥା ପ୍ରତି ସରକାର ଏବଂ ସ୍ଥାନୀୟ ପ୍ରଶାସନ ଆଗ୍ରହ ଦେଖାଉ ନ ଥିବା ସେ ଅଭିଯୋଗ ଆଣିଛନ୍ତି। ସାଙ୍କେତିକ ଭାଷାରେ କଥାବାର୍ତ୍ତା ଯୋଗୁ, ସେମାନେ ନିଜ ନିଜ ମଧ୍ୟରେ କଥା ହୋଇପାରନ୍ତି, କିନ୍ତୁ ବାହାର ଲୋକଙ୍କ ସହ କଥା ହେବା ସେମାନଙ୍କ ପାଇଁ ଖୁବ୍ କଷ୍ଟସାଧ୍ୟ ହୋଇଥାଏ ବୋଲି ତୋଜୁନ୍ କହିଛନ୍ତି।



## ମଡେଲଙ୍କୁ ଡେଟ୍ କରୁଛନ୍ତି ହନି ସିଂ

ମୁମ୍ବାଇ

ପ୍ରେମରେ ପଡ଼ିଛନ୍ତି ଖ୍ୟାତନାମା ରାପର ହନି ସିଂ। ଜଣେ ମଡେଲଙ୍କ ପାଇଁ ତାଙ୍କ ହୃଦୟରେ ଗୀଟାର, ବୀଣା ବାଜିବା ଆରମ୍ଭ ହୋଇଛି। ସଂଗୀତ ଦୁନିଆରେ ଜବରଦସ୍ତ କମ୍‌ବ୍ୟାକ୍ ପରେ ଏବେ ବ୍ୟକ୍ତିଗତ ଜୀବନରେ ବି ଦୁଇପାଦ ଆଗକୁ ବଢ଼ିଛନ୍ତି। ଇଜିପ୍ଟର ମଡେଲ ଏମା ବାକରଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ଏବେ ଚାରିଆଡେ ଚର୍ଚ୍ଚା। ନିକଟରେ ଏମାଙ୍କ ଜନ୍ମଦିନ ପଡ଼ିଥିଲା। ବାସ୍, ପ୍ରେମିକାଙ୍କ ଏହି ଦିନକୁ ସ୍ୱତନ୍ତ୍ର କରିବାକୁ ଅଣ୍ଟା ଭିଡିଥିଲେ ହନି। ଜନ୍ମଦିନ ପାର୍ଟି ଦେବା ସହ ହାତରେ ଏମାଙ୍କ ହାତ ଧରି ସମୟ ବିତାଉଥିବା ନଜର ଆସିଛି। ଏହାର ଭିଡିଓ ଏବଂ ଫଟୋ ସୋସିଆଲ ମିଡିଆରେ ଘୂରିବୁଲୁଛି। ଏଣୁ ପ୍ରଶଂସକ ସମ୍ପର୍କରେ ଏକ ପ୍ରକାର ମୋହର ମାରୁଛନ୍ତି। ପୂର୍ବରୁ ହନିଙ୍କ ନାମ ନୁସରତ ଭରୁଚାଙ୍କ ସହ ଯୋଡ଼ା ଯାଇଥିଲା। ଦୁହେଁ ପ୍ରେମରେ ପଡ଼ିଥିବା କୁହାଯାଇଥିଲା। ହେଲେ ଏନେଇ ଦୁହେଁ ମୁହଁ ଖୋଲି ନ ଥିଲେ। ଏବେ ହନିଙ୍କ ନାମ ଏମାଙ୍କ ସହ ଯୋଡ଼ାଯିବା ପରେ ସେସବୁ ଗୁଜବ ପରି ମନେ ହେଉଛି। ତେବେ ଏ ସମ୍ପର୍କ ବିବାହ ଯାଏ ପହଞ୍ଚିବ କି ନାହିଁ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।






# ତାଣ୍ଡବ ରଚିଲା କାଳବୈଶାଖୀ

**ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)**

## ୨୫ ପର୍ଯ୍ୟନ୍ତ ସତର୍କତା



ରାଜ୍ୟର ବିଭିନ୍ନ ଜିଲାରେ କାଳବୈଶାଖୀ ତାଣ୍ଡବ ରଚିଛି। ବିଭିନ୍ନ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ପବନ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଶୁକ୍ରବାର ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର ସମେତ ବାଲେଶ୍ୱର, ଭଦ୍ରକ, କଟକ, ଖୋର୍ଦ୍ଧା ଆଦି ଅଧିକାଂଶ ଜିଲାରେ ଝଡ଼ବର୍ଷା ହୋଇଥିଲା। ଗଛ ଭାଙ୍ଗିବା ସହ ଫସଲ ନଷ୍ଟ ହୋଇଛି। ପ୍ରବଳ ବର୍ଷା ହେବାରୁ ବିଶେଷକରି ସହରାଞ୍ଚଳରେ ରାସ୍ତାରେ ପାଣିଜମି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବହୁ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିବାବେଳେ କେତେକ ସ୍ଥାନରେ କାଳବୈଶାଖୀଜନିତ ଦୁର୍ଘଟଣା ଦେଖିବାକୁ ମିଳିଥିଲା। ଭୁବନେଶ୍ୱରରେ ସର୍ବାଧିକ ୨୬.୨ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ପୁରୀରେ ୨୬ ମି.ମି., ଢେଙ୍କାନାଳରେ ୨୩.୮, ବାଲେଶ୍ୱରରେ ୧୮, ବାରିପଦାରେ ୧୧, ପାରଳାଖେମୁଣ୍ଡିରେ ୬.୬, କଟକରେ ୩.୨ ଏବଂ ଖୋର୍ଦ୍ଧାରେ ୨.୦ ମି.ମି. ବର୍ଷା ହୋଇଛି। ୨୫ ତାରିଖ ପର୍ଯ୍ୟନ୍ତ ଏପରିସ୍ଥିତି ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯିବା ସହ ଏନେଇ ସତର୍କ ସୂଚନା ଜାରି କରାଯାଇଛି। ଶନିବାର ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକରେ ଘଣ୍ଟାପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହେବାନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହିସବୁ ଜିଲାରେ ବିଶେଷକରି ଅପରାହ୍ଣ ଓ ସନ୍ଧ୍ୟାରେ ଝଡ଼ପବନର ଆଶଙ୍କା ରହିଛି। ସେହିପରି କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲାର କିଛି ସ୍ଥାନରେ ଘଣ୍ଟାପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସହ ଅପରାହ୍ଣ ଓ ସନ୍ଧ୍ୟାରେ ଘଡ଼ଘଡ଼ି ସହ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ଏଥିପାଇଁ ଏହିସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ମାଲକାନଗିରି ଜିଲାରେ ମଧ୍ୟ ଶନିବାର ବର୍ଷା ହୋଇପାରେ। ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ସହ ବିଜୁଳି ଘଡ଼ଘଡ଼ି ବିପଦ ରହିଥିବାରୁ ଏହି ଜିଲାଗୁଡ଼ିକୁ ମଧ୍ୟ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୪ରୁ ୫ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ନାବାଳକଙ୍କ ଶରୀରରେ ପଶିଗଲା ଗ୍ରୀଲ୍

## ଏମ୍ସରେ ଅସ୍ତ୍ରୋପଚାର ପରେ ବାହାରିଲା

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

ଭୁବନେଶ୍ୱରରେ ଶୁକ୍ରବାର ହୋଇଥିବା କାଳବୈଶାଖୀ ସମୟରେ ଏକ ଅଘଟଣ ଘଟିଛି। ଶୁଖାଯାଇଥିବା ଲୁଗା ଆଣିବାକୁ ପାଚେରି ଡେଇଁ ଯାଉଥିବାବେଳେ ଜଣେ ୧୩ ବର୍ଷୀୟ ନାବାଳକଙ୍କ ଗୋଡ ଖସି ଯିବାରୁ ସେ ଗେଟ୍‌ରେ ଲାଗିଥିବା ଲୁହା ଗ୍ରୀଲ୍ ଉପରେ ପଡିଯାଇଥିଲେ। ଫଳରେ ତାଙ୍କ କାଖ ପଟୁ ଏକ ଲୁହା ଗ୍ରୀଲ ପଶି କାନ୍ଧ ପଟେ ବାହାରି ଯାଇଥିଲା। ନୟାପଲ୍ଲୀ ଆଇଆର୍‌ସି ଭିଲେଜରେ ଦିନ ପ୍ରାୟ ୧ଟା ୧୫ରେ ଏହି ଛାତିଥରା ଘଟଣା ଘଟିଥିବାବେଳେ ସୋହନ ଦିଗଲ ନାମକ ନାବାଳକ ଆହତ ହୋଇଛନ୍ତି। ତାଙ୍କ ଘର କନ୍ଧମାଳରେ ହୋଇଥିବାବେଳେ ସେ ଆଇଆର୍‌ସି ଭିଲେଜରେ ପରିବାର ସହ ରୁହନ୍ତି। ଶରୀରରେ ଗ୍ରୀଲ ପଶିଯିବାରୁ ସୋହନ ଜୀବନ ବଞ୍ଚାଇବାକୁ ଚିତ୍କାର କରିଥିଲେ। ଏହାପରେ ପରିବାର ଲୋକଙ୍କ ସହ ଆଖପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ସେକ୍ରେଟାରିଏଟ୍ ଫାୟାର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ ଗ୍ରୀଲକୁ କାଟିଥିଲେ। ଏହାପରେ ଶରୀରରେ ଗ୍ରୀଲ ଲାଗିଥିବା ଅବସ୍ଥାରେ ଆହତ ସୋହନଙ୍କୁ ଆମ୍ବୁଲାନ୍ସରେ ଏମ୍ସର ପେଡିଆଟ୍ରିକ ସର୍ଜରି ବିଭାଗରେ ଭର୍ତ୍ତି କରାଯାଇଥିଲା। ସେଠାରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଅସ୍ତ୍ରୋପଚାର ଆରମ୍ଭ କରିଥିଲା। ତେବେ ବହୁ ସମୟ ଧରି ସତର୍କତାର ସହ ଲୁହା ଗ୍ରୀଲକୁ ବାହାର କରାଯିବା ପରେ ସୋହନଙ୍କୁ ଆଇସିୟୁଇରେ ରଖାଯାଇ ଚିକିତ୍ସା ଚାଲିଥିବା ସୂଚନା ମିଳିଛି।



ସୋହନ ଦିଗଲଙ୍କ କାନ୍ଧରେ ଲୁହା ଗ୍ରୀଲ୍ ପଶି ରହିଛି।

# କୌଣସି ପ୍ରକାର ତ୍ରୁଟି ନ ହେବାକୁ କାର୍ଯ୍ୟ କର: ମୁଖ୍ୟ ଶାସନ ସଚିବ

## ଶୃଙ୍ଖଳିତ ରଥଯାତ୍ରା ପାଇଁ ବୈଠକ

**ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)**

ଚଳିତ ବର୍ଷ ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ଣରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ପ୍ରସ୍ତୁତିରେ ଯେପରି କୌଣସି ପ୍ରକାର ତ୍ରୁଟି ନ ହୁଏ, ସେଥିପ୍ରତି ଦୃଷ୍ଟିଦେଇ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପୋଲିସ ପ୍ରଶାସନ ଓ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ସହ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀ, ରାଜ୍ୟ ପ୍ରଶାସନର ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ପଦାଧିକାରୀ ତଥା ପୋଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଆଭାସି ମାଧ୍ୟମରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ, ପୁରୀର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବ ଏଥିପାଇଁ ଟ୍ରାଫିକ୍ ପରିଚାଳନା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ, ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସଂଖ୍ୟକ ପୋଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ ତଥା ରଥଯାତ୍ରା ପରିଚାଳନା ପାଇଁ ବିଭିନ୍ନ ବିଭାଗର ସେବା ପ୍ରଦାନକୁ ସମନ୍ୱିତ କରିବା ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର, ଯାନବାହନ ପାଇଁ ପାର୍କିଂ ବ୍ୟବସ୍ଥା, ରଥ ନିର୍ମାଣ ପ୍ରସ୍ତୁତି, ରଥଟଣା ସୁବ୍ୟବସ୍ଥା, ବଡ଼ଦାଣ୍ଡର ପ୍ରସ୍ତୁତି, ବିଶିଷ୍ଟ ଅତିଥିମାନଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି।

# ରେଳ ଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଜବତ

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

ଭୁବନେଶ୍ୱର ମଞ୍ଚେଶ୍ୱର ରେଳଷ୍ଟେଶନର ପ୍ଲାଟ୍‌ଫର୍ମ ନଂ.୪ ରେଳ ଧାରଣରୁ ଜଣେ ଯୁବକଙ୍କ ମୃତଦେହ ମିଳିଛି। ତାଙ୍କ ପରିଚୟ ଓ ମୃତ୍ୟୁର କାରଣ ଜଣାପଡି ନାହିଁ। ଟ୍ରେନ ଧକ୍କା କିମ୍ବା ଚଳନ୍ତା ଟ୍ରେନରୁ ଖସି ପଡିବାରୁ ଏଭଳି ଅଭାବନୀୟ ଘଟଣା ଘଟିଥିବା ଅନୁମାନ କରାଯାଉଛି। ଖବରପାଇ ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲର ବ୍ୟବଚ୍ଛେଦ ଗୃହରେ ରଖିଛି। ଏହାସହ ମୃତକ ଯୁବକଙ୍କ ପରିଚୟ ଜାଣିବାକୁ ଉଦ୍ୟମ କରିବା ସହ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାହାର ଅଧିକ ତଦନ୍ତ ଚଳାଇଛି।



*Fuel efficiency as certified by test agency under Rule 115 of CMVR 1989. #The claim 'India's Most Fuel-Efficient Sedan' is supported by JATO Dynamics certificate dated 08th October 2024. Terms & Conditions apply. Features and accessories shown may not be part of standard fitment. Images used are for illustration purposes only. Black glass on the vehicle is due to lighting effect. Car colour shown may vary from actual body colour due to printing on paper. **3 years or 100 000 km whichever is earlier.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜାତୀୟ ସୁମିଟ୍, ସ୍ଥାନ: କ୍ରିଷ୍ଟାଲ ହଲ୍, ମେ ଫେୟାର କନ୍‌ଭେନଶନ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମାସ୍ତ୍ର ୩.୦ କାର୍ଯ୍ୟକ୍ରମ, ସ୍ଥାନ: ଇନ୍‌ଡୋର ଅଡିଟୋରିୟମ୍, ରିଜିଓନାଲ କଲେଜ ଅଫ୍ ମ୍ୟାନେଜମେଣ୍ଟ, ସମୟ: ଅପରାହ୍ନ ୨ଟା ୩୦।
- ଅଭିନନ୍ଦନିକା ଗ୍ରନ୍ଥ 'ନିଆରା ନକ୍ଷତ୍ର' ଲୋକାର୍ପଣ ଉତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା।
- ହିନ୍ଦୀ ଗଳ୍ପ ସଂକଳନ 'କୁଛ୍ ପନ୍ନେ ଜିନ୍ଦେଗୀ ସେ' ଉନ୍ମୋଚନ, ସ୍ଥାନ: ଆଇଏମ୍‌ଏମ୍‌ଟି, କନ୍‌ଭେନସନ ହଲ୍, ସମୟ: ସନ୍ଧ୍ୟା ୬ଟା।

## କଟକ

- ଅଭିଭାବକ ଓ ଶିକ୍ଷକ ବୈଠକ, ସ୍ଥାନ: ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପରିସର, ନୂଆପାଟଣା, ଟିଗିରିଆ, ସମୟ: ସକାଳ ୯ଟା।
- ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ରେଳଯାତ୍ରୀଙ୍କ ସମସ୍ୟା ସମାଧାନ ଦାବିରେ ବିକ୍ଷୋଭ, ସ୍ଥାନ: କଟକ ରେଳଷ୍ଟେଶନ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଭାଷା ପ୍ରକାଶନ ପକ୍ଷରୁ ବୈଶାଖୀ ଉତ୍ସବ, କବିତା ପାଠ ଓ ସାରସ୍ୱତ ସମାରୋହ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ : ଅପରାହ୍ନ ୪ଟା ୩୦।

## ବାଲେଶ୍ୱର

- ସାର୍ବଜନୀନ ଚଉଦମାଦଳ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ଜହତା ଶିବ ମନ୍ଦିର ପଡ଼ିଆ, ରୂପସା, ସମୟ: ଦିବସବ୍ୟାପୀ।
- ଶମ୍ଭୁନାଥ ସରକାରୀ ହାଇସ୍କୁଲର ପ୍ଲାଟିନମ୍ ଜୟନ୍ତୀର ଦ୍ୱିତୀୟ ଦିବସ, ସ୍ଥାନ: ବସ୍ତା, ସମୟ: ଦିବସବ୍ୟାପୀ।
- ମା' ଶୀତଳା ଓ ତାରିଣୀ ମାତାଙ୍କ ଘଟତ୍ତୋଳନ, ସ୍ଥାନ: ୟୁନାଇଟେଡ୍ କ୍ଲବ ପ୍ରାଙ୍ଗଣ, ଦୁବଲାଗଡ଼ି, ସମୟ: ଦିବସବ୍ୟାପୀ।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଦଶମ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୧ଟା।

## ଭଦ୍ରକ

- ଜଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗୋବିନ୍ଦପୁର ପଙ୍ଗୀରା ଶାସନ, ବନ୍ତ, ସମୟ: ସକାଳ ୯ଟା।
- ଗଗନ ଗୁରୁଜୀଙ୍କ ପ୍ରବଚନ, ସ୍ଥାନ: ପରମ ବୈଷ୍ଣବୀ ମନ୍ଦିର, ସାବରଙ୍ଗ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଶନି ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ବର୍ଦ୍ଧନପୁର, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଶନି ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦି ଛକ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ଟା।
- ସତ୍ୟସାଇ ବାବାଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ମରେଇଗାଁ, ଛେନାପଦି, ସମୟ: ସକାଳ ୮ଟା।
- ଶ୍ରୀ ଶନି ଗ୍ରହଙ୍କ ମନ୍ଦିରରେ ମାନସିକ ମେଳା, ପୂଜା ଏବଂ ଭଜନ, ସ୍ଥାନ : ମୋଟରାଗଡିଆ, ଛେନାପଦୀ, ହାଟଡ଼ିହୀ, ସମୟ : ସକାଳ ୭ଟା ଏବଂ ସନ୍ଧ୍ୟା ୭ଟା।
- ଅଷ୍ଟମ ପ୍ରହରୀ ନାମଯଜ୍ଞ ଶୁଭାଧିବାସ, ସ୍ଥାନ: ବଡ଼ରମ୍ପାସ, ଛେନାପଦି, ସମୟ: ସନ୍ଧ୍ୟା ୮ ଟା।
- ଶ୍ରୀ ସତ୍ୟ ନାରାୟଣଙ୍କ ପାଲା ଉତ୍ସବ, ସ୍ଥାନ : ଭଗବତୀ ପୀଠ ବଳଭଦ୍ରପୁର, ହାଟଡ଼ିହୀ, ସମୟ : ରାତି ୯ ଟା।

## ମୟୂରଭଞ୍ଜ

- ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ, ନୃସିଂହ ବେଶ ଦର୍ଶନ, ସ୍ଥାନ: ଉଦଳା ହାଇସ୍କୁଲ ଛକ, ବ୍ଲକ ରୋଡ୍, ସମୟ: ସକାଳ ୬ଟା ୩୦।
- ଶନିଦେବଙ୍କ ପୀଠରେ ୪୪ତମ ବାର୍ଷିକ ଉତ୍ସବ, ସ୍ଥାନ: ୱାଲିଗ ବାରିପଦା, ସମୟ: ସକାଳ ୭ ଟା।
- ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍, ସ୍ଥାନ: ଇଣ୍ଡୋର ଷ୍ଟାଡ଼ିୟମ, ବାରିପଦା, ସମୟ: ସକାଳ ୯ ଟା।
- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୯ ଟା।
- ବଳାଙ୍ଗୀ ମହୋତ୍ସବ, ସ୍ଥାନ: ବୁଢ଼ାରାଉଳ ମଠ ସନ୍ନିକଟ ବାରିପଦା, ସମୟ: ସନ୍ଧ୍ୟା ୭ ଟା।
- ନାଟ୍ୟ ମହୋତ୍ସବର ନାଟକ 'ଶୂନ୍ୟ ଇଲାକାର ପକ୍ଷୀ', ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା, ସମୟ: ସନ୍ଧ୍ୟା ୭ ଟା।

## ଢେଙ୍କାନାଳ

- ଭାଗୀରଥି ସାଗର ସୁରକ୍ଷା ପାଇଁ ବୈଠକ, ସ୍ଥାନ: ନୂଆ ପୋଖରୀ ନେହେରୁ ପାର୍କ, ସମୟ: ସନ୍ଧ୍ୟା ସାଢେ ୫ଟା।

## ଜଗତ୍‌ସିଂହପୁର

- ଛାତ୍ରୀଛାତ୍ରଙ୍କୁ ନେଇ ଗ୍ରୀଷ୍ମକାଳୀନ ଶିବିର, ବେଥାନୀ କନ୍‌ଭେଣ୍ଟ ସ୍କୁଲ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ଜମ୍ବୁଦ୍ୱୀପ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ରାମଚଣ୍ଡୀ ମନ୍ଦିର ପରିସର, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ସ୍ୱପ୍ନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହର ୨ୟ ଦିବସ, ସ୍ଥାନ: ଧର୍ମଶାଳା ବ୍ଲକ, ମହିଶରା ପଞ୍ଚାୟତ ବାଟୀଜୋଡ଼ାସ୍ଥିତ ବିଦ୍ୟାଳୟ ପରିସର, ସମୟ: ସକାଳ ୭ଟା।

## ନୟାଗଡ଼

- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଓଡ଼ଗାଁ କପର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଓଡ଼ଗାଁ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦.୩୦ ଟା।
- ପଣା ସଂକ୍ରାନ୍ତି ଯାତ୍ରାର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ମା' ଦକ୍ଷିଣକାଳୀଙ୍କ ପୀଠ, ସମୟ: ଅପରାହ୍ନ ୫ଟା।
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ୧୪ ତମ ଦିବସରେ ବାଳିବଧ ଓ ସୁଗ୍ରୀବ ଅଭିଷେକ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା।
- ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଡିଏଭି ପବ୍ଲିକ ସ୍କୁଲ, ନୟାଗଡ଼, ସମୟ: ସନ୍ଧ୍ୟା ୬ଟା।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ସୀତା ଚୋରି, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ: ରାତି ୧୦ଟା।

## ରାୟଗଡ଼ା

- ନୋଡାଲ ହାଇସ୍କୁଲରେ ପିଟିଏ ବୈଠକ, ସ୍ଥାନ: ହାଇସ୍କୁଲ ଶ୍ରେଣୀ ଗୃହ ପରିସର, ମୁନିଗୁଡା, ସମୟ: ସକାଳ ୯ଟା।
- ସ୍ଥାୟୀ ବିକାଶ ପାଇଁ ସ୍ମାର୍ଟ ମେଟେରିଆଲ ଉପରେ ଆନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ନବରଙ୍ଗପୁର

- ଅବିଭକ୍ତ ମୂଳ ନିବାସୀ ବିକାଶ ପରିଷଦର ଖବରଦାତା ସମ୍ମିଳନୀ, ସ୍ଥାନ: ଅଧ୍ୟକ୍ଷଙ୍କ ବାସଭବନ
- ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ନୂତନ ରାମ ମନ୍ଦିର, ପୂଜାରୀପୁଟ, କୋରାପୁଟ, ସମୟ: ସକାଳ ୬ଟା ୩୦।
- ରାଧାକୃଷ୍ଣ ମନ୍ଦିର ବାର୍ଷିକ ଉତ୍ସବ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ମରିଚମାଳ ନଦୀ, ମାଥାଲପୁଟ, ସମୟ: ସକାଳ ୭ଟା।
- ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ : ସକାଳ ୮ ଟା।
- ପାକୁଲି ଦେବୀଙ୍କ ଚଇତ ପରବ ଡଙ୍ଗର ଯାତ୍ରା, ସ୍ଥାନ: ମାଳି ପର୍ବତ ପାକୁଲି ଗୁମ୍ଫା, ସେମିଳିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚପଟ୍ଟମାଳି ନାଟକ ପ୍ରତିଯୋଗିତା ୩ୟ ସନ୍ଧ୍ୟା, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ନାଲକୋ ଟାଉନଶିପ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା ୩୦।

## ସମ୍ବଲପୁର

- ଶ୍ରୀଶ୍ରୀ ପଣ୍ଡିତ ମହାସଭା ଆୟୋଜିତ ଶ୍ରୀଶ୍ରୀ ଶତଚଣ୍ଡି ମହାଯଜ୍ଞ ଶୁଭାରମ୍ଭ, ସ୍ଥାନ:ମନ୍ଦଲିଆ ସମଲେଶ୍ୱରୀ ମହାବିଦ୍ୟାଳୟ ପରିସର, ସମୟ:ସକାଳ ୮ଟା।
- ଆଇଆଇଏମ ସମ୍ବଲପୁରର ସମାବର୍ତ୍ତନ ଉତ୍ସବ, ସ୍ଥାନ : କୋଣାର୍କ ପ୍ରେକ୍ଷାଳୟ, ସମୟ: ସକାଳ ୮ଟା୩୦।
- ଏମସିଏଲ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ : ବୁର୍ଲା ସ୍ଥିତ ସ୍କୁଲ ପରିସର, ସମୟ ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଟିଟିଲାଗଡ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ ଏବଂ ବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସ୍‌ର ଶିଳାନ୍ୟାସ, ସ୍ଥାନ: ବ୍ଲକପଡା/ରେଲୱେ କଲୋନୀ, ଟିଟିଲାଗଡ,ସମୟ: ସକାଳ ୯ଟା ୪୫ ମିନଟ।
- ପାଟଣାଗଡ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ ଏବଂ ବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସର ଶିଳାନ୍ୟାସ, ସ୍ଥାନ: ଉଲ୍‌ବା, ପାଟଣାଗଡ,ସମୟ: ୧୧ଟା ୪୫ ମିନିଟ୍
- ଓଭୋ ଫାର୍ମ ଏଗ୍ ପ୍ରୋସେସିଂ ପ୍ଲାଣ୍ଟ, ସ୍ଥାନ: ବରକାନୀ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।
- ମାସିକ ରଚନା ସନ୍ଧ୍ୟାରେ 'ଜାତୀୟ ଶିକ୍ଷାନୀତି ୨୦୨୦: ଆଶା ଓ ଆଶଙ୍କା' ଆଲୋଚନା, ସ୍ଥାନ: ଟାଉଦ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ମା' ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମୁଣ୍ଡାବସ୍ତି, ସେକ୍ଟର-୧୭, ସମୟ: ସକାଳ ୬ଟା ୩୦।
- ଗାୟତ୍ରୀ ପୀଠରେ ସାମୂହିକ ହୋମଯଜ୍ଞ, ସ୍ଥାନ: ସେକ୍ଟର-୨ ଗାୟତ୍ରୀ ପୀଠ, ସମୟ: ସକାଳ ୭ଟା।
- ସୁଶୀଳାବତୀ ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲ କଲେଜରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟୁତ୍ ଉପଭୋକ୍ତା ବୈଠକ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ହୋମିଓପାଥିକ୍ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମା' ବାଟ ମଙ୍ଗଳା ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବୁରୋମୁଣ୍ଡା, ଗାଇସିଲେଟ୍, ସମୟ: ସକାଳ ୮ଟା।
- ମହନୀ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଚତୁର୍ଦ୍ଦଶ ଦିବସ ନାଟକ ଇନ୍ଦ୍ରଜିତ ବଧ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଚତୁର୍ଦ୍ଦଶ ଦିବସ ନାଟକ ବୀରବାହୁ ବଧ ଓ ରାମ ରାବଣ ସମର ଶୋଭାଯାତ୍ରା, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ:ଶନି ମନ୍ଦିର ପରିସର, ସମୟ:ସନ୍ଧ୍ୟା ୬ଟା।
- ତରଭା ବ୍ଲକ କମସରା ରାମଲୀଳାର ଅନ୍ତିମ ଦିବସ ଓ ରାମ ଅଭିଷେକ ନାଟକ ପରିବେଷଣ, ସ୍ଥାନ:କମସରା ରାମଲୀଳା ମଣ୍ଡପ, ସମୟ:ରାତି ୯ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: ନୂଆପଡ଼ା ବ୍ଲକ ଟାନୱାଟ ପଞ୍ଚାୟତ ଲୁକୁପାଲି ଗାଁ, ସମୟ: ପ୍ରାତଃ ୫ଟା।
- ଯୋଗବେଦାନ୍ତ ସେବା ସମିତି ସନ୍ଥ ଶ୍ରୀ ଆଶାରାମ ବାପୁ ଆଶ୍ରମ ଜାମିଳି ନୂଆପଡ଼ା ପକ୍ଷରୁ ଶିବିର, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଟେନନୂଆଁ ଆଶ୍ରମ ବିଦ୍ୟାଳୟ, ସମୟ: ସକାଳ ୮ଟା।
- କର୍ମା ମାତା ଜୟନ୍ତୀ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଳଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ସକାଳ ୭ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଅଁଳାସୁବା ଗାଁ, ସମୟ: ପ୍ରାତଃ ୪ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ, ସ୍ଥାନ: ଖଡିଆଳ ବ୍ଲକ ଚଲାନପଡ଼ା ଗାଁ, ସମୟ: ପ୍ରାତଃ ୪ଟା ୨୦।

## ଝାରସୁଗୁଡ଼ା

- ୧୭ ବର୍ଷରୁ କମ ଆନ୍ତଃ ରାଜ୍ୟ ମହିଳା ହକି ଟୁର୍ନାମେଣ୍ଟ, ସ୍ଥାନ: ହକି ଷ୍ଟାଡିୟମ, ଏଚ. କଣ୍ଟାପାଲି, ସମୟ: ସକାଳ ୮ଟା।
- ହନୁମାନ ମନ୍ଦିରରେ ପାଞ୍ଚ ଉପଚାର ପୂଜା ଓ ଚାଳିଶା ପାଠ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶୁକ୍ର ଉଚ୍ଚରାଶିରେ ଅବସ୍ଥାନ କରୁଥିବାରୁ ପରିଜନଙ୍କ ସହିତ ସକାଳୁଆ ଯାତ୍ରା ପ୍ରୀତିପ୍ରଦ ହେବ। ଅର୍ଥଲାଭ ସହ କାର୍ଯ୍ୟସିଦ୍ଧି ଘଟିବାରେ ସହକର୍ମୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଆଶା ପୂରଣ ହେବାର ସୂଚନା ରହିଛି। କଳା, ସାହିତ୍ୟ, ସଙ୍ଗୀତ ଓ ଲେଖାପଢ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ବୃଷ** କର୍ମାଧିପ ଏକାଦଶସ୍ଥ ଯୋଗୁ ଯେଉଁ କାମରେ ହାତ ଦେବେ ସଫଳ ହେବେ। ଲାଗି ରହିଥିବା ସଂକଟ ଦୂରେଇଯିବାରୁ ଟେନ୍‌ସନ କମିଯିବ। ବୁଧଙ୍କ ସହ ଶୁକ୍ରଙ୍କ ସଂଯୋଗରୁ ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ବାଣିଜ୍ୟ, ପରିବହନ, ଚୁକ୍ତିପତ୍ର, କଳା, କାରିଗରି କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ଆଜି ବୁଧ ଏକାଧିକ ଗ୍ରହ ସଂଯୋଗରେ ଥିବାରୁ ସମ୍ପର୍କୀୟଙ୍କ ସହଯୋଗରେ କାମ ହାସଲ କରିବେ। ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଶୁକ୍ର ଉଚ୍ଚସ୍ଥ ଓ ପାପଗ୍ରହ ଯୁକ୍ତ ଯୋଗୁ ସଙ୍ଗଦୋଷରୁ ଅପଦସ୍ଥ ହୋଇପାରନ୍ତି। ଉଚ୍ଚପଦାଧିକାରୀଙ୍କ ନିକଟରେ ଅସୁବିଧା କଥା କହିବାରେ ପଛେଇଯିବେ।

**କର୍କଟ** ରାଶ୍ୟାଧିପତି ଷଷ୍ଠସ୍ଥାନରେ ଥିବାରୁ ଦୃଢ଼ ପଦକ୍ଷେପ ନେଇ କାମ ହାସଲ ପାଇଁ ଚେଷ୍ଟିତ ହେବେ। କୌଣସି ବିବାଦୀୟ ମନ୍ତବ୍ୟ ଦେଇ ପରିସ୍ଥିତିକୁ ଗମ୍ଭୀର କରିପାରନ୍ତି। ବନ୍ଧୁମାନଙ୍କ ସହାୟତାରେ ଦୀର୍ଘଦିନରୁ ଆଶା କରିଥିବା ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ସାମାଜିକ ସ୍ତରରେ ଅସହିଷ୍ଣୁ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ।

**ସିଂହ** ଭାଗ୍ୟ ସ୍ଥାନରେ ରାଶ୍ୟାଧିପତି ଥିବାରୁ ଯାହା ପାଇବାକୁ ଚାହୁଁଛନ୍ତି ତାହା ଦ୍ୱିତୀୟସ୍ଥ ଚନ୍ଦ୍ରଙ୍କ କୃପାରୁ ନିଶ୍ଚିତ ପ୍ରାପ୍ତ ହେବ। ସକାଳୁ ଆତ୍ମୀୟଙ୍କର ଦୂରଭାଷ ଆପଣଙ୍କ ମନକୁ ଆମୋଦିତ କରିପାରେ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ଏଜେନ୍ସି, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** ଏକାଧିକଗ୍ରହ ରାଶିକୁ ଅବଲୋକନ କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭ ଅବଶ୍ୟମ୍ଭାବୀ। କେତେକ ମୁଷ୍ଟିମେୟ ଲୋକଙ୍କ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ନିର୍ମାଣାଧୀନ କାର୍ଯ୍ୟ ଏବଂ କଚେରି ମାମଲାର ବିଚାର ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବନ୍ଧୁଙ୍କ ନିକଟରୁ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ।

**ତୁଳା** ଶନି ଯୁକ୍ତ ଶୁକ୍ର ଯୋଗୁ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ। ପର କଥାରେ ପ୍ରଭାବିତ ହୋଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଅଭାବ ନଥିଲେ ମଧ୍ୟ ପ୍ରିୟଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ମନ ଉଦ୍‌ବେଗ ରହିବ।

**ବିଛା** ଧନ ସ୍ଥାନରେ ଚନ୍ଦ୍ର ଥିବାରୁ ଦିନଟି ଭଲରେ ଅତିବାହିତ ହେବ ଓ ଆବଶ୍ୟକ ଜିନିଷ ପ୍ରାପ୍ତିରେ ଅସୁବିଧା ରହିବ ନାହିଁ। ଖର୍ଚ୍ଚାନ୍ତ ହେଲେ ମଧ୍ୟ ମନ ମୋହିଲା ଭଳି କଥା କହି କାମକୁ ଶୃଙ୍ଖଳିତ କରିବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିପାରେ। ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ଅଯଥା ଅଶାନ୍ତି ସୃଷ୍ଟି କରିପାରେ।

**ଧନୁ** ଅଷ୍ଟମାଧିପତି ରାଶିସ୍ଥ ଯୋଗୁ ଘରେ ଅଭାବ ଅସୁବିଧା ନଥିଲେ ମଧ୍ୟ କେତେକ ଅପୂରଣୀୟ ଅଭିଳାଷ ମନକୁ କ୍ଷତବିକ୍ଷତ କରାଇବ। କର୍ମକ୍ଷେତ୍ରରେ ଦୁଷ୍ଟଲୋକଙ୍କ କୁଟଚକ୍ରାନ୍ତ ଜନିତ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଆଜି ଦୂରଯାତ୍ରା କରି ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର** ଧର୍ମଭାବକୁ ଚାରୋଟି ଗ୍ରହ ଅବଲୋକନ କରୁଥିବାରୁ ଧର୍ମକାର୍ଯ୍ୟ, ଯାନିଯାତ୍ରା, ସତ୍‌ସଙ୍ଗରେ ସାମିଲହୋଇ ଆତ୍ମତୃପ୍ତି ଲଭିବେ। ଶ୍ରବଣା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ରହୁଥିବାରୁ ଠିକ୍ ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ। ପ୍ରଶାସନିକ ସ୍ତରରେ ଯୁକ୍ତିତର୍କ ନକରି ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ।

**କୁମ୍ଭ** ଆଜି ମୁଖଭାବସ୍ଥ ପାପଗ୍ରହଙ୍କ ସ୍ଥିତି ଯୋଗୁ ମାପିଚୁପି କଥାବାର୍ତ୍ତା କରିବା ଭଲ ନଚେତ୍ ବିବାଦକୁ ନିମନ୍ତ୍ରଣ କରିବାକୁ ପଡ଼ିପାରେ। ଏହା ସାଙ୍ଗକୁ ପିଲାଙ୍କ ସମସ୍ୟା ମୁଣ୍ଡବ୍ୟଥାର କାରଣ ହୋଇଯିବ। ବନ୍ଧୁଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଈର୍ଷାନ୍ୱିତ ହୋଇ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି।

**ମୀନ** ଆପଣଙ୍କ ସକାଶେ ସଙ୍କୋଚତା ପରୋକ୍ଷ ପ୍ରଶଂସା ସୃଷ୍ଟି କଲେ ମଧ୍ୟ ପ୍ରତ୍ୟକ୍ଷ ସମସ୍ୟା ସୃଷ୍ଟି କରିବ। ଅଭାବ ନ ରହିଲେ ମଧ୍ୟ ପାରିବାରିକ ସମସ୍ୟା ଦେଖାଦେବ। ପରିସ୍ଥିତିରେ ବୈଷମ୍ୟ ରହିଲେ ମଧ୍ୟ ନକାରାତ୍ମକ ଚିନ୍ତାଧାରା ବିବ୍ରତ କରିପାରିବେ ନାହିଁ। ଅସହିଷ୍ଣୁ ମନୋଭାବରୁ ନିଜ ଲୋକ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

ଆଜି ଏପ୍ରିଲ ୧୯ ତାରିଖ, ବୈଶାଖ କୃଷ୍ଣ ଷଷ୍ଠୀ, ଶନିବାର, ରାଶିନକ୍ଷତ୍ର-ଦିବା ଘ. ୧୦।୨୦ ମି. ଗତେ ପୂର୍ବାଷାଢ଼ା/ ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦/୧୧ ଗତେ ଘ.୦୧/୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୮/୩୭ ଗତେ ଘ.୧୦/୧୧ ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପର ଲୁଗା ପିନ୍ଧି ଯାତକୁ ଯାଏ**
**ପଚାରିଲେ ମୁଣ୍ଡ ଟୁଙ୍ଗାରୁ ଥାଏ ।**

ଅନ୍ୟ ଲୋକର ପ୍ରଦତ୍ତ ପରିଧାନ ପିନ୍ଧିଥିବା ଲୋକ ନିଜର ବୋଲି କହିବାର କିଛି ଜୋର ନ ଥାଏ। ଏପରି ଦାନ ସୂତ୍ରରେ ମିଳିଥିବା ପରିଧାନରେ ଆବୃତ ହୋଇଥିବା ଲୋକର ମନୋଭାବକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପର ପୁଅ ମଲା**
**ନା ରୋଗ ବାହାରେ ବାହାରେ ଗଲା ?**

ଅନେକ କ୍ଷେତ୍ରରେ ନିଜ ଉପରୁ ଦୋଷ ଖସାଇବାକୁ ଯାଇ ଅନ୍ୟ ଉପରେ ଦୋଷ ଲଦି ଦିଆଯାଉଥିବାର ଦେଖିବାକୁ ମିଳିଥାଏ। ଅନ୍ୟ ମୁଣ୍ଡରେ ଦୋଷ ଲଦା ହୋଇଗଲେ ଦାୟିତ୍ୱରେ ଥିବା ଲୋକ ସେ ଦୋଷୀ ହେଉ କିମ୍ବା ନିର୍ଦ୍ଦୋଷ ରକ୍ଷା ପାଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତିର ଆଚାର୍ଯ୍ୟ କାର୍ଯ୍ୟଶାଳା



କାର୍ଯ୍ୟଶାଳା ଉଦ୍‌ଘାଟନ ଅବସରରେ ଦୁର୍ନୀତି ନିବାରଣ ବିଭାଗ ଡିଏସ୍‌ପି ସବିତାଞ୍ଜଳୀ ନାୟକଙ୍କ ସହ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର,୧୮।୪(ସୁଚିସ୍ମିତା ସାହୁ)**

ବ୍ରହ୍ମପୁର ନୀଳକଣ୍ଠନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗଞ୍ଜାମ, ଗଜପତି ଓ ଫୁଲବାଣୀ ବିଭାଗର ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କୁ ନେଇ ଗୁରୁବାର ଦକ୍ଷିଣପୂର୍ବ ସମ୍ଭାଗସ୍ତରୀୟ ମାଧ୍ୟମିକ ବିଭାଗର ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଦୁର୍ନୀତି ନିବାରଣ ବିଭାଗର ଡିଏସ୍‌ପି ସବିତାଞ୍ଜଳୀ ନାୟକ ଯୋଗଦେଇ ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ଟ୍ରେନିଂ କ୍ୟାମ୍ପର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାମନ୍ଦିର ବିଭାଗର ଅଧ୍ୟକ୍ଷ ଏସ୍. ମୋହନ ରାଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିକାଶ ସମିତି ଓଡ଼ିଶାର ଦକ୍ଷିଣପୂର୍ବ ସମ୍ଭାଗ ସମ୍ପାଦକ ଦୀପକ ମହାରଣା କାର୍ଯ୍ୟଶାଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଭାଗ କାର୍ଯ୍ୟବାହ ମନୋଜ ଚୌଧୁରୀ ସମାଜରେ ଶତାବ୍ଦୀର ପଞ୍ଚ ପରିବର୍ତ୍ତନ ଯଥା ସାମାଜିକ ସମରସତା, କୁଟୁମ୍ବ ପ୍ରବୋଧନ, ପର୍ଯ୍ୟାବରଣ, ସ୍ୱବୋଧ ଓ ନାଗରିକର କର୍ତ୍ତବ୍ୟ ଉପରେ କହିଥିଲେ। ପରିଚାଳନା ସମିତି ଅଧ୍ୟକ୍ଷ ଜୀବାନନ୍ଦ ତ୍ରିପାଠୀ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଫୁଲବାଣୀ ବିଭାଗର ନିରୀକ୍ଷକ ପଦ୍ମନାଭ ସାମଲ ସାମୂହିକ ପରିଚୟ ଓ ଗଟ ବିଭାଜନ କରିଥିଲେ। ଗଞ୍ଜାମ ବିଭାଗର ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାନ୍ତ ପରୀକ୍ଷା ପ୍ରମୁଖ ମନୋଜ ଦାଶ, ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ନରସିଂହ ଚୌଧୁରୀ, ହରେକୃଷ୍ଣ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଇଂ. ମମତା କୁମାରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଡ଼ିଗଲେ ୩ ଛାତ୍ର

**ଚମ୍ପୁଆ,୧୮।୪(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଅଞ୍ଚଳରେ ଶୁକ୍ରବାର ପୃଥକ ଘଟଣାରେ ୩ ଛାତ୍ର କେଶରୀକୁଣ୍ଡ ଓ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। କେନ୍ଦୁଝର ଓ ମୟୂରଭଞ୍ଜ ସୀମାରେ ପ୍ରବାହିତ ବୈତରଣୀ ନଦୀର କେଶରୀକୁଣ୍ଡରେ ବୁଡ଼ି କେରଳା ସ୍କୁଲର ଦଶମ ଶ୍ରେଣୀ ଛାତ୍ର ନୀତିଶ ପୋଦାର ଓ ତାଙ୍କ ସାଙ୍ଗ ପ୍ରୀତମ ମହାନ୍ତ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ଏକ ଘଟଣାରେ ରାମଚନ୍ଦ୍ରପୁର ରଘୁଆଳ ସାହି ପୋଖରୀରେ ବୁଡ଼ି ଅଶିକ ମୁଣ୍ଡା ନାମକ ଛାତ୍ରଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଓ ମୟୂରଭଞ୍ଜ ସୀମାରେ ପ୍ରବାହିତ ବୈତରଣୀ ନଦୀର କେଶରୀକୁଣ୍ଡଠାରେ ନୀତିଶ, ପ୍ରୀତମଙ୍କ ସମେତ ୬ ସାଙ୍ଗ ଅପରାହ୍ନ ୨ଟାରେ ଗାଧୋଇଥିଲେ। ଅସାବଧାନତାବଶତଃ ନୀତିଶ ଓ ପ୍ରୀତମ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଉପଜିଲାପାଳ ଉମାକାନ୍ତ ପରିଡ଼ା ଡାକ୍ତରଖାନାରେ ପହଞ୍ଚି ମୃତଛାତ୍ରଙ୍କ ସାଙ୍ଗମାନଙ୍କୁ ଦୁର୍ଘଟଣା ବିଷୟରେ ପଚାରି ବୁଝିଥିଲେ। ଖବର ଲେଖାହେବା ବେଳକୁ ପୋଲିସ ପହଞ୍ଚି ନ ଥିଲା।

ସେହିପରି ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ରଘୁଆଳ ସାହି ମାଉସୀଘରେ ରହି ପାଠ ପଢୁଥିବା ଅଶିକ ସକାଳ ୯ଟା ୩୦ ସମୟରେ ପୋଖରୀକୁ ଯାଇଥିଲେ। ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିଲେ। ସାଙ୍ଗମାନେ ନିକଟରେ କାମ କରୁଥିବା ଲୋକଙ୍କୁ ଜଣାଇବା ପରେ ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଛାତ୍ରଙ୍କୁ ଉଦ୍ଧାର କରି ବାସୁଦେବପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା(ନଂ. ୧୨/୨୫)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚମ୍ପୁଆ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି।

# କୃଷିଭିତ୍ତିକ ପ୍ରଶିକ୍ଷଣ ନେବାକୁ ମାଲେସିଆ ଗଲେ ୧୪ ଚାଷୀ



ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)

ଓଡ଼ିଶା ଜଳବାୟୁ ସହନଶୀଳ କୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆର୍ଏ) ଅଧୀନରେ ୨୮ ଜଣିଆ କୃଷକ ଏବଂ ଅଧିକାରୀଙ୍କ ପ୍ରଶିକ୍ଷଣ ଭିତ୍ତିକ ମାଲେସିଆ ଗସ୍ତକୁ ପତାକା ଦେଖାଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଶୁଭାରମ୍ଭ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ କୃଷି ଭବନ ଅଡିଟୋରିଅମ୍ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୧୪ ଜଣ କୃଷକଙ୍କ ସମେତ ୧୪ ଜଣ ଅଧିକାରୀଙ୍କୁ ନେଇ ଗଠିତ ଏହି ୨୮ ଜଣିଆ ଟିମ ଶନିବାର ଠାରୁ ସପ୍ତାହବ୍ୟାପୀ ମାଲେସିଆ ଗସ୍ତରେ ଯାଇ କୃଷିଭିତ୍ତିକ ପ୍ରଶିକ୍ଷଣ ନେବେ। ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା, ଲକ୍ଷ୍ନୌ ସ୍ଥିତ ବ୍ୟାଙ୍କର୍ସ ଇନଷ୍ଟିଚ୍ୟୁଟ ଅଫ୍ ରୁରାଲ ଡେଭଲପମେଣ୍ଟ(ବିଆଇଆର୍‌ଡି) ଏବଂ ନାବାର୍ଡର ମିଳିତ ଆୟୋଜନରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହେଉଛି।

କନକ ବର୍ଦ୍ଧନ ସିଂହଦେଓ ଉଭୟ କୃଷକ ଓ ଅଧିକାରୀଙ୍କୁ ମାଲେସିଆ ଗସ୍ତ ନିମନ୍ତେ ଶୁଭେଚ୍ଛା ପ୍ରଦାନ କରି ପାରମ୍ପରିକ କୃଷି ସହିତ ବୈଜ୍ଞାନିକ ପଦ୍ଧତି ତଥା ଯନ୍ତ୍ରପାତିର ବ୍ୟବହାର ଇତ୍ୟାଦି ସମ୍ବନ୍ଧରେ ଶିଖିବା ପାଇଁ ଉତ୍ସାହିତ କରିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ସମୟରେ ବିଦେଶକୁ ଫଳ ଓ ପନିପରିବା ରପ୍ତାନୀରେ ଓଡ଼ିଶା ସମ୍ମାନଜନକ ସ୍ଥିତିରେ ଅଛି। ପ୍ରଶିକ୍ଷାର୍ଥୀମାନେ ଗସ୍ତରୁ ଯାହା ଶିଖିବେ ତାହା ପ୍ରତିଦିନ ରିପୋର୍ଟ ଆକାରରେ ଲିପିବଦ୍ଧ କରି ବିଭାଗକୁ ପ୍ରଦାନ କରନ୍ତୁ। ଉନ୍ନତ କୌଶଳକୁ ଶିଖି ନିଜ ଅଞ୍ଚଳରେ ତାହା କାର୍ଯ୍ୟକାରୀ କରନ୍ତୁ। ଏହା ଚାଷୀଙ୍କ ଆୟକୁ ୨ ଗୁଣା କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପ୍ରଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରିବା ସହିତ ଓଡ଼ିଶାରେ କୃଷିର କ୍ରମବିକାଶ ଉପରେ ଆଲୋକପାତ କରିଛନ୍ତି। ବର୍ତ୍ତମାନ ଓଡ଼ିଶା ଦେଶର ୪ର୍ଥ ସର୍ବବୃହତ ରାଜ୍ୟ ଭାବେ ଏଫସିଆଇକୁ ଚାଉଳ ଯୋଗାଉଛି। କେବଳ ଅଧିକାରୀ ନୁହନ୍ତି, ଏଥର ଚାଷୀମାନେ ବି ବିଦେଶ ଯାତ୍ରା କରିପାରିବେ। ଚାଷୀମାନେ ଆମର ପ୍ରକୃତ ବ୍ରାଣ୍ଡ ଆମ୍ବାସାଡ଼ର୍ ବୋଲି ପାଢୀ କହିଛନ୍ତି।

# ସରଜମିନ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ: ମନ୍ତ୍ରୀ

## କୋଇଲା ଚୋରିର ସମୀକ୍ଷା ଆରମ୍ଭ କଲେ ଦୁଇ ମନ୍ତ୍ରୀ

ସୁନ୍ଦରଗଡ଼, ୧୮।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ କୋଇଲା ଖଣିରେ ବେଆଇନ କାରବାରର ସରଜମିନ ତଦନ୍ତ କରାଯିବ ଏବଂ ଯିଏ ଏଥିରେ ଦୋଷୀ ଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କଡ଼ା ଚେତାବନୀ ଦେଇଛନ୍ତି ରାଜ୍ୟ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ସୁନ୍ଦରଗଡ଼ ଜିଲା ହେମଗିର ତହସିଲର ବିଭିନ୍ନ ସ୍ଥାନରେ ଚୋରା କୋଇଲା ଖଣି କାରବାର ଘଟଣାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଜୋରଧରିଛି। ଏହି ପ୍ରସଙ୍ଗରେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ପୂର୍ବତନ ବିଧାୟିକା କୁସୁମ ଟେଟେ କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିବା ପରେ ତଦନ୍ତ ଜୋରଦାର କରାଯାଇଛି। ଏଥିସହ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ଏହି ମାମଲାର ସିବିଆଇ ତଦନ୍ତ ଦାବି କରିଥିବା ବେଳେ ପୂର୍ବତନ ବାଚସ୍ପତି ତଥା ବରିଷ୍ଠ କଂଗ୍ରେସ ନେତା କିଶୋର ଚନ୍ଦ୍ର ପଟେଲ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ।

ଏହି ଘଟଣାରେ ଶୁକ୍ରବାର ମନ୍ତ୍ରୀ ଜେନା ଓ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ସୁନ୍ଦରଗଡ଼ ଜିଲା ହେମଗିର ତହସିଲର ବିଭିନ୍ନ ସ୍ଥାନରେ ଠାବ ହୋଇଥିବା ଚୋରା କୋଇଲା ଖଣି ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେମାନଙ୍କ ସହ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ବୀରମିତ୍ରପୁର ବିଧାୟକ ଦୁର୍ଗାଚରଣ ତନ୍ତୀ, ବିଭାଗୀୟ ସଚିବ ଅପରାହ୍ନରେ ହେମଗିର ତହସିଲର ଏମ୍‌ସିଏଲ୍ କ୍ଷେତ୍ର ଅଧୀନ ଗୋପାଳପୁର ନିକଟ ରତନସରା, ଭୋଗରାକଛାର, ତେଲେନଡିହି ଜଙ୍ଗଲ ଭିତରେ ଠାବ ହୋଇଥିବା ଚୋରା କୋଇଲା ଖଣି ଅଞ୍ଚଳ ପରିଦର୍ଶନ କରିଥିଲେ। ମନ୍ତ୍ରୀ ଦ୍ୱୟ ଓ ବିଧାୟକ କନିକା ସ୍ଥିତ ସିଲ ହୋଇଥିବା ଆର୍ଯ୍ୟନ କୋଲ ୱାସରୀ ମଧ୍ୟ ପରିଦର୍ଶନ କରିଥିଲେ।



ଚୋରା ଖଣି ଅଞ୍ଚଳରେ ପହଞ୍ଚି ଖଣି ଓ ଜଙ୍ଗଲ ମନ୍ତ୍ରୀଙ୍କ ସହିତ ଝାରସୁଗୁଡ଼ା ବିଧାୟକ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଏହା ପରେ ମନ୍ତ୍ରୀ ଓ ସଚିବ ଏହି ଅଞ୍ଚଳରୁ କେତେ ବେଆଇନ ଭାବେ କୋଇଲା ଖଣି ଖୋଳାଯାଇଛି ଓ କେତେ ପରିମାଣରେ କୋଇଲା ଚୋରି ହୋଇଛି ଓ ଏ ନେଇ ବର୍ତ୍ତମାନ ସୁଦ୍ଧା କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ନେଇ ଓସିପିଏଲ ଅତିଥି ଭବନରେ ସମୀକ୍ଷା କରିଛନ୍ତି।

ଝାରସୁଗୁଡା ବିଧାୟକ କହିଛନ୍ତି, ଏଠାରେ ଚାଲିଥିବା ଏହି ବେଆଇନ କୋଇଲା ଖଣି ଚୋରି ବର୍ଷ ବର୍ଷ ଧରି କାହା ପୃଷ୍ଠପୋଷକତାରେ ଚାଲିଥିଲା ଓ ଏହାକୁ କିଏ ସୁରକ୍ଷା ଦେଇଆସୁଥିଲେ ଏବଂ ଯେଉଁମାନେ ଏହାକୁ ଲୁଟୁଥିଲେ ଭାଜପା ସରକାର ତାର ଚେର ପର୍ଯ୍ୟନ୍ତ ଯାଇ ସମସ୍ତଙ୍କୁ ଖୋଜି ଜେଲକୁ ପଠାଇବ ବୋଲି ସେ କହିଛନ୍ତି।

ଅପରପକ୍ଷରେ ଏହି ଖଣି ଚୋରା କାରବାର ଘଟଣାରେ ଜିଲାପ୍ରଶାସନ ତଦନ୍ତ ପରେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ବିଭାଗର ୯ଜଣିଆ ଟିମ୍ ଭୁବନେଶ୍ୱରରୁ ଆସି ଦୁଇଦିନ ଧରି ସମ୍ପୃକ୍ତ ଖଣି ଅଞ୍ଚଳରେ ତଦନ୍ତ କରି ଯାଇଛନ୍ତି। ସେହିପରି ଖଣି ବିଭାଗ ପକ୍ଷରୁ ହେମଗିର ଥାନାରେ ରିପୋର୍ଟ ପରେ ପୋଲିସ ମାମଲା ରୁଜୁ କରି ୪ଜଣ ସ୍ଥାନୀୟ ଶ୍ରମିକଙ୍କୁ ଗିରଫ କରିଥିବା ବେଳେ ବେଆଇନ କୋଇଲା ଗଚ୍ଛିତ କରିଥିବା ନେଇ କନିକା ସ୍ଥିତ ଆର୍ଯ୍ୟନ କୋଲ ୱାସରୀକୁ ପ୍ରଶାସନ ଓ ଖଣି ବିଭାଗ ପକ୍ଷରୁ ସିଲ୍ କରି ଥାନାରେ ଏତଲା ଦିଆଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା ଏହି ଚୋରା ଖଣି କାରବାରର ମୁଖ୍ୟ ମାଫିଆଙ୍କ ପାଖରେ ଖଣି କିମ୍ବା ପୋଲିସ ବିଭାଗ ପହଞ୍ଚି ପାରିନାହିଁ।

# ନିକୁଞ୍ଜ କେନ୍ଦ୍ର ସଂସଦୀୟ ବ୍ୟାପାର ସଚିବ ନିଯୁକ୍ତ

## ସନ୍ତୋଷ ଓ ରଞ୍ଜନାଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର, ୧୮।୪(ରବିନାରାୟଣ ଜେନା)

ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ କେନ୍ଦ୍ରୀୟ ଡେପୁଟେଶନ ଯିବା ନେଇ ଦୀର୍ଘଦିନ ଧରି ସାମାଜିକ ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚାର ଅନ୍ତ ଘଟିଛି। ଶୁକ୍ରବାର କେନ୍ଦ୍ର କ୍ୟାବିନେଟ୍ ନିଯୁକ୍ତି କମିଟି ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ୧୯୯୩ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଫିସର ତଥା ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତି ମିଳିଛି। ଉକ୍ତ ପଦରେ ଅବସ୍ଥାପିତ ଉମଙ୍ଗ ନରୁଲା ଜୁନ୍ ୩୦ରେ ଅବସର ଗ୍ରହଣ କରିବାର ରହିଛି। ଉମଙ୍ଗଙ୍କ ସ୍ଥାନରେ ନିକୁଞ୍ଜ ନିଯୁକ୍ତ ହେବେ ବୋଲି ବିଜ୍ଞପ୍ତିରୁ ଜଣାଯାଇଛି।

କ୍ୟାବିନେଟ୍ କମିଟିର ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶାର ଆଉ ଦୁଇଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ସେଥିମଧ୍ୟରେ ୧୯୯୪ ବ୍ୟାଚର ବରିଷ୍ଠ ଆଇଏଏସ୍ ଅଫିସର ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କୁ ନୂତନ ଓ ଅକ୍ଷୟଶକ୍ତି ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତି ମିଳିଥିବାବେଳେ ୧୯୯୪ ବ୍ୟାଚ୍‌ର ଆଇଏଏସ୍ ଅଫିସର ରଞ୍ଜନା ଚୋପ୍ରାଙ୍କୁ ସଂସ୍କୃତି ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ତଥା ଅର୍ଥନୈତିକ ପରାମର୍ଶଦାତା ଭାବେ ନିଯୁକ୍ତି ମିଳିଛି।




ଏ ପୃଥିବୀ ତିନିପ୍ରକାର ବିପ୍ଳବର କଥା ଜାଣିଛି। ବସ୍ତୁବାଦୀ ବିପ୍ଳବ ସବୁ ବହୁ ଶକ୍ତିଶାଳୀ ସଫଳତା ଅର୍ଜନ କରିଛନ୍ତି। ନୈତିକ ଓ ବୌଦ୍ଧିକ ବିପ୍ଳବଗୁଡ଼ିକ ମଧ୍ୟ ସେମାନଙ୍କର ପରିସର ଭିତରେ ବହୁଗୁଣରେ ଗଭୀର ସଫଳତା ଅର୍ଜନ କରିଛନ୍ତି। କିନ୍ତୁ ଆଧ୍ୟାତ୍ମିକ ଆନ୍ଦୋଳନ ପୃଥିବୀ ପାଇଁ ସୁଦୂରପ୍ରସାରୀ ଗଭୀର ସଫଳତା ଅର୍ଜନ କରିଛି। **–ଶ୍ରୀଅରବିନ୍ଦ**



# ଖୋଲା ବିଦ୍ରୋହ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ନିଯୁକ୍ତି ପାଇଁ ତାହାର ଏକ ନିଜସ୍ୱ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛି। ଏହା ଆଉ ଏକ ପ୍ରଶାସନିକ ପ୍ରକ୍ରିୟାକୁ ସୂଚିତ କରିଛି। ପୂର୍ବରୁ ପଞ୍ଜାବ ଓ ଉତ୍ତରପ୍ରଦେଶ କେନ୍ଦ୍ରର ବିନା ଅନୁମତିରେ ସେମାନଙ୍କର ପୋଲିସ ମୁଖ୍ୟ ବାଛିବା ପାଇଁ ପଦକ୍ଷେପ ନେଇଥିଲେ। ଏବେ ପଶ୍ଚିମବଙ୍ଗ କେନ୍ଦ୍ରର ସ୍ୱୀକୃତି (ୟୁପିଏସ୍‌ସି ଶର୍ଟଲିଷ୍ଟ)କୁ ଏଡ଼ାଇ ଯାଇ ସେମାନଙ୍କ ସହ ଯୋଡ଼ିହୋଇଛି। ଏହି ୩ ରାଜ୍ୟରେ ତିନୋଟି ପୃଥକ୍ ରାଜନୈତିକ ଦଳ ଯଥା ଆମ୍ ଆଦ୍‌ମୀ ପାର୍ଟି, ଭାରତୀୟ ଜନତା ପାର୍ଟି ଓ ତୃଣମୂଳ କଂଗ୍ରେସ କ୍ଷମତାରେ ରହିଛନ୍ତି। ଆଶ୍ଚର୍ଯ୍ୟର ବିଷୟ, ସମସ୍ତେ ସମାନ ପ୍ରକାର ସଂଘୀୟ କଥା କହୁଛନ୍ତି। ବେଙ୍ଗଲରେ ଜଣେ କାର୍ଯ୍ୟନିର୍ବାହୀ ଡିଜିପି ଅନେକ ମାସ ହେଲା ଦାୟିତ୍ୱ ତୁଲାଉଛନ୍ତି ଏବଂ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଦେଖି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଯୁକ୍ତିକୁ ନିଜ ହାତକୁ ନେଇଛନ୍ତି। ନୂଆ ପ୍ରକ୍ରିୟାରେ ରାଜ୍ୟ ଦ୍ୱାରା ଗଠିତ ଏକ କମିଟିରେ ମୁଖ୍ୟ ଶାସନ ସଚିବ ଓ ଗୃହ ସଚିବ ଏହାର ପ୍ରମୁଖ ଭାବେ ରହିପାରନ୍ତି। କିନ୍ତୁ ଏହି ପଦକ୍ଷେପ ୨୦୦୬ରେ ପ୍ରକାଶ ସିଂ ବାନାମ କେନ୍ଦ୍ର ସରକାର ମାମଲାରେ ସୁପ୍ରିମକୋର୍ଟଙ୍କ ରାୟର ବିରୁଦ୍ଧାଚରଣ କରେ। ପୋଲିସ ନିଯୁକ୍ତିକୁ ରାଜନୈତିକ ହସ୍ତକ୍ଷେପରୁ ମୁକ୍ତକରି ୟୁପିଏସ୍‌ସିକୁ ଜଡ଼ିତ କରିବାକୁ ଏହି ରାୟରେ କୁହାଯାଇଥିଲା। ରାଜ୍ୟଗୁଡ଼ିକ ଏବେ ଯୁକ୍ତି କରୁଛନ୍ତି, ହସ୍ତକ୍ଷେପ ଦିଲ୍ଲୀରୁ ହେଉଛି, ରାଜ୍ୟ ମଧ୍ୟରେ ନୁହେଁ। ଏହା ବାସ୍ତବରେ ଏକ ସହଯୋଗ ସଂଘୀୟବାଦର ଅଧ୍ୟାୟର ନା କେନ୍ଦ୍ର-ରାଜ୍ୟ ମଧ୍ୟରେ ଏକ ଶୀତଳ ଯୁଦ୍ଧ? ଏହା କେବଳ ଜଣେ ଡିଜିପିଙ୍କ ବିଷୟ ନୁହେଁ, ବରଂ ବଡ଼ କଥା ହେଉଛି କିଏ ତାଙ୍କୁ ନିଯୁକ୍ତ କରିବ ଏବଂ କିଏ ପ୍ରଭୁତ୍ୱ ହେବ ; କେନ୍ଦ୍ର ନା ରାଜ୍ୟ।

### କ୍ୟାଡର ଯୁଦ୍ଧ

ଦିଲ୍ଲୀ ବାବୁ ପରିସରରେ ନିଜ କାର୍ଯ୍ୟକ୍ଷେତ୍ରକୁ ନେଇ ଏକ ପୁରୁଣା ବିବାଦ ମୁଣ୍ଡ ଟେକୁଛି। ଦିଲ୍ଲୀ ଆଡ୍‌ମିନିଷ୍ଟ୍ରେଟିଭ୍ ସର୍ଭିସ(ଡିଏଏସ୍‌ଏସ୍) ଅଧିକାରୀମାନେ ଦୀର୍ଘଦିନର ଅଭିଯୋଗକୁ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବଙ୍କ ନିକଟରେ ପହଞ୍ଚାଇଛନ୍ତି। ଆଶା କରାଯାଉଛି, ସେମାନେ ଦୀର୍ଘଦିନରୁ ଚାହୁଁଥିବା ୨୧୨ ପଦବୀ ସମ୍ପର୍କରେ କେହି ଜଣେ ବୁଝିବେ। ଗତବର୍ଷ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଏ ସମ୍ପର୍କରେ ସବୁଜ ସଙ୍କେତ ଦେବା ପରେ ତାହା ସେମାନଙ୍କର ହେବା ଉଚିତ। ଦିଲ୍ଲୀ, ଆଣ୍ଡାମାନ ଓ ନିକୋବର ସିଭିଲ ସର୍ଭିସ(ଡିଏନ୍‌ଆଇସିଏସ୍) ଅଧିକାରୀମାନେ ଏହି ଆଦେଶକୁ ବିରୋଧକରି ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଶନ ଟ୍ରିବ୍ୟୁନାଲ (ସିଏଟି)ର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଦାବି କରିଛନ୍ତି ଯେ ସେସବୁ ପଦବୀ ସେମାନଙ୍କର। ସେହିଭଳି ପ୍ରଶାସନରେ ପଦାନୁକ୍ରମିକ ବ୍ୟବସ୍ଥା ପୁନର୍ବାର ସାମ୍ନାକୁ ଆସିଛି। ସୂତ୍ରରୁ ଜଣାପଡ଼ିଛି ଯେ, ୧୯୬୭ରୁ ଦିଲ୍ଲୀ ପ୍ରଶାସନକୁ ଚଳାଇଆସିଥିବା ଡିଏସ୍‌ଏସ୍ ଅଧିକାରୀମାନେ ଥକିପଡ଼ିଲେଣି। ପାଞ୍ଚଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର ବ୍ୟବସ୍ଥାଗତ ନିଷ୍କ୍ରିୟତାକୁ ଦେଖିଲେ ପୁନର୍ଗଠନ ନାହିଁ କି ପଦୋନ୍ନତି ନାହିଁ କିମ୍ବା କୌଣସି ବାସ୍ତବ ଯୋଜନା ନାହିଁ। ପାଖାପାଖି ୧୦୦ ଅଧିକାରୀ ପ୍ରତିବର୍ଷ ଛାଡ଼ି ଚାଲିଯାଉଥିବା ଜଣାପଡ଼ିଛି। ସେମାନେ ଖୁସିରେ ନୁହେଁ, ବରଂ ବୃତ୍ତିଗତ ନୈରାଶ୍ୟ ଯୋଗୁ ଏହା କରୁଛନ୍ତି। ଡିଏସ୍‌ଏସ୍ ଅଧିକାରୀମାନେ ଅଭିଯୋଗ କରୁଛି ଯେ, କେତେଜଣ ଡିଏଏନ୍‌ଆଇସିଏସ୍ ଅଧିକାରୀ ସର୍ଭିସ୍ ରୁଲ୍ସକୁ ଅଣଦେଖା କରିବାଠାରୁ ଆରମ୍ଭକରି ପଦବୀ ସମ୍ପର୍କିତ ବିଜ୍ଞପ୍ତିକୁ ରୋକୁଛନ୍ତି। ଦିଲ୍ଲୀରେ ନୂଆ ସରକାର କ୍ଷମତାକୁ ଆସିଛି ଓ ଘଟଣାଟି ଏବେ ନର୍ଥ ବ୍ଲକ୍‌ରେ ପହଞ୍ଚିଛି। ଏହି ଆନ୍ତଃ କ୍ୟାଡର ଶୀତଳଯୁଦ୍ଧ ଶେଷରେ ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଛି।

### ଅଧିକାରୀମାନେ ଦ୍ୱନ୍ଦ୍ୱରେ

ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନା ଅଲଗା ରାଜ୍ୟ ହେବାର ୧ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ବି କେନ୍ଦ୍ର ଆଇଏଏସ୍ ଓ ଆଇପିଏସ୍ କ୍ୟାଡର ଭାଗ ବଣ୍ଟନ କରିପାରିନାହିଁ। ଶିବ ଶଙ୍କର ଲୋଥେଟିଙ୍କ ଭଳି ଅନେକ ଅଧିକାରୀ ପ୍ରଶାସନିକ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ବିବାଦୀୟ ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (ସିଏଟି) ଆଦେଶ ଏବଂ ନିର୍ଣ୍ଣାୟକ ନିଷ୍ପତ୍ତି ନେଇପାରୁ ନ ଥିବା ଡିଓପିଟି ଦ୍ୱାରା ୨ ରାଜ୍ୟରେ ଅଧିକାରୀମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଲୋଥେଟିଙ୍କୁ ତେଲଙ୍ଗାନା ବଦଳି କରିବା ପାଇଁ କେନ୍ଦ୍ର ଅକ୍ଟୋବର ୨୦୨୪ରେ ନିଷ୍ପତ୍ତି ନେଇଥିଲା । କିନ୍ତୁ ସିଏଟି ତାହାକୁ ନିକଟରେ ବଦଳାଇଦେଇ ତାଙ୍କୁ ଆନ୍ଧ୍ରରେ ପୁନଃ ଅବସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଥିଲା। ହେଲେ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ। କେବଳ ଲୋଥେଟି ଏମିତି ଅଟକି ରହିନାହାନ୍ତି। ଗୋଟିଏ ରାଜ୍ୟରେ ନିଯୁକ୍ତ ହୋଇ ଔପଚାରିକ ଭାବେ ଅନ୍ୟ ରାଜ୍ୟରେ ଥିବା ଅନେକ ଅଧିକାରୀ ଏବେ ଏମିତି ଦ୍ୱନ୍ଦ୍ୱରେ ରହିଛନ୍ତି ଏବଂ ନ୍ୟାୟାଳୟର ଆଶ୍ରୟ ନେଉଛନ୍ତି। ଅମଲାତନ୍ତ୍ରୀମାନେ କେଉଁ ରାଜ୍ୟରେ ଅଛନ୍ତି ତାହା ଯଦି ସେମାନ ଜାଣିପାରୁନାହାନ୍ତି, ତେବେ ସେମାନେ ଜନସାଧାରଣ ସେବା ଉପରେ କିଭଳି ଧ୍ୟାନଦେବେ। ନ୍ୟାୟାଳୟ ଏହି ଦ୍ୱନ୍ଦ୍ୱକୁ ସମାଧାନ କରିବା ପାଇଁ ଚେଷ୍ଟା କରିଛନ୍ତି, କିନ୍ତୁ ତାହା ତ୍ରୁଟିପୂର୍ଣ୍ଣ ତଥ୍ୟକୁ ନେଇ କାମ କରୁଛନ୍ତି। ପଦବୀକୁ ଦୁଇଭାଗକରି ଆବଣ୍ଟନ କରିବାର ସେତେବେଳର କାମଚଳା ନୀତି ଏବେ ଆଉ କାମ କରୁନାହିଁ। କେନ୍ଦ୍ର ନିଷ୍ପତ୍ତି ନେଇପାରୁ ନ ଥିବାରୁ ଏହାର ସମାଧାନ ହୋଇପାରିବ ନାହିଁ। ଅସ୍ୱଷ୍ଟ ଆଦେଶ ଓ ବହୁ ସଂଶୋଧନ ମଧ୍ୟରେ ଅଧିକାରୀମାନେ ସେମାନଙ୍କ ଜୀବନ ଓ କ୍ୟାରିୟରକୁ ନେଇ ଯୋଜନା କରିପାରିବେ ନାହିଁ। ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ରାଜନୈତିକ କ୍ଷେତ୍ରରେ ଆଗକୁ ବଢ଼ିଛନ୍ତି, ହେଲେ ଅମଲାତନ୍ତ୍ର ୨୦୧୪ର ସ୍ଥିତିରେ ଅଟକି ରହିଛି।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | | 9 | | 5 | |
| | 3 | 6 | 4 | | 2 | | | |
| 9 | | | | 7 | | | | |
| | | | | 1 | 6 | | | |
| | 5 | | | | | 3 | 1 | 2 |
| | | | 3 | 8 | | | | |
| | | | | 6 | | 9 | 4 | |
| | | 3 | 7 | | | | | |
| 8 | | 4 | 5 | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 3 | 5 | 8 | 6 | 9 | 2 | 4 |
| 4 | 8 | 6 | 1 | 2 | 9 | 3 | 7 | 5 |
| 9 | 2 | 5 | 3 | 4 | 7 | 8 | 6 | 1 |
| 3 | 5 | 4 | 8 | 1 | 2 | 6 | 9 | 7 |
| 6 | 7 | 2 | 9 | 5 | 4 | 1 | 8 | 3 |
| 1 | 9 | 8 | 6 | 7 | 3 | 4 | 5 | 2 |
| 2 | 3 | 7 | 4 | 9 | 8 | 5 | 1 | 6 |
| 8 | 4 | 1 | 7 | 6 | 5 | 2 | 3 | 9 |
| 5 | 6 | 9 | 2 | 3 | 1 | 7 | 4 | 8 |

ଗତକାଲିର ଉତ୍ତର

# କେତେ ସୁରକ୍ଷିତ ବୋତଲ ପାଣି



**ଡ. ଜୟକୃଷ୍ଣ ପାଣିଗ୍ରାହୀ**

ଜଳ ହେଉଛି ସଜୀବ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଏବଂ ସୁରକ୍ଷିତ ଜଳ ସେବନ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଅତ୍ୟନ୍ତ ଜରୁରୀ। ତେବେ ସାମ୍ପ୍ରତିକ ମୁହୂର୍ତ୍ତରେ ମାନବଜାତି ଦ୍ୱୈତ ଜଳଜନିତ ଆହ୍ୱାନର ସମ୍ମୁଖୀନ ହେଉଛି। ବିସ୍ଫୋରିତ ଜନସଂଖ୍ୟାର ବର୍ଦ୍ଧିତ ଜଳ ଆବଶ୍ୟକତା ଏବଂ ଅଧିକାଂଶ ଭୂପୃଷ୍ଠ ଜଳଉତ୍ସର ବ୍ୟାପକ ପ୍ରଦୂଷଣ ବିଶୁଦ୍ଧ ଜଳକୁ ଏକ ଦୁଷ୍ପ୍ରାପ୍ୟ ପଦାର୍ଥରେ ପରିଣତ କରିଛି। ହୁଏତ ୪୦/୫୦ ବର୍ଷ ପୂର୍ବେ ନଦୀ, ହ୍ରଦର ଜଳକୁ ସିଧାସଳଖ ପାନୀୟ ଭାବରେ ବ୍ୟବହାର କରିବା ସମ୍ଭବପର ଥିଲା, ଯାହା ଆଜି ପ୍ରଦୂଷଣ ପ୍ରଭାବରୁ ଅସମ୍ଭବ । ଏପରି ପଟ୍ଟଭୂମିରେ ବୋତଲରେ ପାଣି ବିକ୍ରି ହେବା କ୍ରମଶଃ ବିଶ୍ୱରେ ଏକ ସର୍ବଜନ ଗ୍ରହଣୀୟ ପ୍ରକ୍ରିୟା ଏବଂ ବିଶାଳ ବ୍ୟବସାୟରେ ପରିଣତ ହୋଇଛି। ଏହା ମୁଖ୍ୟତଃ ପ୍ଲାଷ୍ଟିକ ବୋତଲରେ ଅଥବା ପାଉଚରେ ପ୍ୟାକେଜ କରାଯାଇ ପାନୀୟ ଜଳ ରୂପେ ସର୍ବତ୍ର ଉପଲବ୍ଧ ହେଉଛି। ବୋତଲ ପାଣି ବା ଜଳ ଶିଳ୍ପର ପ୍ରମୁଖ କମ୍ପାନୀମାନଙ୍କ ମଧ୍ୟରେ ନେସଲେ, ଡାନୋନ, ପେପ୍ସିକୋ ଏବଂ କୋକା-କୋଲା ପରି ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ସହିତ ବିଶେଷକରି ଭାରତରେ ବିସ୍ଲେରି, କିନଲି, ଆକ୍ୱାଫିନା, କିଙ୍ଗ୍ ଫିସର୍, ବେଇଲି ଏବଂ ମାଉଣ୍ଟ ଏଭରେଷ୍ଟ ଭଳି ବ୍ରାଣ୍ଡଗୁଡ଼ିକ ସହ ବହୁ ସ୍ଥାନୀୟ ଉତ୍ପାଦ ଅନ୍ତର୍ଭୁକ୍ତ। ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ବିଶ୍ୱ ବୋତଲ ପାଣି ବଜାରର ମୂଲ୍ୟ ଥିଲା ୩୩୩.୨ ବିଲିୟନ ଆମେରିକୀୟ ଡଲାର, ଯାହା ଆକଳନ ଅନୁଯାୟୀ ୨୦୩୨ ସୁଦ୍ଧା ୫୩୮.୯ ବିଲିୟନ ଡଲାରରେ ପହଞ୍ଚିବ। ଏହା ୨୦୨୩-୩୨ର ଅବଧି ମଧ୍ୟରେ ଜଳ ବ୍ୟବସାୟର ୫.୬୭% ବାର୍ଷିକ ଅଭିବୃଦ୍ଧି ହାରକୁ ଦର୍ଶାଏ।

ତେବେ ସମଗ୍ର ବିଶ୍ୱରେ ଖାଦ୍ୟନଳୀ ବା ପେଟ ରୋଗର ବ୍ୟାପକତା ଏବଂ ଏହା ସହ ଜଡ଼ିତ ଗୁରୁତର ଆର୍ଥିକ ଓ ସାମାଜିକ ପରିଣାମ ହିଁ ମୁଖ୍ୟତଃ ବୋତଲ-ଜଳ ବଜାରକୁ ବିସ୍ତାରିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜାତିସଂଘ ଅନୁଯାୟୀ ବିଶ୍ୱର ପ୍ରାୟ ୨୨୦ କୋଟି ଲୋକଙ୍କ ନିମନ୍ତେ ସମ୍ପ୍ରତି ନିରାପଦ ପାନୀୟ ଜଳ ଅପହଞ୍ଚ । ଅତଏବ ଉଭୟ ବିକଶିତ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କ ଲୋକେ ଏହି ଅଭାବ ପୂରଣ ନିମନ୍ତେ ପ୍ରଦୂଷକ ମୁକ୍ତ, ପାନୀୟଯୋଗ୍ୟ ବୋତଲ ଜଳ ଉପରେ ନିର୍ଭରଶୀଳ। ପ୍ରତ୍ୟେକ ଦିନ ଗୋଟିଏ କିମ୍ବା ଦୁଇଟି ପାଣି ବୋତଲ କିଣିବା ଏବେ ଅନେକଙ୍କର ଅଭ୍ୟାସରେ ପରିଣତ ହେଲାଣି। ସୁରକ୍ଷିତ ଜଳ ଡିସେଣ୍ଟେରି, ଡାଇରିଆ ଏବଂ ଟାଇଫଏଡ ଭଳି ବିଭିନ୍ନ ଜଳବାହିତ ରୋଗକୁ ରୋକିଥାଏ। ସହଜସାଧ୍ୟ ଉପଲବ୍ଧତା ହେତୁ ଯାତ୍ରୀ, କାର୍ଯ୍ୟରତ ଅଧିକାରୀ ଏବଂ ଘରୋଇ ଗ୍ରାହକଙ୍କ ମଧ୍ୟରେ ତଥା



ସାମାଜିକ କର୍ମକାର୍ଯ୍ୟରେ ଏହି ବୋତଲର ଚାହିଦା କ୍ରମାଗତ ବୃଦ୍ଧି ପାଇଚାଲିଛି ଏବଂ ବଜାର ନିମନ୍ତେ ନୂତନ ସୁଯୋଗ ସୃଷ୍ଟି ହେଉଛି। ଏତଦ ବ୍ୟତୀତ ବଜାରରେ ଉପଲବ୍ଧ ପୁଷ୍ଟିସାର, ଆମିନୋ ଏସିଡ, ଇଲେକ୍ଟ୍ରୋଲାଇଟ୍ସ, ଭିଟାମିନ, ଖଣିଜ ପଦାର୍ଥ ଏବଂ ଅମ୍ଳଜାନଯୁକ୍ତ କିମ୍ବା ଜୈବ-ସକ୍ରିୟ, ରସାୟନଯୁକ୍ତ ପୁଷ୍ଟିକର ଜଳକୁ ମଧ୍ୟ ଲୋକମାନେ ପସନ୍ଦ କରୁଛନ୍ତି ।

ତେବେ ବୋତଲ ଜଳ ସୁବିଧାଜନକ ବୋଧହେଲେ ସୁଦ୍ଧା ବାସ୍ତବରେ ଏହା ସ୍ୱାସ୍ଥ୍ୟ ନିମନ୍ତେ କେତେ ସୁରକ୍ଷିତ ତାହା କ୍ରମଶଃ ଏକ ବିତର୍କର ପ୍ରସଙ୍ଗ ପାଲଟିଛି। ପ୍ୟାକେଜ ପାଣିର ଲୁକ୍କାୟିତ ସ୍ୱାସ୍ଥ୍ୟ ସମସ୍ୟାର ବିଭିନ୍ନ ଦିଗ ଉପରେ ସମ୍ପ୍ରତି ବିଶେଷଜ୍ଞମାନେ ଆଲୋକପାତ କରୁଛନ୍ତି। ନିକଟରେ କର୍ଣ୍ଣାଟକରେ ଅନୁଷ୍ଠିତ ପରୀକ୍ଷଣ ଏକ ଚିନ୍ତାଶୀଳ ତଥ୍ୟ ଲୋକଲୋଚନକୁ ଆଣିଛି, କାରଣ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ଗୁଣାତ୍ମକ ବିଶ୍ଳେଷଣ ନିମନ୍ତେ ସମଗ୍ର ରାଜ୍ୟରୁ ସଂଗୃହୀତ ବୋତଲ ଜଳ ନମୁନାର ଦୁଇ-ତୃତୀୟାଂଶ ହେଉଛି ସମ୍ପୂର୍ଣ୍ଣ ଅସୁରକ୍ଷିତ କିମ୍ବା ନିମ୍ନମାନର। ଏହା ଏକ ଗୁରୁତର ପ୍ରସଙ୍ଗ ରୂପେ ଉଭା ହୋଇଛି, ଯାହା ସମସ୍ତ ରାଜ୍ୟକୁ ଅନ୍ତର୍ଭୁକ୍ତ କରି ଏକ ଜାତୀୟ ସ୍ତରର ଅଧ୍ୟୟନକୁ ଆହ୍ୱାନ କରେ। ୨୦୨୪ର ଅନ୍ୟ ଏକ ବୈଜ୍ଞାନିକ ଅନୁସନ୍ଧାନ ସୂଚାଇଛି ଯେ ବୋତଲ ଜଳରେ ପୂର୍ବରୁ ଜଣାଥିବା କଣିକା ପରିମାଣ ଅପେକ୍ଷା ୧୦ରୁ ୧୦୦ ଗୁଣ ଅଧିକ ପ୍ଲାଷ୍ଟିକ କଣିକା ଥିବା ସମ୍ଭାବନା ରହିଛି। ଏହି କ୍ଷୁଦ୍ର କଣିକାଗୁଡ଼ିକ ଜଳଧାରଣକାରୀ ବୋତଲରୁ ଏବଂ ପ୍ଲାଷ୍ଟିକ ପ୍ରଦୂଷଣର ଅନ୍ୟାନ୍ୟ ଉତ୍ସରୁ ସଂଗୃହୀତ ହୋଇଥାଏ। ଏହି ଗବେଷକମାନେ ପ୍ରତି ଲିଟର ବୋତଲ ପାଣିରେ ହାରାହାରି ୨,୪୦,୦୦୦ ପ୍ଲାଷ୍ଟିକ କଣିକା ଚିହ୍ନଟ କରିଛନ୍ତି। ଏକଥା ଜ୍ଞାତ ଯେ ଅଦୃଶ୍ୟ ପ୍ଲାଷ୍ଟିକ କଣିକା ଏବଂ ଏହା ସହ ଅନ୍ୟ ବିଷାକ୍ତ ରାସାୟନିକ ପଦାର୍ଥ ନିଃଶ୍ୱାସ, ଜଳ ଏବଂ ଖାଦ୍ୟ ମାଧ୍ୟମରେ ଶରୀରରେ ଅହରହ ପ୍ରବେଶ କରି କୋଷରେ ଜମିରହି ଦୀର୍ଘକାଳୀନ ଭିତ୍ତିରେ ବହୁ ସ୍ୱାସ୍ଥ୍ୟ ସମସ୍ୟା, ଏପରିକି କର୍କଟ ରୋଗ ସୃଷ୍ଟିର କାରଣ ହେଉଛନ୍ତି।

ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ(ଏଫ୍‌ଏସ୍‌ଏସ୍‌ଏଆଇ)ପ୍ୟାକେଜ ପାନୀୟ ଜଳ ଏବଂ ମିନେରାଲ ଜଳର ଗୁଣବତ୍ତା ନିୟନ୍ତ୍ରଣ ନିମନ୍ତେ ଡିସେମ୍ବର ୨୦୨୪ରେ ଏହାକୁ 'ଉଚ୍ଚ-ବିପଦପୂର୍ଣ୍ଣ ଖାଦ୍ୟ ବର୍ଗ'ରେ ଶ୍ରେଣୀଭୁକ୍ତ କରିଛି। ଏହି ବର୍ଗର ଖାଦ୍ୟଗୁଡ଼ିକ କ୍ଷତିକାରକ ଅଣୁଜୀବ କିମ୍ବା ରାସାୟନିକ ପଦାର୍ଥ ଦ୍ୱାରା ପ୍ରଦୂଷଣର ଶିକାର ହେବାର ସମ୍ଭାବନା ଯଥେଷ୍ଟ ଥାଏ। ଏସବୁର ଠିକ୍ ଭାବରେ ପରିଚାଳନା, ସଂରକ୍ଷଣ କିମ୍ବା ପ୍ରସ୍ତୁତି ନ ହେଲେ ଖାଦ୍ୟଜନିତ ରୋଗ କିମ୍ବା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ଆଶଙ୍କା ବୃଦ୍ଧିପାଏ। ପୁନଶ୍ଚ, ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡିଛି ଯେ ବୋତଲ ପାଣିରେ ପ୍ରାୟତଃ ଟ୍ୟାପ ପାଣି ଅପେକ୍ଷା ଯଥେଷ୍ଟ ଅଧିକ ପରିମାଣର ପ୍ଲାଷ୍ଟିକ ପ୍ରଦୂଷକ ରହୁଛି।

ଏପରି ଦୃଶ୍ୟପଟ୍ଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କଠୋର ନିୟମ, ବାରମ୍ବାର ଯାଞ୍ଚ, ଉନ୍ନତ ଗ୍ରାହକ ସଚେତନତା ଏବଂ ସୁରକ୍ଷା ମାନଦଣ୍ଡର ଉତ୍ତମ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଛି। ଜାତିସଂଘ ଅନୁଯାୟୀ, ଭାରତ ୨୦୨୨ରେ ମୂଲ୍ୟ ଅନୁସାରେ ବିଶ୍ୱରେ ବୋତଲ ଜଳର ୧୨ତମ ଏବଂ ପରିମାଣ ଅନୁସାରେ ୧୪ତମ ବୃହତ୍ତମ ଗ୍ରାହକ ଥିଲା, ଯେତେବେଳେ କି ସିଙ୍ଗାପୁର ଏବଂ ଅଷ୍ଟ୍ରେଲିଆ ପ୍ରତିବର୍ଷ ସର୍ବାଧିକ ବୋତଲ ଜଳ ବ୍ୟବହାର କରୁଥିବା ରାଷ୍ଟ୍ରର ଆଖ୍ୟା ଅର୍ଜନ କରିଥିଲେ। ଏହିକ୍ରମରେ ଉତ୍ତର ଆମେରିକା ଦ୍ୱିତୀୟ ଏବଂ ୟୁରୋପ ତୃତୀୟ ସର୍ବାଧିକ ବୋତଲ ଜଳ ବଜାର ଅଂଶ ହାସଲ କରିଥିଲା।

ମୁଖ୍ୟତଃ ପଲିଥିଲିନ ଟେରେପଥାଲେଟ (ପେଟ)ରୁ ତିଆରି ପ୍ଲାଷ୍ଟିକ ବୋତଲଗୁଡ଼ିକ ଉତ୍ପାଦନ, ପରିବହନ ଏବଂ ନିଷ୍କାସନ ପ୍ରକ୍ରିୟାରେ ପରିବେଶ ପ୍ରଦୂଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ପରିତ୍ୟକ୍ତ ବୋତଲଗୁଡ଼ିକ ଦଶନ୍ଧି ଧରି ପରିବେଶରେ ଜମିରହେ, ଯେଉଁଥିରୁ ମାଇକ୍ରୋପ୍ଲାଷ୍ଟିକ (୫ ମିମିରୁ କମ) ଏବଂ ନାନୋପ୍ଲାଷ୍ଟିକ କଣିକାସବୁର ସୃଷ୍ଟି ହୁଏ। ସମୟକ୍ରମେ ଏସବୁ ସମୁଦ୍ରଠାରୁ ଜଙ୍ଗଲ ପର୍ଯ୍ୟନ୍ତ ସମସ୍ତ ପରିସଂସ୍ଥା ଏବଂ ସେସବୁର ଉଦ୍ଭିଦ ଓ ଜୀବଜନ୍ତୁଙ୍କ ଶରୀରରେ ପ୍ରବେଶ କରୁଛି। ପ୍ଲାଷ୍ଟିକରେ ସାଧାରଣତଃ ଉପଲବ୍ଧ ଥିବା ଥାଲେଟ୍ସ ଏବଂ ବିସ୍ଫିନଲ ଶରୀରର ହରମୋନଗୁଡ଼ିକୁ ବିପର୍ଯ୍ୟସ୍ତ କରିପାରନ୍ତି, ଯାହା ପ୍ରଜନନ ଏବଂ ବିପଚନ (ମେଟାବୋଲିକ) ସମସ୍ୟା ସୃଷ୍ଟି କରେ। ଏପରି ଗମ୍ଭୀର ସମସ୍ୟା ପରିପ୍ରେକ୍ଷୀରେ ବ୍ୟକ୍ତିଗତ ସ୍ତରରେ, କାଚ ବା ଷ୍ଟିଲ ନିର୍ମିତ ପୁନଃବ୍ୟବହାରଯୋଗ୍ୟ ପାଣି ବୋତଲକୁ ପରିବର୍ତ୍ତନ କରିବା ଏବଂ ଉତ୍ତମ ମାନବିଶିଷ୍ଟ ଘରୋଇ ଫିଲ୍ଟ୍ରେଶନ ପ୍ରକ୍ରିୟାର ବ୍ୟବହାର କରି ପ୍ଲାଷ୍ଟିକ ଅପଚୟ ଏବଂ କ୍ଷୁଦ୍ର ପ୍ଲାଷ୍ଟିକ ସଂସ୍ପର୍ଶକୁ ଯଥେଷ୍ଟ ହ୍ରାସ କରାଯିବା ସହ ଜଳରୁ ଅନ୍ୟାନ୍ୟ ପ୍ରଦୂଷକ ଓ ରୋଗ ଜୀବାଣୁଙ୍କୁ ଅପସାରଣ କରିବା ଏକାନ୍ତ ଅପରିହାର୍ଯ୍ୟ। ଉତ୍ତମ ଗୁଣବତ୍ତାର ଜଳଯୋଗାଣ ସହ ଜନସଚେତନତା ଅଭିଯାନ ମାଧ୍ୟମରେ ଟ୍ୟାପ ପାଣି ଉପରେ ବିଶ୍ୱାସ ପୁନଃସ୍ଥାପିତ କରିବା ଏବଂ ନିରନ୍ତର ବ୍ୟବହାର ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପ୍ରଶାସନର ଲକ୍ଷ୍ୟ ହେବା ବାଞ୍ଛନୀୟ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ**
**ମୋ: ୯୪୩୭୦୭୬୧୦୦**

# ସାମାଜିକ ଜୀବନରେ ଚାପଗୋଷ୍ଠୀର ଭୂମିକା



**ଅଲେଖ ଚନ୍ଦ୍ର ମିଶ୍ର**

ପ୍ରଖ୍ୟାତ ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲଙ୍କ ଭାଷାରେ ମଣିଷ ଏକ ସାମାଜିକ ପ୍ରାଣୀ। ସମାଜରେ ତା'ର ଜନ୍ମ, ସମାଜରେ ସ୍ଥିତି ଏବଂ ସମାଜରେ ହିଁ ତା'ର ବିଲୟ। ତେବେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମାଜର ଯେଉଁ ପ୍ରକ୍ରିୟା ମନୁଷ୍ୟର ଜୀବନଶୈଳୀକୁ ବିଶେଷ ଭାବରେ ପ୍ରଭାବିତ ଓ ଅନେକାଂଶରେ ନିୟନ୍ତ୍ରିତ କରିଥାଏ ତାହା ହେଉଛି ଚାପ ଶକ୍ତି। ଚାପ ପ୍ରକ୍ରିୟାର ସୃଷ୍ଟି ପରିବାରରୁ ହୁଏ ଏବଂ ପରିବେଶ ଦ୍ୱାରା ପୁଷ୍ଟ ହୋଇଥାଏ। ସାଇପଡ଼ିଶା, ବନ୍ଧୁବାନ୍ଧବ, ଗୁରୁଜନ, ବିଦ୍ୟାଳୟ, ସାଙ୍ଗସାଥୀ, କର୍ମକ୍ଷେତ୍ର ଇତ୍ୟାଦି ଯେଉଁମାନଙ୍କ ସଂସ୍ପର୍ଶରେ ସେ ଆସେ ସେମାନେ ସମ୍ମିଳିତ ଭାବରେ ଏକ ଚାପଗୋଷ୍ଠୀ ( ପ୍ରେସର୍ ଗ୍ରୁପ୍) ସୃଷ୍ଟି କରନ୍ତି, ଯାହାର ପ୍ରଭାବ ଏତେ ସୁଦୂରପ୍ରସାରୀ ହୋଇଥାଏ ଯେ ସେଥିରୁ ନିବୃତ୍ତ ହେବା ଅସମ୍ଭବ। ଶୈଶବ, କୈଶୋର, ଯୌବନ, ପ୍ରୌଢ଼,ବାର୍ଦ୍ଧକ୍ୟ ଇତ୍ୟାଦି ଯେତେସବୁ ସ୍ତର ଦେଇ ସେ ଗତିକରେ ପ୍ରତ୍ୟେକ କ୍ଷେତ୍ରରେ ସେ ଏପରି ଶିକ୍ଷାଲାଭ କରେ ଯେ ସେ ସବୁ ଦ୍ୱାରା ପରିଚାଳିତ ହୋଇ ଶେଷରେ ସେ ନିଜର ମାତାପିତାଙ୍କୁ ବି ବେଳେ ବେଳେ ନିଜର ନୂତନ ଲବ୍ଧଜ୍ଞାନ ଦ୍ୱାରା ପ୍ରଭାବିତ କରିବାକୁ ଚେଷ୍ଟା କରେ ଏବଂ ସେହିଠାରୁ ହିଁ ଆରମ୍ଭ ହୁଏ ପିଢ଼ିର ବ୍ୟବଧାନ ବା ଜେନେରେଶନ ଗ୍ୟାପ୍।

ବିଦ୍ୟାଳୟ ଶିକ୍ଷା ପ୍ରଦାନ କରେ, କିନ୍ତୁ ପରିବେଶ ବାସ୍ତବ ଅଭିଜ୍ଞତା ଦିଏ। ଏହି ଅଭିଜ୍ଞତାର ଉତ୍ସ ହେଉଛି ସମାଜରେ ପ୍ରଚଳିତ ନାନା ପ୍ରକାରର ଚଳଣି, ଚାଲିଚଳନ,ବିଧିବିଧାନ, ନୀତି ନିୟମ, ରୀତିନୀତି, ବୋଲିବାଣୀ, ଢଗଢମାଳି, ଲୋକଚରିତ୍ର, ଲୌକିକ ବଚନିକା, ପ୍ରବାଦ, ପ୍ରହେଳିକା ଆଦି ଚାପଗୋଷ୍ଠୀ। ଏହାର ପରିସର ଏତେ ବ୍ୟାପକ ଯେ ସେ ସବୁର ଅବତାରଣା କରିବା ସମ୍ଭବ ନୁହେଁ। ତେବେ କେତୋଟିର ଉଦାହରଣ ଦିଆଯାଇପାରେ।

ସମାଜ ଦୃଷ୍ଟିରେ କେତେକ କର୍ମ ସହିତ କୁଅଭ୍ୟାସ ଏପରି ଓତପ୍ରୋତ ଭାବରେ ଜଡ଼ିତ ଯେ ସେଥିରେ ଯେତେ ଭଲ ଉଦ୍ଦେଶ୍ୟ ଥିଲେ ବି କେହି ବିଶ୍ୱାସ କରନ୍ତିନି ଯେପରି ଖଜୁରି ଗଛ ମୂଳରେ ବସି କ୍ଷୀର ପିଇଲେ କ'ଣ ପିଉଛି ନ ଦେଖି, ନ ଜାଣି ଲୋକେ ଧରିନେବେ ଯେ ମଦ ପିଉଛି, କାରଣ ଏହା ଏକ ଜନଶ୍ରୁତି ସମ୍ବଳିତ ସାଧାରଣ ଧାରଣା। 'ବାଟରୁ ଉଠ ମୁଁ ହାଟକୁ ଯିବି ' ସେହିଭଳି ଏକ ଲୌକିକ ବଚନିକା ଯାହା ସ୍ୱୈରିଣୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଏକ ପରୋକ୍ଷ ଉକ୍ତି। ବାଲ୍ୟାବସ୍ଥାରେ ବିଦ୍ୟା ଓ ଧର୍ମ ସଞ୍ଚୟ କରିବା ପାଇଁ ଏକ ଉପଦେଶାତ୍ମକ ବାଣୀ ହେଲା , 'ବାଲ୍ୟକାଳୁ ବିଦ୍ୟା ଧର୍ମ ମୁଁ ସଞ୍ଚିବି ଏ ଜୀବନ ଅନିଶ୍ଚିତ'। ସେହିପରି 'ଠେକୁଆ କଇଁଛ କଥା' କାହାକୁ ଅବା ଅଜଣା ? ଲକ୍ଷ୍ୟ ହାସଲ ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଉପରେ ଆଧାରିତ ଏହି ଉପାଖ୍ୟାନଟି ଯୁଗ ଯୁଗ ଧରି ଲୋକ ଚରିତ୍ରକୁ ଦିଗ୍‌ଦର୍ଶନ ଦେଇ ଆସିଛି। ସାଧାରଣତଃ ନୀଚ ଲୋକଟିଏ ଉଚ୍ଚ ସ୍ଥାନ ଅଧିକାର କରିଲା ପରେ ଆପଣାର ପୂର୍ବାବସ୍ଥାକୁ ଭୁଲି ଯାଇ ଧରାକୁ ସରା ଜ୍ଞାନ କରୁଥିବା ବେଳେ ସମାଜ ତାକୁ ପରୋକ୍ଷ ଉକ୍ତିରେ ଉପହସିତ କରେ, 'କାଣ୍ଡିଆ କୁଣ୍ଡାରେ ଦିନ ସରେନି ଏବେ ରୁଚୁ ନାହିଁ ସର ଲବଣୀ '। ଏହାଛଡା




ଲୋକଲଜ୍ଜା, ଚକ୍ଷୁଲଜ୍ଜା ବା ଧର୍ମକୁ ଆଖିଠାର ଏହିଭଳି ଏକ ସାମାଜିକ ପ୍ରତିବନ୍ଧକ ଯାହା କୁକର୍ମ କରିବାରୁ ନିବୃତ୍ତ ହେବା ପାଇଁ ଲୋକଙ୍କ ଉପରେ ନୈତିକ ଚାପ ପ୍ରୟୋଗ କରେ, ଯାହାଫଳରେ ସର୍ବସାଧାରଣରେ ମଦ୍ୟପାନ, ନିଶା ସେବନ, ଚୋରି, କୁତ୍ସାରଟନା ଭଳି କର୍ମ ନ କରି ଲୋକଟିଏ ସୁଯୋଗକୁ ଅପେକ୍ଷା କରେ। ସମାଜରେ ପ୍ରଚଳିତ ଅନ୍ୟ ଏକ ଚାପ ପ୍ରୟୋଗକାରୀ ଶକ୍ତି ହେଉଛି ଘରର ଭିତିରି କଥା, ଗୁମର, ଗୋଇ ବା ଇଜ୍ଜତ। ଥରେ ସେଥିରେ ଦାଗ ଲାଗିଗଲେ ଆଉ ଲିଭେନା। ଲୋକମୁଖରେ ପିଢ଼ି ପିଢ଼ି ଧରି ସଂପୃକ୍ତ ପରିବାରର ଏକ କଳଙ୍କ ଭାବରେ ତାହା ଗଡିଚାଲେ। ତେଣୁ ଯେତେ ବଡ଼ ହେଲେ ମଧ୍ୟ ଏଭଳି ଦୁର୍ବଳତା ଥିବା ପରିବାରର ବଂଶଧରମାନେ ମଥାନତ କରିବାକୁ ବାଧ୍ୟ ହୁଅନ୍ତି।

ଏହିପରି ଭାବରେ ଆମ ସମାଜରେ ଅସଂଖ୍ୟ ଚଳଣି ଓ ପରମ୍ପରା ରହିଛି ଯାହାକୁ ପ୍ରଶ୍ନ କରିହେବ ନାହିଁ, କାରଣ ଏସବୁ ଯୁଗ ଯୁଗର ଅଭିଜ୍ଞତା ଏବଂ ଆବଶ୍ୟକତା ଉପରେ ପର୍ଯ୍ୟବସିତ ତଥା ପରୀକ୍ଷିତ। ତେଣୁ ବାହୁ, ଧନ, ଜନ ବଳରେ ଯେତେ ବଳୀୟାନ ହେଲେ ଶକ୍ତି, କ୍ଷମତା, ପ୍ରତିପତ୍ତି,ପ୍ରାଧାନ୍ୟ ଆଦି ଯେତେ ଥିଲେ ବି ଏଭଳି ଚାପଶକ୍ତିକୁ ମାନି ନେବାକୁ ଲୋକ ବାଧ୍ୟ ହୁଏ। କେହି କେହି ଆତ୍ମଗର୍ବୀ ବା ହେତୁବାଦୀ ଏ ସବୁକୁ ଅନ୍ଧବିଶ୍ୱାସ ବୋଲି ହେୟଜ୍ଞାନ କରିବାକୁ ଚାହିଁଲେ ସେଥିପାଇଁ କିଛି ଅନ୍ତରାୟ ନ ଥାଏ ; କିନ୍ତୁ ଯେତେବେଳେ ସେମାନେ କୌଣସି ଅଘଟଣର ସମ୍ମୁଖୀନ ହୁଅନ୍ତି ସେତେବେଳେ ତାଙ୍କ ମନ ଭିତରେ ଚାପି ହୋଇ ରହିଥିବା ଚାପଗୋଷ୍ଠୀର ଉପାଦେୟତାକୁ ସେମାନେ ମନେପକାନ୍ତି।

ଆଗେ ବୟୋଜ୍ୟେଷ୍ଠ ବ୍ୟକ୍ତି, ଗୁରୁଜନ, ଶିକ୍ଷକ, ପଡୋଶୀ, ସମ୍ପର୍କୀୟ ଏମାନେ ସମସ୍ତେ ଅଳ୍ପ ବହୁତେ ଚାପଶକ୍ତିର ବାହକ ଥିଲେ। ଗ୍ରାମ୍ୟ ଚଳଣିକୁ ଶୃଙ୍ଖଳିତ କରିବା ପାଇଁ ମୁଖିଆ, ପୂଜକ, ମୁରବି, ମାନ୍ୟଗଣ୍ୟ ବ୍ୟକ୍ତି ଥିଲେ ଯେଉଁମାନେ ଗ୍ରାମ ବା ସହର ମଧ୍ୟରେ ଉପୁଜୁଥିବା ମନୋମାଳିନ୍ୟ କିମ୍ବା ଅବୁଝାମଣାକୁ ନିଜ ନିଜ ଭିତରେ ସମାଧାନ କରି ଦେଉଥିଲେ। ସେହିପରି ଧାର୍ମିକ ଅନୁଷ୍ଠାନ ତଥା ମଠ ମନ୍ଦିର ଇତ୍ୟାଦି ଆଧ୍ୟାତ୍ମିକ ଚାପ ମାଧ୍ୟମରେ ସାମାଜିକ ସଂହତି ରକ୍ଷା କରୁଥିଲେ। କାଳକ୍ରମେ ଗଣମାଧ୍ୟମ(ଛାପା ଓ ବୈଦ୍ୟୁତିକ) ନିଜ ନିଜ ସ୍ତରରେ ଏ ବିଷୟରେ ସଚେତନତା ସୃଷ୍ଟି କରି ଆଦର୍ଶ ସମାଜର ବାର୍ତ୍ତା ପ୍ରସାର କରୁଛନ୍ତି ଏବଂ ସରକାରୀ ତଥା ବେସରକାରୀ ସ୍ତରରେ ଘଟୁଥିବା ଅନିୟମିତତାକୁ ଲୋକଲୋଚନକୁ ଆଣିବାକୁ ଯଥାସମ୍ଭବ ପ୍ରୟାସ କରୁଛନ୍ତି। ସମ୍ପ୍ରତି ବହୁଳ ବ୍ୟବହୃତ ହେଉଥିବା ଇଣ୍ଟରନେଟ୍, ୱାଇଫାଇ, ଆଇଟି, ସ୍ମାର୍ଟଫୋନ ଇତ୍ୟାଦି ପୃଥିବୀର କୋଣ ଅନୁକୋଣରେ ଘଟୁଥିବା ଘଟଣାବଳୀକୁ ନିମିଷକରେ ସର୍ବତ୍ର ପହଞ୍ଚେଇ ଦେଇ ସାମଗ୍ରିକ ଚାପଗୋଷ୍ଠୀର ଭୂମିକା ନିଭାଉଛି। ଚାପଗୋଷ୍ଠୀ ଆଦର୍ଶ ଓ ଶୃଙ୍ଖଳିତ ଜୀବନ ଗଠନର ଏକ ବଳିଷ୍ଠ ମାଧ୍ୟମ ହେବା ବ୍ୟତୀତ ବାସ୍ତବ ଜ୍ଞାନର ଅଧିକାରୀ କରେଇ ଥାଏ, ଯାହାର ଅଭାବରେ ସାଧାରଣ ଶିକ୍ଷାଗତ ଯୋଗ୍ୟତା ମୂଲ୍ୟହୀନ ହୋଇଯାଏ। ଅତଏବ ଏକ ସ୍ୱୟଂସମ୍ପୂର୍ଣ୍ଣ ଜୀବନଯାପନ ପାଇଁ ଚାପଗୋଷ୍ଠୀର ଆବଶ୍ୟକତାକୁ ଏଡେଇ ହେବନାହିଁ।

**ଶାସ୍ତ୍ରୀନଗର, ୟୁନିଟ -୪, ଭୁବନେଶ୍ୱର**
**ମୋ: ୯୪୩୮୬୭୩୮୯୮**

## ଏଇ ଭାରତରେ

ଦିବ୍ୟାଙ୍ଗଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ରୋଜଗାର ଦେବାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉଦାହରଣ ସୃଷ୍ଟି କରିଛନ୍ତି। ୧୦୦ରୁ ଅଧିକ ଦିବ୍ୟାଙ୍ଗ ସେମାନଙ୍କ ସମୁଦାୟ ପାଇଁ ଭିନ୍ନ ଧରଣର ପୋଷାକ ତିଆରି କରୁଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଦିଲ୍ଲୀ କଳା ଓ ବାଣିଜ୍ୟ କଲେଜ( ଡିସିଏସି)ର ଛାତ୍ରୀଛାତ୍ରଙ୍କ ଏକ ଟିମ୍‌ର ନେତୃତ୍ୱରେ 'ପ୍ରୋଜେକ୍ଟ ରିୟାତ'ଦ୍ୱାରା ଏହି କାର୍ଯ୍ୟ ଚାଲୁଛି। ଏହି ପ୍ରୋଜେକ୍ଟ ୨୦୨୩ରେ ଗଠନ କରାଯାଇଥିଲା ଓ ତାହାର ମୁଖ୍ୟ ଥିଲେ ଅଭିଶି । ଏବେ ମିଶା ଉରୋଜ ଏହାର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଡିସିଏସିର ଟିମ୍ ସର୍ଭେ କରି ଏହି ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ଟେଲର ମାଷ୍ଟରଙ୍କ ମାଧ୍ୟମରେ ପ୍ରଶିକ୍ଷଣ ଦେଇଛନ୍ତି। ଏହିସବୁ କାର୍ଯ୍ୟ ଛାତ୍ରୀଛାତ୍ରମାନେ ଦିଲ୍ଲୀସ୍ଥିତ ଅଣ ଲାଭକାରୀ ସଂସ୍ଥା ଫ୍ୟାମିଲି ଅଫ୍ ଡିଜାବିଲିଟି(ଏଫ୍‌ଓଡି)ର ଭାଗୀଦାରିରେ କରୁଛନ୍ତି। ପ୍ରତିଦିନ କଲେଜରେ ପଢ଼ା ପରେ ସନ୍ଧ୍ୟା ୬ଟାରେ ଏହି କାମ ପାଇଁ ସେମାନେ ଆଲୋଚନା କରୁଛନ୍ତି। ଦିବ୍ୟାଙ୍ଗଙ୍କ ଦ୍ୱାରା ତିଆରି ପୋଷାକଗୁଡ଼ିକୁ ପ୍ରୋଜେକ୍ଟର ୱେବ୍‌ସାଇଟରେ ବିକ୍ରି ପାଇଁ ଅର୍ଡର ସଂଗ୍ରହ କରାଯାଉଛି। ପୋଷାକର ମୂଲ୍ୟ ୧,୦୦୦ରୁ ୧୫୦୦ ମଧ୍ୟରେ ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୯ ଏପ୍ରିଲ ୧୯୭୬**

- ଆଭ୍ୟନ୍ତରୀଣ ବଜାରରେ ଆଳୁର ଖୁଚୁରା ଦର ବୃଦ୍ଧି ପାଇଥିବାରୁ ନାଫେଡ୍ ପକ୍ଷରୁ ପଦକ୍ଷେପ ସ୍ୱରୂପ ବିଦେଶକୁ ଆଳୁ ରପ୍ତାନୀ ବନ୍ଦ।
- ତିରୁମଲାଇ ପର୍ବତମାଳାର ଘାଟି ରାସ୍ତାରେ ଆନ୍ଧ୍ରପ୍ରଦେଶର ପରିବହନ ବସ୍ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ଘଟଣାସ୍ଥଳରେ ୧୦ ଜଣ ନିହତ।
- ମିଳିତ ଜାତିସଂଘର ପରବର୍ତ୍ତୀ ସେକ୍ରେଟାରୀ ଜେନେରାଲ ପଦବୀ ପାଇଁ ପ୍ରାର୍ଥୀ ରୂପେ ୬ ଜଣଙ୍କ ନାମ ଉଲ୍ଲେଖ କରାଯାଇଥିବା 'ନ୍ୟୁୟର୍କ ଟାଇମ୍ସ' ସମ୍ବାଦପତ୍ର ସୂତ୍ରରୁ ପ୍ରକାଶ।

## ଚିରନ୍ତନୀ

ବିଶ୍ୱ ହେଲା ନିକଟତମ
ଅତିହିଁ ପ୍ରିୟ, ପ୍ରାସ
ଉଠିଲା ପୂରି ସକଳ କ୍ଷତ
ସକଳ ଅବକାଶ।

–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ଓ ବିଦ୍ୟୁତ୍ ଅପଚୟ ରୋକାଯାଉ

ମହାଶୟ,

ଜଳ ଓ ବିଦ୍ୟୁତ୍ ଦୁଇଟି ଅତ୍ୟାବଶ୍ୟକ। ମନୁଷ୍ୟ ଜୀବନ ଯାପନ ପାଇଁ ଏଥିରୁ ଗୋଟିଏର ଅଭାବରେ ମଣିଷ ଚଳିପାରିବ ନାହିଁ। ଏବେ ଗ୍ରୀଷ୍ମଋତୁ ଚାଲି ଥିବାରୁ ଜଳାଭାବ ଏକ ପ୍ରମୁଖ ସମସ୍ୟା ରୂପେ ଠିଆ ହୋଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ପାନୀୟ ଓ ବ୍ୟବହାରଯୋଗ୍ୟ ଜଳର ଘୋର ଅଭାବ ରହିଛି। ବହୁ ଅଞ୍ଚଳରେ ଲୋକମାନେ ଜଳାଭାବରୁ ଡହଳ ବିକଳ ହେଉଛନ୍ତି। ମାତ୍ର ଅନେକ ସ୍ଥାନରେ ଜଳର ଅପଚୟ ହେଉଛି। ଘରେ ଜଳ ବ୍ୟବହାର କଲାବେଳେ ଲୋକମାନେ ଅଯଥାରେ ବହୁ ପାଣି ନଷ୍ଟ କରୁଛନ୍ତି। ଅନେକ ଅଞ୍ଚଳରେ ପାଣି ଷ୍ଟାଣ୍ଡ ଅଚଳ ଥିବାରୁ, ପାଣିର ଟ୍ୟାପ୍‌ଗୁଡିକ ଖୋଲା ରହି ସବୁବେଳେ ପାଣି ବୋହିଯାଇ ନଷ୍ଟ ହେଉଛି। ସେହିପରି ବିଦ୍ୟୁତ୍ ବ୍ୟବହାରରେ ଲୋକମାନେ ସଚେତନ ନୁହନ୍ତି। ରାସ୍ତାଘାଟ, ମନ୍ଦିର ପ୍ରାଙ୍ଗଣ ଓ ବହୁ ଅନୁଷ୍ଠାନରେ ଦିନସାରା ଲାଇଟ୍ ଜଳୁଛି। ଅନାବଶ୍ୟକ ସମୟରେ ଫ୍ୟାନ୍‌ଗୁଡିକ ବୁଲୁଛି। ଏହା ତଦାରଖ କରିବାକୁ କୌଣସି ବ୍ୟବସ୍ଥା ନାହିଁ ବା କାହାପାଖରେ ସମୟ ନାହିଁ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର।**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କୋଲକାତାରେ ଶୁକ୍ରବାର ବରିଷ୍ଠ ଭାଜପା ନେତା ଦିଲୀପ ଘୋଷ ଦଳୀୟ ନେତ୍ରୀ ରିଙ୍କୁ ମଜୁମ୍‌ଦାରଙ୍କୁ ବିବାହ କରୁଛନ୍ତି।

## ୬୦ ବର୍ଷରେ ଦି ହାତ ହେଲେ ଦିଲୀପ ଘୋଷ

କୋଲକାତା,୧୮।୪(ପି.ଟି.)

ପଶ୍ଚିମବଙ୍ଗ ଭାଜପାର ପୂର୍ବତନ ସଭାପତି ଦିଲୀପ ଘୋଷ ୬୦ ବର୍ଷ ବୟସରେ ହାତେରୁ ଦି ହାତ ହୋଇଛନ୍ତି। କୋଲକାତାରେ ଭାଜପା ନେତ୍ରୀ ରିଙ୍କୁ ମଜୁମଦାରଙ୍କୁ ସେ ବିବାହ କରିଛନ୍ତି। ୨୦୨୧ରେ ପ୍ରାତଃଭ୍ରମଣ ବେଳେ ଉଭୟେ ପରସ୍ପରକୁ ଭେଟିଥିଲେ। ପରେ ସମ୍ପର୍କରେ ଘନିଷ୍ଠତା ବଢ଼ିଥିଲା। ତେବେ ମା'ଙ୍କ କଥା ମାନି ବିବାହ କରିଥିବା ପୂର୍ବତନ ଏମ୍‌ପି ଦିଲୀପ କହିଛନ୍ତି। ଦିଲୀପ ପୂର୍ବରୁ ଅବିବାହିତ ଥିବାବେଳେ ରିଙ୍କୁଙ୍କ ଏହା ଦ୍ୱିତୀୟ ବିବାହ। ପ୍ରଥମ ବିବାହରୁ ତାଙ୍କର ଏକ ପୁଅ ଅଛନ୍ତି।

# ୩୦ରେ କଂଗ୍ରେସର ଚାଷୀ ସମାବେଶ: ଭକ୍ତ

ଭୁବନେଶ୍ୱର,୧୮।୪
(ରବିନାରାୟଣ ଜେନା)

ରାଜ୍ୟରେ ନାରୀ ନିର୍ଯାତନାକୁ ନେଇ କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥିବା ସଂଘର୍ଷ ଆଗକୁ ତୀବ୍ର ହେବ। ଏହାସହିତ ଚଳିତମାସ ୩୦ରେ ପବିତ୍ର ଅକ୍ଷୟତୃତୀୟା ଦିନ ଚାଷୀଙ୍କ ସମସ୍ୟାକୁ ନେଇ କଂଗ୍ରେସ ପକ୍ଷରୁ ଜିଲାସ୍ତରରେ ଚାଷୀ ସମାବେଶ କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଭକ୍ତ କହିଛନ୍ତି, ଆସନ୍ତା ୨୧ରେ ଜିଲାସ୍ତରରେ ନାରୀଙ୍କ ପାଇଁ ନ୍ୟାୟ ସମାବେଶ କରାଯିବାକୁ ଥିଲା। ମାତ୍ର ଏହାକୁ ୩୦କୁ ଘୁଞ୍ଚାଇ ଦିଆଯାଇଛି। ଏହି ଦିନ ନାରୀଙ୍କ ପାଇଁ ନ୍ୟାୟ ସହିତ ଚାଷୀ ସମାବେଶ କରାଯିବ। ରାଜ୍ୟ ସରକାର କିଭଳି ନାରୀ ଓ ଚାଷୀଙ୍କୁ ଅବହେଳିତ କରୁଛନ୍ତି ତା'ର ଜବାବ ସରକାରଙ୍କଠାରୁ ମଗାଯିବ। ଏଥିସହ ସମଗ୍ର ରାଜ୍ୟରେ ୬୪ ହଜାର ମହିଳା ନିଖୋଜ ଅଛନ୍ତି। ରାଜ୍ୟରେ ଏହାକୁ ନେଇ ଭୟଙ୍କର ବେପାର ଚାଲିଛି। ସରକାର ପୋଲିସ ବଳକୁ ବ୍ୟବହାର କରି ଏସବୁ ରୋକିବା କଥା କିନ୍ତୁ ଏଦିଗରେ ସରକାରୀ ବଳ ନ ଖଟାଇ ଯେଉଁମାନେ ନାରୀଙ୍କ ପାଇଁ ସ୍ୱର ଉଠାଇଲେ ତାଙ୍କୁ ଦମନ କରୁଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ପୋଲିସକୁ ବ୍ୟବହାର କରାଯାଉଛି ବୋଲି ସେ କହିଛନ୍ତି।

ସେହିପରି ଆସନ୍ତା ୩୦ରେ ଜିଲାସ୍ତରରେ ହେବାକୁ ଥିବା ଚାଷୀ ସମାବେଶ ବେଳେ କଂଗ୍ରେସ ନେତୃବୃନ୍ଦ ଚାଷୀଙ୍କ ସମସ୍ୟା ନେଇ ଆଲୋଚନା କରିବେ। ଏହାପରେ ଚାଷୀଙ୍କ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଭକ୍ତ କହିଛନ୍ତି।

# ଯୁବ ସମାଜ କଂଗ୍ରେସକୁ କ୍ଷମା ଦେବ ନାହିଁ: ଅଭିଲାଷ

ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)

### ନ୍ୟାଶନାଲ ହେରାଲ୍ଡ ପ୍ରସଙ୍ଗରେ ଯୁବମୋର୍ଚ୍ଚାର ବିକ୍ଷୋଭ

କଂଗ୍ରେସ ବିରୋଧରେ ରାସ୍ତାକୁ ଓହ୍ଲାଇଛି ଭାଜପା ଯୁବମୋର୍ଚ୍ଚା। ନ୍ୟାଶନାଲ ହେରାଲ୍ଡ ପ୍ରସଙ୍ଗକୁ ନେଇ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଯୁବମୋର୍ଚ୍ଚା ନେତା ଓ କର୍ମୀମାନେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା କହିଛନ୍ତି, ଧାରଣା ଦେବାର ଅଧିକାର ସମସ୍ତଙ୍କର ଅଛି, କିନ୍ତୁ ଦେଶର ସମ୍ପତ୍ତି, ଜମି ଓ ଧନ ଲୁଟ୍ କରିବାର ଅଧିକାର କାହାକୁ ଦିଆଯାଇନାହିଁ। ଧାରଣା ଦେଇ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ କଂଗ୍ରେସ ଅତ୍ୟନ୍ତ ନିର୍ଲଜ କାମ କରୁଛି। ଗତ ୪ ବର୍ଷ ଧରି ନ୍ୟାଶନାଲ ହେରାଲ୍ଡ ମାମଲା ସୁପ୍ରିମକୋର୍ଟରେ ଚାଲିଛି। ଏହି ଘଟଣାରେ ବର୍ତ୍ତମାନ ଜାମିନରେ ଥିବା ଉଭୟ ସୋନିଆ ଏବଂ ରାହୁଲ ଗାନ୍ଧୀ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେଲେ ମଧ୍ୟ କୌଣସି ଆଶ୍ୱସ୍ତି ମିଳିଲାନାହିଁ। ଏବେ ଆଇନକୁ ସାହାଯ୍ୟ ଓ ସହଯୋଗ କରିବା ପରିବର୍ତ୍ତେ ତଦନ୍ତକାରୀ ସଂସ୍ଥା ଇଡିକୁ କଂଗ୍ରେସ ପକ୍ଷରୁ ଧମକ ଦିଆଯିବା ଦୁର୍ଭାଗ୍ୟଜନକ ବୋଲି ଅଭିଲାଷ କହିଛନ୍ତି। ଦେଶର ସ୍ୱାଧୀନତା ସଂଗ୍ରାମ ସେନାନୀଙ୍କ ବାର୍ତ୍ତାକୁ ସାରା ଦେଶରେ ପହଞ୍ଚାଇବା ଉଦ୍ଦେଶ୍ୟରେ ୧୯୩୭ରେ ନ୍ୟାଶନାଲ ହେରାଲ୍ଡ ଖବରକାଗଜ ପ୍ରକାଶନ ଆରମ୍ଭ ହୋଇଥିଲା। ହେଲେ ଏହି ଖବର ସରବରାହ ସଂସ୍ଥାକୁ କଂଗ୍ରେସ ଓ ଗାନ୍ଧୀ ପରିବାର ନିଜର ସମ୍ପତ୍ତି ଭଳି ବ୍ୟବହାର କରିଛନ୍ତି। ଯୁବସମାଜ କଂଗ୍ରେସକୁ କେବେ କ୍ଷମା ଦେବ ନାହିଁ ବୋଲି ଅଭିଲାଷ କହିଛନ୍ତି।

# ଚାଷୀ, ମା'ଙ୍କୁ ମିଳିଲା ସମ୍ମାନ: ମନମୋହନ

### ଭାଜପାର ବିଧାନସଭାସ୍ତରୀୟ ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଚାନ୍ଦବାଲି/ ଭଦ୍ରକ,୧୮।୪
(କିଷାନ ପାତ୍ର/ ସନାତନ ରାଉତ)



ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଭାଜପାର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ଦଳୀୟ ନେତୃବୃନ୍ଦ।

ଓଡ଼ିଶାରେ ଭାଜପା ସରକାର ଗଠନ ପରେ ମା'ମାନଙ୍କୁ ସୁଭଦ୍ରା ଯୋଜନା ଓ ଚାଷୀମାନଙ୍କୁ ଧାନର ମୂଲ୍ୟ ୩୧ଶହ ଟଙ୍କା ପ୍ରଦାନ କରି ଉପଯୁକ୍ତ ସମ୍ମାନ ଦିଆଯାଇଛି ବୋଲି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି। ଶୁକ୍ରବାର ଅପରାହ୍ନରେ ଭଦ୍ରକ ଜିଲା ଚାନ୍ଦବାଲି ସହର ବିଜୁ ସ୍ମୃତି ଭବନଠାରେ ଭାଜପାର ବିଧାନସଭାସ୍ତରୀୟ ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅନ୍ୟତମ ଅତିଥି ଭାବେ ଜିଲା ସଭାପତି ଭଗବାନ ପଣ୍ଡା ଯୋଗଦେଇ ଦଳକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ସକ୍ରିୟ ସଦସ୍ୟମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର କୁମାର ରାଉଳ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉଳ, ଆରଡ଼ି ମଣ୍ଡଳ ସଭାପତି ସନ୍ଦୀପ ନାୟକ, ଏନ୍ଏସି ସଭାପତି ବିକାଶ କୁମାର ବେହେରା, ଧାମରା ମଣ୍ଡଳ ସଭାପତି ତ୍ରିଦିବେଶ ପ୍ରଧାନ, ଗଜଲକ୍ଷ୍ମୀ ମଣ୍ଡଳ ସଭାପତି ଚନ୍ଦନ ବଳ, କିଶୋର ନାୟକ, ଦେବେନ୍ଦ୍ର ନାୟକ, ମା' କାଳୀ ମଣ୍ଡଳ ସଭାପତି ପ୍ରବୀର ରାଉତ, ଲଙ୍କେଶ୍ୱରୀ ମଣ୍ଡଳ ସଭାପତି ଅଜୟ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ସରପଞ୍ଚ ଭାରତୀ ବିଶ୍ୱାଳ, ସୁଶାନ୍ତ ପୁହାଣ, ଅଭୟ ବଳ, ସୁଶାନ୍ତ ମହାପାତ୍ର, ମୀନକେତନ ବିଶ୍ୱାଳ, ଯୁବନେତା ଅଞ୍ଜନ ଦାସ, ସୁଶାନ୍ତ ମହାନ୍ତି, ଅଭିମନ୍ୟୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସନ୍ଧ୍ୟାରେ ଭଦ୍ରକ କୁଆଁସସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟରେ ଭାଜପାର ଭଦ୍ରକ ବିଧାନସଭା କ୍ଷେତ୍ରର ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ମନମୋହନ ଯୋଗଦେଇ କହିଥିଲେ, ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତ କରିବା ସହ କୃଷକଙ୍କ ଆୟ ୨ ଗୁଣ କରିଛନ୍ତି। ନିର୍ବାଚନ ବେଳେ ଦେଇଥିବା ସବୁ ପ୍ରତିଶ୍ରୁତି ସରକାର ପୂରଣ କରିଛନ୍ତି। ସରକାରଙ୍କ ସମସ୍ତ ଯୋଜନାକୁ ଘରେ ଘରେ ପହଞ୍ଚାଇବା ପାଇଁ ସକ୍ରିୟ ସଦସ୍ୟମାନଙ୍କୁ ସେ ଆହ୍ୱାନ ଦେଇଛନ୍ତି। ସରକାର ଆସିବା ପରେ ଭଦ୍ରକ ନିର୍ବାଚନମଣ୍ଡଳୀରେ ବହୁ ଉନ୍ନୟନ କାର୍ଯ୍ୟ କରାଯାଇଛି। ତଳସ୍ତରରେ ଥିବା ଲୋକଙ୍କ ମଧ୍ୟରେ ସରକାରୀ ଯୋଜନାର ସୁବିଧା ପହଞ୍ଚାଇବା ପାଇଁ ବିଧାୟକ ସିତାଂଶୁ ଶେଖର ମହାପାତ୍ର ସଦସ୍ୟମାନଙ୍କୁ ପରାମର୍ଶ ଦେବା ସହ ତୃଣମୂଳ ସ୍ତରରେ ଦଳକୁ ସୁଦୃଢ଼ କରିବାକୁ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ସଭାପତି ଭଗବାନଙ୍କ ସହ ବାଣୀକଲ୍ୟାଣ ମହାନ୍ତି, ଅମୂଲ୍ୟ ନାୟକ ପ୍ରମୁଖ ଦଳୀୟ ନେତା ଓ ବିଭିନ୍ନ ମଣ୍ଡଳର ସଭାପତି ଯୋଗ ଦେଇଥିଲେ।

## ଭାଜପାର ୨ ଗୋଷ୍ଠୀ ମଧ୍ୟରେ ଠେଲାପେଲା

ବଡ଼ବିଲ,୧୮।୪(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲଠାରେ ଭାଜପା ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସକ୍ରିୟ ସଦସ୍ୟ ସମ୍ମିଳନୀରେ ଦୁଇ ଗୋଷ୍ଠୀ ମଧ୍ୟରେ ଠେଲାପେଲା ହୋଇଥିବା ଜାଣିବାକୁ ମିଳିଛି। ଜିଲା ସଭାପତି ସମ୍ମିଳନୀରେ ଉପସ୍ଥିତ ଥିଲେ ମଧ୍ୟ ଦଳର ଏକ ଗୋଷ୍ଠୀ ହୋହଲ୍ଲା କରିଥିଲେ। ପରେ ସମ୍ମିଳନୀ କକ୍ଷ ବାହାରେ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ଓ ଠେଲାପେଲା ହୋଇଥିଲା। ଏଥିରେ କେତେକ ଆହତ ହୋଇଥିବାବେଳେ ମାମଲା ଥାନାରେ ପହଞ୍ଚିଥିବା ଜଣାପଡ଼ିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଫାୟାର ୱାଟର ଡିଷ୍ଟଲେରୀ ପ୍ରା ଲିଃ. କୋମତାଲପେଟା, ରାୟଗଡ଼ା ନିମନ୍ତେ **ସେଲ୍ସ ଏକ୍ଜିକ୍ୟୁଟିଭ୍** ଆବଶ୍ୟକ। ଯୋଗ୍ୟତା – ଯେକୌଣସି ଡିଗ୍ରୀ, ଅଭିଜ୍ଞତା – ସର୍ବନିମ୍ନ ୪ ବର୍ଷ। **ଯୋଗାଯୋଗ – ୯୮୬୬୫୩୪୮୮୮, ୭୩୨୫୯୭୧୮୯୯**

**REQUIREMENT**
Wanting one staff for our distributorship Godown At Khordha. Experience in marg software.
**Mob : 9556070670**

Gitanjali AWARDS
**WANTED GRAPHIC DESIGNERS**
With complete knowledge of CorelDraw.
Interested candidates may send their resume to info@gitanjaliawards.com.
**Gitanjali Awards Pvt. Ltd.**
59, Saheed Nagar, Bhubaneswar. Ph: 7381092101
www.gitanjaliawards.com

### ଅନ୍ୟାନ୍ୟ ଖବର

# 'ଜାଟ୍' ସିନେମାକୁ ନେଇ ବିବାଦ

### ସନ୍ନି ଦେଓଲ, ରଣଦୀପ୍ ହୁଡାଙ୍କ ନାଁରେ ମାମଲା

ଚଣ୍ଡିଗଡ଼,୧୮।୪

ଗତ ୧୦ ତାରିଖରେ ମୁକ୍ତିଲାଭ କରିଥିବା 'ଜାଟ୍' ଚଳଚ୍ଚିତ୍ରର ଏକ ଦୃଶ୍ୟ ସମଗ୍ର ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇଥିବା ଅଭିଯୋଗକ୍ରମେ ବଲିଉଡ୍ ଅଭିନେତା ସନ୍ନି ଦେଓଲ, ରଣଦୀପ୍ ହୁଡା ଏବଂ ବିନୀତ କୁମାର ସିଂଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଯିଶୁ ଖ୍ରୀଷ୍ଟଙ୍କୁ ଚଳଚ୍ଚିତ୍ରରେ ଅସମ୍ମାନିତ କରାଯାଇଥିବା ଅଭିଯୋଗ ହୋଇଛି। ଧର୍ମୀୟ ଭାବନାକୁ ଉତ୍ତେଜିତ କରିବା ଲାଗି ଜାଣିଶୁଣି ଏଭଳି ଦୃଶ୍ୟ ସ୍ଥାନିତ କରାଯାଇଥିବା ନେଇ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୨୯୯ ଅନୁଯାୟୀ ଜଳନ୍ଧର ଥାନାରେ ଏତଲା ଦାଏର ହୋଇଛି। ଏହା ବ୍ୟତୀତ ଚଳଚ୍ଚିତ୍ରର ନିର୍ଦ୍ଦେଶକ ଗୋପୀଚାନ୍ଦ ମାଲିନେନି ଏବଂ ପ୍ରଯୋଜକଙ୍କ ନାଁରେ ମଧ୍ୟ ଏତଲା ହୋଇଛି। ନିର୍ଦ୍ଦେଶକ, କାହାଣୀ ଲେଖକ ଏବଂ ଚଳଚ୍ଚିତ୍ର ନିର୍ମାତା ଜାଣିଶୁଣି ପବିତ୍ର ଗୁଡ୍ ଫ୍ରାଇଡେ ଏବଂ ଇଷ୍ଟର ମାସରେ ଚଳଚ୍ଚିତ୍ରକୁ ମୁକ୍ତିଲାଭ କରାଇଥିବାରୁ ଖ୍ରୀଷ୍ଟିଆନମାନେ କ୍ଷୁବ୍ଧ ହୋଇଛନ୍ତି। ଏହାକୁ ନେଇ ଦେଶର ବିଭିନ୍ନ ଭାଗରେ ଉତ୍ତେଜନା ଦେଖାଦେବା ସହ ଚଳଚ୍ଚିତ୍ରକୁ ନିଷିଦ୍ଧ କରାଇବା ପାଇଁ ଦାବି ହେଉଛି। ସନ୍ନି ଦେଓଲଙ୍କ ଅଭିନୀତ ସଦ୍ୟତମ ଫିଲ୍ମ ଜାଟ୍‌ରେ ରଣଦୀପ୍ ହୁଡା, ବିନୀତ କୁମାର ସିଂ, ସୈୟାମି ଖେର୍, ରେଜିନା କେସେଣ୍ଡ୍ରା, ପ୍ରଶାନ୍ତ ବଜାଜ, ଜରିନା ୱାହାବ ପ୍ରମୁଖ ଅଭିନୟ କରିଛନ୍ତି।

## କାରଖାନାରେ ଦୁର୍ଘଟଣା, ୨ ମୃତ

ଢେଙ୍କାନାଳ,୧୮।୪(ରତନ ନାୟାର)

ଢେଙ୍କାନାଳ ଜିଲା ବାଲିମୀ ଥାନା ଅଞ୍ଚଳରେ ଥିବା ରୁଙ୍ଗଟା ଇସ୍ପାତ କାରଖାନା ପରିସରରେ ଶୁକ୍ରବାର ମଧ୍ୟାହ୍ନରେ ଦୁର୍ଘଟଣା ଘଟି ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଆହତ ହୋଇଥିବା ସୂଚନା ମିଳିଛି। କାରଖାନା ପରିସର ୯ ନମ୍ବର କିଲନ୍‌ଠାରେ ଏକ ଠିକାସଂସ୍ଥାରେ ମେକାନିକାଲ କାର୍ଯ୍ୟ ଚାଲୁଥିବା ବେଳେ ହଠାତ୍ ଦୁର୍ଘଟଣା ଘଟିଥିଲା । ମୃତ ଶ୍ରମିକମାନେ ହେଲେ ବାଲିମୀ ଥାନା କନ୍ତାମିଲା ଗ୍ରାମର ଜିତେନ୍ଦ୍ର ବେହେରା ଓ ପୁରନ୍ଦର ପ୍ରଧାନ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଆହତଙ୍କୁ କମ୍ପାନୀ ପକ୍ଷରୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାର ପ୍ରତିବାଦରେ କାରଖାନାରେ ଶ୍ରମିକମାନେ ଧାରଣାରେ ବସିରହିଛନ୍ତି। ପୋଲିସ ଓ କାରଖାନା କର୍ତ୍ତୃପକ୍ଷ ଧାରଣାରତ ଶ୍ରମିକମାନଙ୍କୁ ବୁଝାସୁଝା ଜାରି ରଖିଛନ୍ତି ।

**House Construction**
Starting @1599/per Sqft.
**Simplex /Duplex / Triplex / Apartment**
By The Experts Only.
(With Branded Materials like Rebar- Tata /Jsw /Jindal , Cement-Ultratech /Acc / Dalmia, Bricks-10", Tiles- kajaria / Somany, Paints-Asian / Berger, Sanitary Fittings-Jaquar / Hindware / Cera, Electrical Wire - Finolex / Havells / Polycab, Modular Switches Havells / Anchor / Cona / Goldmedal, UPvc Window- Fenesta / Veka / Lg / Saint Gobain)
**M Planets -7008550473**
L427, Baramunda, Bhubaneswar.

**APPOINTMENT**
**DISTRICT DISABILITY REHABILITATION CENTRE (DDRC), DEOGARH**
Applications are invited from the Interested Professional /Personnels for engagement at DDRC, Deogarh on contractual basis for the following posts with eligible criteria. Salary as prescribed by Govt. of India, DDRC Project
1. **Audiologist/Sr. Speech Therapist (1 no.)** Qualification: BASLP/B.Sc. Speech & Hearing with Valid CRR No., 2. **Accountant Cum Clerk (1 no.)** Qualification: B.Com with 2 Yrs Experience, 3. **Vocational Counsellor. (1 no.)** Qualification: +3 With Diploma in Counselling/ B.R.Sc / ADCGC with Valid CRR No.
**Interested Candidates may send their Resume affix a PP size colour photo, headed as Post applied for with all the qualification certificates and marksheets in single pdf within 300kb. E mail: to ddrcdeogarh@gmail.com as on or before 23rd April, 2025. Shortlisted candidates will be called for Interview. Applications received thereafter shall not be entertained.**
Sd/-
DDRO, DDRC, Deogarh

**ପୂର୍ବ ତଟ ରେଳପଥ**
Tender Notice No.: 04-KUR-TRD-OT-2025-26, ତାରିଖ : 10.04.2025
କାର୍ଯ୍ୟର ନାମ : ଭଦ୍ରକ (BHC) ଖୋର୍ଦ୍ଧା ରୋଡ୍ (KUR) ସେକ୍ସନରେ ନୂଆ ଗଡମଧୁପୁର (NGMP) ଷ୍ଟେସନରେ ଗୋଟିଏ ଅତିରିକ୍ତ ଲୁପ୍‌ଲାଇନ ବ୍ୟବସ୍ଥା ସହିତ OHE ପରିବର୍ତ୍ତନ କାର୍ଯ୍ୟ ଏବଂ ବିଦ୍ୟୁତକରଣ କାର୍ଯ୍ୟ।
ବିଜ୍ଞାପିତ ମୂଲ୍ୟ : ଟ.66,34,701.30
EMD: ଟ. 1,32,700/-, ଟେଣ୍ଡର କାଗଜାତ ମୂଲ୍ୟ: ଟ. 00/-
କାର୍ଯ୍ୟସମାପ୍ତିର ଅବଧି: 180 ଦିନ, ବିଡ଼ିଂ ଆରମ୍ଭ ତାରିଖ:21.04.2025
ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ : ତା. 05.05.2025 ରିଖ 1300 ଘଟିକାରେ
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଟେଣ୍ଡର କାଗଜାତର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ(TRD)
PR-42/Q/25-26 ଖୋର୍ଦ୍ଧା ରୋଡ୍

**ପୂର୍ବତଟ ରେଳପଥ**
File No. DRM/Engg/KUR/24-25/E-Tender/02 ତା.10.04.2025ରିଖ
(1) Tender Notice No.: e-tenderNorthKUR-08-2025, ତା.08.04.2025ରିଖ
କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ପର୍ଜ୍ଜନପୁର(PRNR) ଗୁଡ୍‌ସସେଡର ମୌଳିକ ସୁବିଧା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ମାପ ସହିତ ବିକାଶ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.828.48 ଲକ୍ଷ
EMD : ଟ.5,64,300/-, କାର୍ଯ୍ୟ ସମାପ୍ତିର ଅବଧି : 12 (ବାର) ମାସ
(2) Tender Notice No.: e-tenderNorthKUR-09-2025, ତା.08.04.2025ରିଖ
କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ଗୋଆଲଡିହ (GADH) ଗୁଡ୍‌ସସେଡର ମୌଳିକ ସୁବିଧା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ମାପ ସହିତ ବିକାଶ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.828.48 ଲକ୍ଷ
EMD : ଟ.5,64,300/-, କାର୍ଯ୍ୟ ସମାପ୍ତିର ଅବଧି : 12 (ବାର) ମାସ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.30.04.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ୱେବ୍‌ସାଇଟ୍ : www.ireps.gov.in
ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଞ୍ଜିନିୟରିଂ)
PR-41/Q/25-26 ଖୋର୍ଦ୍ଧା ରୋଡ୍

OHPC
**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No.CAD-157 Email-hpschiplima@yahoo.in, Fax No. (0663) 2460505
No.-CHEP/TW-53 (Vol.-III)/1375 Date: 16.04.2025
**TENDER CALL NOTICE NO.-CHEP-05/2025-26**
Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Reputed Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-refundable) | EMD in Rs. (Refundable) |
|---|---|---|
| Supply of BLDC AC Ceiling Fans, Stabilizers, FRP & Aluminium Ladders, Skytuch Telescopic Pruning Saw Hand Operator and Bush Cutter Machine for CHEP, Chiplima | Rs.2,360/- (Rs.2,000/- + GST @18%) | 3,900/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.22.04.2025 up to 10:30 AM of dtd.05.05.2025.
OIPR-04006/11/0072/2526 Sd/- C & P Head, CHEP, Chiplima

No.CAD-155
idco | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
Tender Call Notice No. BBSR/ELECT/E-4171/20-21/988 Dated : 15.04.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
1. Name of the work : SITC of 25KVA 11/0.4KV Distribution Transformer and 11KV OH Line for power supply to Basantpur MSME Park, Sambalpur.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID. No. BBSR/ Elect/e-138/2024-25 | 21.04.2025 at 17.00 Hrs. | 01.05.2025 at 17.00 Hrs. |

Further details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen **in the e-procurement portal** as well as in **IDCO website.**
Sd./- Divisional Head (Elect)
OIPR-14003/11/0137/2526 IDCO, Bhubaneswar

# ଖାଦ୍ୟ ହିଁ ମହୌଷଧି

### ବିଶ୍ୱ ଲିଭର ଡେ'

ପ୍ରତିବର୍ଷ ଏପ୍ରିଲ ୧୯ ତାରିଖକୁ ବିଶ୍ୱ ଯକୃତ୍ ଦିବସ ବା ୱାର୍ଲ୍ଡ ଲିଭର ଡେ' ଭାବରେ ପାଳନ କରାଯାଇଆସୁଅଛି। ଯକୃତ୍ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଦ୍ୱିତୀୟ ବୃହତ୍ତମ ଅଙ୍ଗ, ଏହା ଉପରେ ଆମର ସ୍ୱାସ୍ଥ୍ୟ ବିଶେଷରୂପେ ନିର୍ଭର କରିଥାଏ। ତେଣୁ ଏହାକୁ ସୁସ୍ଥ ରଖିବା ଉପାୟଗୁଡ଼ିକୁ ପାଳନ କରିବାକୁ ପଡ଼ିବ। ଲିଭର ଅବସ୍ଥା ଓ କାର୍ଯ୍ୟକ୍ଷମତା ଆମେ ଖାଉଥିବା ଖାଦ୍ୟ ଉପରେ ନିର୍ଭର କରିଥାଏ। ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ଖାଦ୍ୟ ହିଁ ମହୌଷଧି'। ଏପରି କୌଣସି ଖାଦ୍ୟ, ପାନୀୟ ଏବଂ ଔଷଧ ନାହିଁ ଯାହା ଆମ ଲିଭର ଉପରେ କୌଣସି ପ୍ରଭାବ ପକାଇ ନ ଥାଏ। ମଦ, କେତେକ ଔଷଧ, ବିଷାକ୍ତ ପଦାର୍ଥ ଇତ୍ୟାଦି ଲିଭରର ଅଶେଷ କ୍ଷତି ସାଧନ କରିଥାଆନ୍ତି।

ଲିଭର ପାକସ୍ଥଳୀ, ଡାହାଣ କିଡ୍‌ନୀ ଓ ଗ୍ରହଣୀ ଉପରେ ଅବସ୍ଥିତ। ପ୍ରଥମତଃ ଲିଭର ରକ୍ତକୁ ପରିଷ୍କାର କରିଥାଏ ବା ଛାଣିଥାଏ। ଏହା ରକ୍ତରେ ଥିବା ବିଷାକ୍ତ, ବର୍ଜ୍ୟ ଓ କ୍ଷତିକାରକ ପଦାର୍ଥକୁ ରକ୍ତରୁ ସଫା କରିଥାଏ। ଏହାସହିତ କୋଲେଷ୍ଟରଲ, ହରମୋନ ଓ ଔଷଧୀୟ ତତ୍ତ୍ୱଗୁଡ଼ିକୁ ବିଘଟନ କରିଥାଏ। ପାଚନଯନ୍ତ୍ରରୁ ପ୍ରଥମେ ଲିଭର ମଧ୍ୟ ଦେଇ



ପରିଷ୍କାର ହେଲା ପରେ ହୃଦଯନ୍ତ୍ର ରକ୍ତ ସଞ୍ଚାଳନ ପଥକୁ ଯାଇଥାଏ। ଏହା ବାଇଲ୍ ବା ପିତ୍ତ ନାମକ ପଦାର୍ଥ ତିଆରି କରେ, ଯାହାକି ଖାଦ୍ୟ ହଜମ ତଥା ଅବଶୋଷଣରେ ସାହାଯ୍ୟ କରିଥାଏ। ବାଇଲ୍ ବା ପିତ୍ତରସ ପିତ୍ତ କୋଷରେ ଥାଏ। ଲିଭର ଖାଦ୍ୟକଣିକା, ଔଷଧ ଓ ଅନ୍ୟାନ୍ୟ ପଦାର୍ଥକୁ ବିଘଟନ କରି ସ୍ନେହସାର, ପୁଷ୍ଟିସାର, ଶ୍ୱେତସାର ଇତ୍ୟାଦିକୁ ଜାରଣ କରାଇ ଶରୀର ପାଇଁ ଶକ୍ତି ଓ ବିଭିନ୍ନ ପ୍ରୋଟିନ ଗଠନ କରିଥାଏ। ଏହାସହିତ ଏହା ମଦ ଓ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥକୁ ମଧ୍ୟ ବିଘଟିତ କରି ଶରୀରକୁ ସେମାନଙ୍କ କୁପ୍ରଭାବରୁ ରକ୍ଷା କରିଥାଏ। ପ୍ଲାଜମା ପ୍ରୋଟିନ୍ ଗଠନ ସହ ରୋଗ ପ୍ରତିରୋଧକ ଶକ୍ତି ପ୍ରସ୍ତୁତିରେ ଆବଶ୍ୟକ ପ୍ରୋଟିନ ଯଥା ଇମ୍ୟୁନୋଗ୍ଲୋବିନ୍, କମ୍ପ୍ଲିମେଣ୍ଟ ପ୍ରୋଟିନ୍ ଓ ସାଇଟୋକାଇନିନ୍ ଇତ୍ୟାଦି ମଧ୍ୟ ଲିଭର ଦ୍ୱାରା ତିଆରି ହୋଇଥାଏ।

ପ୍ରଥମତଃ ଆମେ ଖାଉଥିବା ଖାଦ୍ୟଗୁଡ଼ିକ ରସାୟନମୁକ୍ତ ହେବା ଦରକାର। କେତେଗୁଡ଼ିଏ ଖାଦ୍ୟ–ଫଳମୂଳ, ବ୍ଲୁବେରୀ, ଅଙ୍ଗୁର, ସପେଟା, ନାସପତି, ଜାମୁକୋଳି, ଖଜୁରି, କନ୍ଦ, ବ୍ରୋକୋଲି, ବନ୍ଧା ଓ ଫୁଲକୋବି, ମଟର, ସଜନାଛୁଇଁ, କାକୁଡ଼ି, କଲରା, ଆଳମଣ୍ଡ, ତେଲିଆ ମାଛ, ଚୂନା ମାଛ, ଗ୍ରୀନ୍ ଟି, ଅଲିଭ ତେଲ, ଧନିଆ, ପିଆଜ, ରସୁଣ, ଚହ୍ଲାଦହି, ଲେମ୍ବୁ, ପିଜୁଳି, ପଣଷ ମଞ୍ଜି, ସପୁରି ଇତ୍ୟାଦି ଲିଭର ପାଇଁ ବେଶ୍ ଉପକାରୀ। ଏହାବ୍ୟତୀତ ଅଣଯାନ୍ତ୍ରିକ ଭାବେ ପ୍ରସ୍ତୁତ ଚାଉଳ, ଅଟା, ମିଲେଟ୍, ମକା ଇତ୍ୟାଦି ମଧ୍ୟ ସ୍ୱାସ୍ଥ୍ୟକର ଖାଦ୍ୟ। କମ୍ ଲୁଣ, କମ୍ ଚିନି ଓ କମ୍ ମସଲା ଓ ରାଗ ମଧ୍ୟ ହିତକର। ଲିଭର ପାଇଁ ସବୁଠାରୁ କ୍ଷତିକାରକ ହେଉଛି ମଦ୍ୟପାନ ଓ କେତେକ ଔଷଧ। ଅତ୍ୟଧିକ ମଦ୍ୟପାନ ଲିଭର କୋଷଗୁଡ଼ିକୁ ନଷ୍ଟ କରି ସିରୋସିସ୍ ପରି ଗୁରୁତର ରୋଗ ସୃଷ୍ଟି କରେ। ଅନ୍ୟପକ୍ଷରେ ମୋଟାପଣ, ଡାଇବେଟିସ୍, ଉଚ୍ଚ କୋଲେଷ୍ଟରଲ, ଅନିୟନ୍ତ୍ରିତ ରକ୍ତଚାପ ସହିତ ବିଭିନ୍ନ ପ୍ରକାର ସଂକ୍ରମଣ ଯଥା ଭୂତାଣୁ, ଜୀବାଣୁ ଓ ପାରାସାଇଟ୍, ସିଷ୍ଟ, ନିମାଟୋଡ୍, ଆମିବା ପ୍ରୋଟୋଜୋଆ, ମ୍ୟାଲେରିଆ, ଡେଙ୍ଗୁ ଜୀବାଣୁ ମଧ୍ୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଲିଭରକୁ ଅକାମୀ କରିଥାଆନ୍ତି। ତେଣୁ ଅନ୍ୟାନ୍ୟ ଅଙ୍ଗ ସହ ଲିଭର୍‌ର ସୁସ୍ଥତା ପାଇଁ ଖାଦ୍ୟ,ଔଷଧ ସେବନରେ ସତର୍କ ହେବା ଆବଶ୍ୟକ।

**–ଡା. ରାମଚନ୍ଦ୍ର ରାଉତ,** ବରିଷ୍ଠ ଚିକିତ୍ସକ ତଥା ପୂର୍ବତନ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ, ଓଡ଼ିଶା

## ସଂକ୍ଷେପରେ

### ନଦୀ ଜଳ ରୋକୁଛି କାଶତଣ୍ଡି

ଭଞ୍ଜନଗର,୧୮।୪(ବାବୁଲା ପ୍ରଧାନ)– ଗଞ୍ଜାମ ଜିଲା ଭଞ୍ଜନଗର ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଧୀନରେ ରହିଛି ନଦୀ ଓ ନଦୀପଠା। ଏହି ନଦୀ ପର୍ଶ୍ୱରେ ରହିଛି କାଶତଣ୍ଡି ଫୁଲର ବଗିଚା। ଏହି ଫୁଲ ନଦୀପଠା ବାଲିରେ ପଡି ନଦୀଶର୍ଯ୍ୟା କାଶତଣ୍ଡି ଫୁଲରେ ଭର୍ତ୍ତି ହୋଇଯାଉଛି। ଏହ ନିଆରା ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ନଦୀବାଲିରେ ସ୍ୱର୍ଣ୍ଣର ଭ୍ରମ ସୃଷ୍ଟି କରୁଛି। ବର୍ଷ ବର୍ଷ ଧରି ଏହି କାଶତଣ୍ଡି ଫୁଲ ନଦୀ ବାଲିରେ ମିଶୁଛି। ଯାହା ବର୍ଷା ଋତୁରେ ନଦୀ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି କରୁଛି। ଏଥିଯୋଗୁ ବିଭିନ୍ନ ସ୍ଥାନରେ ନଦୀ ଆଡିବନ୍ଧ ଭାଙ୍ଗି ବନ୍ୟା ପରିସ୍ଥିତି ଉପୁଜୁଛି। ଏନେଇ ଜଳସମ୍ପଦ ବିଭାଗ ପକ୍ଷରୁ ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ତାଶକଣ୍ଡି ଫୁଲ ପାଇଁ ନଦୀ ଶର୍ଯ୍ୟାରେ ବାଲି ବଦଳରେ ଲଟାବୁଦା ମାଡିଲାଣି । ବେଲଗୁଣ୍ଠା ବ୍ଲକ ନୂଆଗାଁସ୍ଥିତ ବଡ଼ ନଦୀରେ ଲଟାବୁଦା ମାଡିଥିବା ଦେଖିବାକୁ ମିଳୁଛି। ସେହିଭଳି ଭଞ୍ଜନଗର ସହରକୁ ସଂଯୋଗ କରୁଥିବା ଦୁଇଟି ଯାକ ସେତୁ ନିକଟରେ କାଶକଣ୍ଡି ଫୁଲ ପାଇଁ ଲଟା ବୁଦା ମାଡିଛି। ଏନେଇ ଭଞ୍ଜନଗର ଜଳସମ୍ପଦ ବିଭାଗ ଭାରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପାତ୍ରଙ୍କୁ ପଚାରିବାରୁ ସେ କହିଲେ,କାଶକଣ୍ଡି ଫୁଲ ପାଇଁ ନଦୀରେ ଯେଉଁଠି ଜଳ ନିଷ୍କାସନ ହୋଇପାରୁନି ଏ ଦିଗରେ ପଦକ୍ଷେପ ନେବାକୁ ସେପରି କୌଣସି ଯୋଜନା ନାହିଁ। ବର୍ଷା ଜଳ ଆସିଲେ ତାହା ଭାସିଯାଏ ବୋଲି ପାତ୍ର କହିଥିଲେ।

### ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧରାକୋଟ,୧୮।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ) ଧରାକୋଟ ବ୍ଲକର ବଳରାମପୁରରେ ଥିବା ଆଶ୍ରମ ବିଦ୍ୟାଳୟର ୭ବର୍ଷ ଧରି ଶିକ୍ଷକତା କରୁଥିବା ପ୍ରଧାନ ଶିକ୍ଷକ ଅଜୟ ଦାସ ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ଗ୍ରାମବାସୀ ଓ ଯୁବ ଗୋଷ୍ଠୀ ମିଳିତ ଭାବେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରତିନିଧି ରାଜନ ମଲିକ, ନାଏବ ସରପଞ୍ଚ ପ୍ରଫୁଲ୍ଲ ବେହେରା, ସମାଜିକ କର୍ମୀ ବିଭୂତି ଭୂଷଣ ସ୍ୱାଇଁ, ଏସଏମ୍‌ସି ସଭାପତି ଶରତ ବେହେରା, ଧୋବା ଗୌଡ଼ ଓ ଅନ୍ୟମାନେ ଉପସ୍ଥିତ ରହି ପ୍ରଧାନ ଶିକ୍ଷକଙ୍କ ତ୍ୟାଗ, ନିଷ୍ଠା, ସମୟାନୁବର୍ତ୍ତିତାର ପ୍ରଶଂସା କରିଥିଲେ।

### ଏନ୍‌କ୍ୟୁଏସ୍ ଟିମ୍‌ର ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ

ପଦ୍ମପୁର,୧୮।୪ (ପ୍ରଶାନ୍ତ କୁମାର କର) ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ କେନ୍ଦ୍ରୀୟ ଏନ୍‌କ୍ୟୁଏସ୍ ଟିମ୍ ଶୁକ୍ରବାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଗୁଡ଼ିଆବନ୍ଧ ଓ ଗୁଲୁଗୁଡ଼ା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଟିମ୍‌ର ମୁଖ୍ୟ ଡାକ୍ତର ରତିକାନ୍ତ ସାହୁ ଉକ୍ତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିବା ସହ ରୋଗୀଙ୍କୁ କିଭଳି ଉନ୍ନତମାନର ସେବା ଯୋଗାଇ ଦିଆଯାଉଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ୱାସ୍ଥ୍ୟକର୍ମୀ ବିଜୟଲକ୍ଷ୍ମୀ ଶବର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରୋଜମେରୀ ଦୀପ, ପବ୍ଲିକ ହେଲ୍‌ଥ ଅଫିସର ସଫିରା ରାଇକା ,ଉଦୟ ଚନ୍ଦ୍ର ଶବର, ନାଗେଶ୍ୱର ଶବରଙ୍କ ସହ ଗୁଡ଼ିଆବନ୍ଧ ଓ ଗୁଲୁଗୁଡା ଅଞ୍ଚଳର ସମସ୍ତ ଆଶାକର୍ମୀ ଉପସ୍ଥିତ ଥିଲେ।

### ସାମୂହିକ ବ୍ରତୋପନୟନ

ଗୁଣପୁର,୧୮।୪(ପ୍ରଦୀପ କୁମାର ପାଢ଼ୀ) ରାୟଗଡ଼ା ଜିଲା ଗୁଣପୁର କାନ୍ୟକା ପରମେଶ୍ୱରୀ ମନ୍ଦିର ପରିସରରେ ଶୁକ୍ରବାର କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ୧୧୫ ଜଣ ସଦସ୍ୟ ଭାଗ ନେଇଥିବା ଜଣାପଡ଼ିଛି। ସକାଳେ ପ୍ରଥମେ ବଂଶଧାରା ନଦୀକୁ ଯାଇ ସାମୂହିକ ସ୍ନାନ ଓ ସୂର୍ଯ୍ୟ ନମସ୍କାର ପରେ ରୀତିନୀତି ପ୍ରକାରେ କର୍ମ ହୋଇଥିଲା। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରବିବାର ସମସ୍ତ ସଦସ୍ୟ ଗୁରୁଙ୍କଠାରୁ ମନ୍ତ୍ର ଗ୍ରହଣ କରିବେ। ଏହି ୩ଦିନ ଧରି ସମସ୍ତ ସଦସ୍ୟଙ୍କୁ ଗୁରୁବ୍ରତ ପରର ବିଧିବିଧାନ ଓ ଚଳଣି ଉପରେ ଶିକ୍ଷା ଦିକ୍ଷା ପ୍ରଦାନ କରୁଛନ୍ତି। ଏଥିପାଇଁ ହାଇଦ୍ରାବାଦରୁ ଗୁରୁ ଭେଙ୍କେଟା ନାଗଭୂଷଣମ ଆସିଛନ୍ତି । ଜି. ସନ୍ତୋଷ, ଡି. ରାଜା ପ୍ରମୁଖ ପରିଚାଳନା କରୁଛନ୍ତି।

# ଶୁଖିଲାଣି ଗଞ୍ଜାମର ଜୀବନରେଖା ଋଷିକୁଲ୍ୟା

## ନଦୀ ସଂଯୋଗୀକରଣ ପ୍ରସ୍ତାବ ଦେଲେ ଏମପି, ୩ ବିଧାୟକ

ଛତ୍ରପୁର,୧୮।୪(ସନ୍ତୋଷ ପାଢ଼ୀ) ଗଞ୍ଜାମ ଜିଲାର ଜୀବନ ରେଖା କୁହାଯାଉଥିବା ଋଷିକୂଲ୍ୟା ନଦୀ ଏବେ ଶୁଖିଆସୁଛି। ଉଭୟ ପାନୀୟ ଜଳ ଓ ଜଳସେଚନ ପାଇଁ ଏହି ଚିରସ୍ରୋତା ନଦୀ ଉନ୍ମୁକ୍ତ ଥିଲା। ଖରିଫ ଓ ରବିଠାରୁ ଆରମ୍ଭ କରି ଜିଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଏବଂ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକକୁ ଉକ୍ତ ନଦୀରେ ହୋଇଥିବା ମେଗା ପ୍ରକଳ୍ପରୁ ପାଣି ଯୋଗାଣ ହେଉଛି। କିନ୍ତୁ ଉକ୍ତ ନଦୀରୁ ଅନବରତ ବାଲି ଚାଲାଣ ସହ ଜଳ ସଂରକ୍ଷଣ ସୁବିଧା ନଥିବା, ଅନେକ ସ୍ଥାନରେ ଗଭୀର ନଳକୂପ କରାଯିବା ଆଦି କାରଣରୁ ଏବେ ଋଷିକୁଲ୍ୟା ଏକ ଧାର ପାଲଟିଯାଇଛି। ଏହାକୁ ଚିରସ୍ରୋତା କରିବା ଲାଗି ଋଷିକୁଲ୍ୟା ସହ ମହାନଦୀ ଓ ବଂଶଧାରାନଦୀର ସଂଯୋଗୀକରଣ ଜରୁରୀ ହୋଇପଡିଛି। ଏହା ଦୀର୍ଘଦିନର ଦାବି ହୋଇଥିବାବେଳେ ଏବେ ଏହାକୁ ଦୋହରାଇଛନ୍ତି ବ୍ରହ୍ମପୁର ଏମପି ପ୍ରଦୀପ ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଓ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା। ଏନେଇ ସେମାନେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିବା ଜଣାପଡିଛି। ବିଧାନସଭାରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ଏସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାନଦୀ ଓ ଋଷିକୂଲ୍ୟା ସଂଯୋଗୀକରଣ ପାଇଁ ଉକ୍ତ ପ୍ରକଳ୍ପର ପୂର୍ବ ସମ୍ଭାବ୍ୟ ରିପୋର୍ଟ ପ୍ରସ୍ତୁତ କରାଯାଇଅଛି । ସେହିପରି ବଂଶଧାରା ଓ ଋଷିକୂଲ୍ୟା ନଦୀ (ନନ୍ଦିନୀ ନଳା)ର ସଂଯୋଗୀକରଣ ପାଇଁ ଗଜପତି ଜିଲାର ମୋହନା ବ୍ଲକ ଅନ୍ତର୍ଗତ ରିଣ୍ଡାପଙ୍ଗା ଠାରେ ନନ୍ଦିନୀ ନଳା ନଦୀବନ୍ଧ କରାଯିବା ପାଇଁ ଯୋଜନା କରାଯାଇ ଏହାର ପୂର୍ବ ସମ୍ଭାବ୍ୟ ରିପୋର୍ଟ ୨୦୧୫ରେ ପ୍ରସ୍ତୁତ କରାଯାଇଥିଲା। ଋଷିକୁଲ୍ୟା ଶୁଖି ଆସୁଥିବାରୁ କୃଷିପ୍ରଧାନ ଜିଲା ଗଞ୍ଜାମରେ ଦୋ–ଫସଲି ଚାଷ ସ୍ୱପ୍ନ ହୋଇପଡିଛି। ଏହି ପ୍ରସଙ୍ଗ ଉପରେ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି ଯେ, ନୟାଗଡ଼ ଜିଲାର ବରମୂଳ ନିକଟରେ ମହାନଦୀରେ ଏକ ଡ୍ୟାମ କରି ବନ୍ୟାଜଳକୁ ଏକ କେନାଲ ସହ ଆସିକା ନିକଟରେ ଋଷିକୁଲ୍ୟାକୁ ସଂଯୋଗ କରାଯାଉ। ସେଠାରୁ ସେହି ପାଣି କେନାଲ ଜରିଆରେ ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ଅଣାଯାଉ। ଏହା ଦ୍ୱାରା ଆସିକା ଅଞ୍ଚଳରେ ପାନୀୟ ଜଳ ସମସ୍ୟା ସମାଧାନ ହେବା ସହିତ ବ୍ରହ୍ମପୁର ପାଇଁ ମଧ୍ୟ ଭବିଷ୍ୟତରେ ପାନୀୟ ଜଳ ସଂକଟ ଦେଖା ଦେବ ନାହିଁ। ଏପରିକି ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୨ଲକ୍ଷ ହଜାର ହେକ୍ଟର ଜମି ଜଳସେଚିତ ହେବା ସହିତ ଶିଳ୍ପାନୁଷ୍ଠାନକୁ ମଧ୍ୟ ପାଣି ଯୋଗାଣ ସମ୍ଭବ ହୋଇପାରିବ। ସେହିପରି ମତ୍ସ୍ୟଚାଷ କ୍ଷେତ୍ରରେ ମଧ୍ୟ ଏହି ପ୍ରକଳ୍ପ ବେଶ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ବିଧାୟକ ତାଙ୍କ ଚିଠିରେ ଦର୍ଶାଇଛନ୍ତି। କିଛିଦିନ ତଳେ ବ୍ରହ୍ମପୁର ଏମପି ଡ.ପ୍ରଦୀପ କୁମାର ପାଣିଗ୍ରାହୀ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଏ ଦିଗରେ ବିଚାର କରିବାକୁ ଅନୁରୋଧ କରିଥିଲେ। ତେବେ ଋଷିକୁଲ୍ୟାକୁ ବଞ୍ଚାଇବା ପାଇଁ ନଦୀ ସଂଯୋଗୀକରଣ ଏକମାତ୍ର ଉପାୟ ବୋଲି ଲୋକ ପ୍ରତିନିଧିମାନେ କହିଛନ୍ତି।

## ଅଙ୍ଗନୱାଡ଼ି କେନ୍ଦ୍ରରେ ପୋଷଣ ପକ୍ଷ ପାଳିତ



ପ୍ରସ୍ତୁତ ହୋଇଥିବା ବିଭିନ୍ନ ଖାଦ୍ୟ ପ୍ରଦର୍ଶନ

ଗଞ୍ଜାମ,୧୮।୪(ବିଦ୍ୟାଧର ସାହୁ) ଗଞ୍ଜାମ ସହରର ଆଖଡ଼ାବନ୍ଧ ସାହି ଅଙ୍ଗନୱାଡି କେନ୍ଦ୍ରରେ ଶୁକ୍ରବାର ପୋଷଣ ପକ୍ଷ ପାଳିତ ହୋଇଛି। ଆଖଡ଼ାବନ୍ଧ ସାହି, ପଣ୍ଡା ସାହି, ଗୌଡ଼ସାହି ଓ ମଧ୍ୟଖଣ୍ଡ ସାହି ଅଙ୍ଗନୱାଡି କେନ୍ଦ୍ରକୁ ନେଇ ଉକ୍ତ ପୋଷଣ ପକ୍ଷ କାର୍ଯ୍ୟକ୍ରମ ହୋଇଥିଲା। ଗୋଦଭରାଇ, ଅନ୍ନ ପ୍ରସନ୍ନ କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ଆଞ୍ଚଳିକ ପୁଷ୍ଟିକର ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସିଡ଼ିପିଓ ସଲୀଳା ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ କିଶୋରୀ ବାଳିକା ଓ ପ୍ରସୂତିମାନଙ୍କୁ ପୃଷ୍ଟିକରଯୁକ୍ତ ଖାଦ୍ୟର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ କିଶୋରୀ ବାଳିକାଙ୍କୁ ନେଇ ଏକ ସାଇକେଲ ଶୋଭାଯାତ୍ରା କରାଯାଇଥିଲା। ବବିତା ସେଠୀ, ପ୍ରମିଳା କୁମାରୀ ନାୟକ, ମମତା ଦାଶ, ଧରିତ୍ରୀ ଦାଶ ପ୍ରମୁଖ ଅଙ୍ଗନୱାଡି କର୍ମୀ ଓ ହେଲପର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମେ ୭ରୁ ପୁରୁଷୋତ୍ତମପୁର ଠାକୁରାଣୀ ଯାତ୍ରା


ବୈଠକରେ ଉପସ୍ଥିତ ଯାତ୍ରା କମିଟିର କର୍ମକର୍ତ୍ତା ଓ ଜନସାଧାରଣ ଆଲୋଚନା କରୁଛନ୍ତି।

ପୁରୁଷୋତ୍ତମପୁର,୧୮।୪(ସୀମାଞ୍ଚଳ ମିଶ୍ର): ଗଞ୍ଜାମ ଜିଲା ପୁରୁଷୋତ୍ତମପୁରର ଐତିହାସିକ ପ୍ରସିଦ୍ଧ ମା' କନକା ଠାକୁରାଣୀଙ୍କ ସମେତ କାଳୁଆ, ତାରାତାରିଣୀ, କାଳୀ ଓ ଫୁଲସୁନ୍ଦରୀ ଆଦି ପଞ୍ଚ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଲାଗି ପ୍ରସ୍ତୁତି ବୈଠକ ଶୁକ୍ରବାର ରାତିରେ ବଡବଜାର ଠାରେ ଯାତ୍ରାଅଧିକାରୀ ରମାକାନ୍ତ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କପିଳେଶ୍ୱର ବଣିକ ସଂଘର ସଭାପତି ରବୀନ୍ଦ୍ର କୁମାର ପାତ୍ର ପୌରହିତ୍ୟ କରିଥିବା ବେଳେ ସମ୍ପାଦକ ତ୍ରିନାଥ ପଣ୍ଡା, ପୂର୍ବତନ ସଭାପତି ଦୁର୍ଗାଚରଣ ଦାଶ, ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ସହ ସମ୍ପାଦକ ରବିନାରାୟଣ ପଣ୍ଡାଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସମସ୍ତ ସାହିରୁ ଜନସାଧାରଣ ଯୋଗଦେଇଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ଓ ପଣ୍ଡିତ ଜ୍ୟୋର୍ତିବିଦଙ୍କ ଗଣନା ଏବଂ ପରାମର୍ଶ ପ୍ରକାରେ ପାରମ୍ପରିକ କାର୍ଯ୍ୟକ୍ରମର ଶୁଭଲଗ୍ନ ସ୍ଥିର କରାଯାଇଛି। ଆସନ୍ତା ୨୦ ତାରିଖରେ ଡାକବାନା, ୨୩ରେ ଶୁଭଖୁଣ୍ଟି ସ୍ଥାପନ କରାଯାଇ ମେ' ୭ ତାରିଖରେ ମା' ପଞ୍ଚ ଠାକୁରାଣୀଙ୍କୁ ଆମନ୍ତ୍ରଣ କରି ବଡବଜାରସ୍ଥିତ ଅସ୍ଥାୟୀ ମନ୍ଦିରରେ ବିଜେ କରାଇ ଯାତ୍ରା ଆରମ୍ଭ ହେବ ବୋଲି ସ୍ଥିର ହୋଇଛି। ଜୁନ ୮ ତାରିଖରେ ମା'ଙ୍କୁ ବିଦାୟ ଦିଆଯାଇ ଯାତ୍ରା ଶେଷ ହେବ। ଦୀର୍ଘ ଏକମାସ ବ୍ୟାପି ପୁରୁଷୋତ୍ତମପୁର ସହରରେ ଯାତ୍ରା ଚାଲିବ। ଏହାକୁ ପରିଚାଳନା ଲାଗି ଏକ କମିଟି ଗଠନ କରାଯାଇଥିବା ଅଧିକାରୀ ରମାକାନ୍ତ ଦାଶ କହିଛନ୍ତି।

## ପୃଥକ୍ ବାଇକ୍ ଦୁର୍ଘଟଣା: ଜଣେ ମୃତ,୩ ଗୁରୁତର

ଜି.ଉଦୟଗିରି,୧୮।୪(ଚିନ୍ମୟ କୁମାର ସେଠୀ): ଜି.ଉଦୟଗିରି ଏନ୍‌ଏସି ଅଞ୍ଚଳରେ ଶୁକ୍ରବାର ପୃଥକ ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ବେଥଲ ସମ୍ମୁଖରେ ପ୍ରଥମ ଦୁର୍ଘଟଣାରେ ଘଟିଛି। ଜି.ଉଦୟଗିରି ବ୍ଲକ ରାଇକଲା ପଞ୍ଚାୟତ ଖାରିଆପଡା ଗ୍ରାମର ଅନିଲ କୁମାର ପ୍ରଧାନ(୬୧) ସ୍ଥାନୀୟ ଏମଏମସି ମେଡିକାଲରେ କାମ କରନ୍ତି । ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଅନ୍ୟ ଜଣେ ସହଯୋଗୀଙ୍କ ସହିତ ସେ ନିଜ ବସାକୁ ଚାଲି ଚାଲି ଆସି ଫେରୁଥିବା ବେଳେ ପଛ ପଟୁ ଏକ ବାଇକ୍ ଧକ୍କା ଦେବାରୁ ଅନିଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଚାଳକ ଗଚୀଚତର ଅସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଅନ୍ୟ ଏକ ଦୁର୍ଘଟଣାରେ ୨ ଜଣ ଭଞ୍ଜନଗର ଅଞ୍ଚଳର ଦେବାଶିଷ ପାଣି (୧୮) ଓ ରୁଦ୍ରପ୍ରସାଦ ପାଢ଼ୀ (୧୮) ଗୁରୁତର ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଉଭୟେ ଜି. ଉଦୟଗିରି ଅଞ୍ଚଳକୁ ଆସି ଫେରୁଥିବା ସମୟରେ କନବାଗିରି ପ୍ରଥମ ହମ୍ପସରେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତେବେ ମୁଖ୍ୟ ରାସ୍ତାରେ ଏପରି ବଡ଼ ହମ୍ପସ ରଖିବା ଦ୍ୱାରା ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି ।

## ପିଏମଶ୍ରୀ ଏସ୍‌ଏସ୍‌ଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକଙ୍କ ସହଭାଗିତା କାର୍ଯ୍ୟକ୍ରମ




ମୋହନା, ୧୮।୪(ମନ୍ମଥ ମିଶ୍ର) ମୋହନା ପିଏମଶ୍ରୀ ଏସ୍‌ଏସ୍‌ଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକଙ୍କୁ ନେଇ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ କରଙ୍କ ସଭାପତିତ୍ତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରେନ୍ଦ୍ର ବେହେରା, ମୁଖ୍ୟବକ୍ତା ରୂପେ ମଣ୍ଡଳ ସଂଯୋଜକ ସିଦ୍ଧାଥ ଚରଣ ପାତ୍ର,ସମ୍ମାନିତ ଅତିଥି ଭାବେ ଖବରଦାତା ପଞ୍ଚାନନ ଦାଶ, ଶିକ୍ଷକ ପ୍ରମୋଦ ସ୍ୱାଇଁ, ପରିଚାଳନା କମିଟି ସଦସ୍ୟ ରବିନ୍ଦ୍ର ମଳିକ ଉପସ୍ଥିତ ଥିଲେ। ଆଜିର ଛାତ୍ର କାଲିର ଭବିଷ୍ୟତ। ଛାତ୍ରମାନେ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ନ ହୋଇ ମା'ବାପାଙ୍କ ସ୍ୱପ୍ନକୁ ପୂରଣ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ କର ଛାତ୍ରୀ ଛାତ୍ରମାନଙ୍କ ସୁବିଧା ଅସୁବିଧା ସଂପର୍କରେ ପଚାରି ବୁଝିବା ସହ ଅଭିଭାବକମାନଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟତ୍ରୀ, ଶିକ୍ଷକ ପରିଚାଳନା କରିଥିଲେ। ଦୁଇ ଶହରୁ ଉର୍ଦ୍ଧ୍ୱ ଅଭିଭାବକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଗୁଡ଼ାରିରେ ଆଇନ ସଚେତନତା ଶିବିର



ମାଜିଷ୍ଟ୍ରେଟ ବିଜୟଲକ୍ଷ୍ମୀ ମହାପାତ୍ର ଛାତ୍ରୀଙ୍କୁ ଆଇନ ସମ୍ପର୍କରେ ସଚେତନ କରୁଛନ୍ତି।

ଗୁଡ଼ାରି,୧୮।୪(ପ୍ରମୋଦ କୁମାର ପତି) ଗୁଣପୁର ଆଇନ ସେବା ପ୍ରାଧିକରଣ ସମିତି ପକ୍ଷରୁ ଗୁଡ଼ାରି ସରକାରୀ ଏସ୍‌ଏସ୍‌ଡି ବାଳିକା ହାଇସ୍କୁଲରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଗୁଣପୁର ତାଲୁକ ଆଇନ ସେବା ସଂସ୍ଥାର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଜଜ୍ ଶେଖ ମହମ୍ମଦ କ୍ୱାଇସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଗୁଣପୁର ସବ୍‌ଜଜ୍ ସନ୍ତୋଷ କୁମାର ମହାପାତ୍ର, ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ବିଜୟଲକ୍ଷ୍ମୀ ମହାପାତ୍ର, ପଦ୍ମପୁର କୋର୍ଟରେ ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ୍ ଶୁଭଙ୍କର ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ବିଭିନ୍ନ ବ୍ୟବସ୍ଥା – ୨୦୨୩ ଯେପରିକି ଏଫ୍‌ଆଇଆର୍, ଜାମିନ, ସମନ ଏବଂ ୱାରେଣ୍ଟ, ଆଇନଗତ ପ୍ରତିନିଧିତ୍ୱର ଅଧିକାର ସହ ଶିକ୍ଷା ଅଧିକାର ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ମନୋଜ କୁମାର ଗମାଙ୍ଗ, ଗୁଣପୁର ଓକିଲ ସଂଘ ଉପ ସଭାପତି ରମେଶ ଚନ୍ଦ୍ର ଲିମା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ରମେଶ ଲିମା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରୀ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ପରିବାର ଲୋକେ ଶୋଇଥିବାବେଳେ ୨.୫୦ ଲକ୍ଷ ଚୋରି

ରାୟଗଡ଼ା,୧୮।୪(ଆଶିଷ ରଞ୍ଜନ ପଣ୍ଡା) ରାୟଗଡ଼ା ଟାଉନ ଥାନା ପଛପଟ କରଣ ସାହିର ଏକ ପରିବାର ଗୁରୁବାର ରାତିରେ ଘରେ ଶୋଇଥିବାବେଳେ ଦୁର୍ବୃତ୍ତ ୨ଲକ୍ଷ ୫୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । କରଣସାହିସ୍ଥିତ କେ.ସୁବାସ ଚନ୍ଦ୍ର ବେହେରାଙ୍କ ଘରୁ ଏହି ଚୋରି ହୋଇଥିବା ନେଇ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୁବାସଙ୍କ ଅଭିଯୋଗ ଅନୁସାରେ, ସେ ତାଙ୍କ ପରିବାରବର୍ଗ ସହ ଗୁରୁବାର ରାତିରେ ଘରେ ଶୋଇଥିଲେ । ତେବେ ଭୋର ୪ଟାରେ ସେ ବାଥ୍‌ରୁମକୁ ଯିବା ସମୟରେ ଘରର ଆଲମିରା ଖୋଲା ଥିବା ସହ ଘରର ଆସବାବପତ୍ର ଏଣେତେଣେ ପଡ଼ିଥିବା ଦେଖିବାକୁ ପାଇଥିଲେ । ଏହାପରେ ଆଲମିରାରେ ଥିବା ୨ଲକ୍ଷ ୫୦ ହଜାର ଟଙ୍କା ଗାଏବ ହୋଇଯାଇଥିବା ଦେଖିଥିଲେ । ଏ ନେଇ ସୁବାସ ଶୁକ୍ରବାର ସକାଳୁ ଥାନାରେ ଏତଲା ଦେବା ପରେ ପୋଲିସ ପହଞ୍ଚିଥିଲା । ଚୋରି ବିଷୟରେ ଟାଉନ ଥାନା ଆଇଆଇସି କେକେବିକେ କହଁରଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ଏବଂ ଖୁବ୍‌ଶୀଘ୍ର ପର୍ଦ୍ଦାଫାଶ ହେବ ବୋଲି କହିଛନ୍ତି ।

## ୩ ଘଣ୍ଟା ଗାଡି ତଳେ ଚାପି ହୋଇ ରହିଲେ ଚାଳକ

ବୈପାରୀଗୁଡା,୧୮।୪(କଳ୍ପତରୁ ମହାନ୍ତି) ନବରଙ୍ଗପୁର ରାଇଘରରୁ ତାମିଲନାଡୁ ଅଭିମୁଖେ ଯାଉଥିବା ଏକ ଲୁହା ବୋଝେଇ ଟ୍ରକ(ନଂ.ଟିଏନ୍-୫୨ କ୍ୟୁ-୦୧୧୦) ବୈପାରୀଗୁଡା ଥାନା ସୀମାବର୍ତ୍ତୀ ଲଙ୍ଗଳପାଖନା ଘାଟିରେ ଶୁକ୍ରବାର ଓଲଟି ପଡିବାରୁ ଚାଳକ ଓ ତାଙ୍କର ସହଯୋଗୀ ଆହତ ହୋଇଛନ୍ତି। ଚାଳକ ଗାଡି ତଳେ ୩ ଘଣ୍ଟା ଚାପିହୋଇ ରହିଥିଲେ। ବୈପାରୀଗୁଡା ଅଗ୍ନିଶମ ବିଭାଗ, ପୋଲିସ ଓ ମନ୍ତ୍ରୀଆମ୍ବ କ୍ୟାମ୍ପରୁ ବିଏସ୍‌ଏଫ୍ ଯବାନମାନେ ଆସି ଉଦ୍ଧାର କରିଥିଲେ। ଚାଳକଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଗୋବିନ୍ଦପାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା।

## ସୀମାନ୍ତରେ ଆଇଇଡି ଠାବ ପରେ ନିଷ୍କ୍ରିୟ


ଠାବ ହୋଇଥିବା ଆଇଇଡି।

ମାଲକାନଗିରି,୧୮।୪ (ଦୁର୍ଯ୍ୟୋଧନ ପାତ୍ର) ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ପକ୍ଷରୁ ଜଙ୍ଗଲରେ ମାଓବାଦୀମାନେ ଲୁଚାଇ ରଖିଥିବା ଏକ ଆଇଇଡି ଠାବ କରାଯିବା ସହ ନିଷ୍କ୍ରିୟ କରାଯାଇଛି। ତଥ୍ୟ ଅନୁଯାୟୀ, ନାରାୟଣପୁର ଜିଲା ଗଟାକାଲ ଜଙ୍ଗଲରେ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ଏକ କୁକର ପ୍ରେସର ଆଇଇଡି ଠାବ କରିବା ସହ ନିଷ୍କ୍ରିୟ କରିଥିଲେ। ତେବେ ଯବାନମାନଙ୍କୁ କ୍ଷତି ପହଞ୍ଚାଇବା ପାଇଁ ମାଓବାଦୀମାନେ ଜଙ୍ଗଲରେ ଏହା ଖଞ୍ଜିଥିବା ଜଣାପଡ଼ିଛି। ତେବେ ଏ ସମ୍ବନ୍ଧରେ ନାରାୟଣପୁର ପୋଲିସ ଅଧୀକ୍ଷକ ପ୍ରଭାତ କୁମାର ଦେଇଥିବା ସୂଚନା ଅନୁଯାୟୀ ଇତିମଧ୍ୟରେ ମାଓବାଦୀମାନେ ବହୁ ସ୍ଥାନରେ ଆଇଇଡି ଖଞ୍ଜିଥିବାରୁ ଏହାର ସଂସ୍ପର୍ଶରେ ଆସି ବହୁ ଯବାନ, ପୋଲିସ ଓ ସାଧାରଣ ଜନତା ଆହତ ଓ ମୃତ୍ୟୁବରଣ କରୁଛନ୍ତି। ତେଣୁ ସ୍ୱତନ୍ତ୍ର ଭାବେ ଆଇଇଡି ଖୋଜା କାର୍ଯ୍ୟକ୍ରମ କରିବା ନିମନ୍ତେ ଯବାନମାନଙ୍କୁ ପଠାଇଥିବା ଏବଂ ଉକ୍ତ ଅଭିଯାନରେ ଏହି ଆଇଇଡି ମିଳିଥିବା ସେ ପ୍ରକାଶ କରିଛନ୍ତି।

## ଖଇରପୁଟ ବିଡିଓ ଆଦିବାସୀ ନୁହନ୍ତି ଅଭିଯୋଗ

ମାଥିଲି, ୧୮।୪ (ସୁବାଷ ଚନ୍ଦ୍ର ଖୁଡୁପିଆ) ମାଲକାନଗିରି ଜିଲା ଖଇରପୁଟ ବିଡିଓ ଉମାଶଙ୍କର କୋୟା ଆଦିବାସୀ ନୁହନ୍ତି ବୋଲି ଅଭିଯୋଗ କରିଛନ୍ତି ଜିଲାର ଅବସରପ୍ରାପ୍ତ ପୋଲିସ ଅଧିକାରୀ ତଥା ସାମାଜିକ କର୍ମୀ ଶରତ ବୁରୁଦା। ଗୁରୁବାର ମାଥିଲି ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବୁରୁଦା ଏଭଳି ଅଭିଯୋଗ କରିଛନ୍ତି। ଶରତଙ୍କ କହିବା ଅନୁଯାୟୀ, ବିଡିଓ ଉମାଶଙ୍କର କୋୟା ଗୌଡ଼ ଜାତିର ଲୋକ ହୋଇଥିବା ସତ୍ତ୍ୱେ ଜାଲିଆତିକରି ଆଦିବାସୀ ଜାତି ପ୍ରମାଣପତ୍ର ନେଇଛନ୍ତି। ସେ ଏହି ଜାତି ପ୍ରମାଣପତ୍ରକୁ ଆଧାରକରି ଉଚ୍ଚ ସରକାରୀ ପଦବୀ ଅଧିକାର କରିଛନ୍ତି। କୋୟା ସମ୍ପ୍ରଦାୟର ଲୋକେ ବିଶେଷକରି ସମ୍ପୂର୍ଣ୍ଣ ଭାବରେ ମାଲକାନଗିରି ଓ ନିକଟସ୍ଥ ଅଞ୍ଚଳରେ ରହୁଛନ୍ତି। ହେଲେ ବିଡିଓ ଉମାଶଙ୍କର କୋରାପୁଟ ଜିଲାର ହୋଇଥିବାବେଳେ ସେ କିପରି କୋୟା ହେଲେ ବୋଲି ଶରତ ପ୍ରଶ୍ନ କରିଛନ୍ତି। ସେ ନିଜେ କୋୟା ସମ୍ପ୍ରଦାୟର ହୋଇଥିବାରୁ ବିଡିଓଙ୍କ ସାଙ୍ଗିଆକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏପରି ଚଞ୍ଚକତା ଆଦିବାସୀ ଅଧିକାର ଉପରେ ଆଘାତ ଆଣୁଛି ଓ ଏହା ଉପରେ ସରକାର ଓ ପ୍ରଶାସନ ଗମ୍ଭୀର ଭାବେ ପଦକ୍ଷେପ ନେବା ଜରୁରୀ ବୋଲି ସେ କହିଛନ୍ତି। ତେବେ ଏ ସମ୍ପର୍କରେ ବିଡିଓ ଉମାଶଙ୍କରଙ୍କୁ ଫୋନ ନଂ ୯୦୪୦୯୬୪୫୦୧ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଉ ନ ଥିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଭାଙ୍ଗିଲା ଗମ୍ପାକୋଣ୍ଡା ମୁଖ୍ୟ କେନାଲ, ଚିନ୍ତାରେ ଚାଷୀ

କାଳିମେଳା, ୧୮।୪ (ଜୀବନକୃଷ୍ଣ ଦାସ ) ମାଲକାନଗିରି ଜିଲା କାଳିମେଳା ବ୍ଲକ ପୋଟେରୁ କେନାଲ ଡିଭିଜନ ଏମ୍‌ଭି– ୭୯ ଅଧୀନରେ ଥିବା ଗମ୍ପାକୋଣ୍ଡା ମୁଖ୍ୟ କେନାଲ ଗୁରୁବାର ରାତିରେ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି । ଗମ୍ପାକୋଣ୍ଡା ମୁଖ୍ୟ କେନାଲର ବଡ଼ିଗେଟା ପଞ୍ଚାୟତ ଅନ୍ତର୍ଗତ ଗନ୍ଧିଗୁଡା ଗ୍ରାମ ନିକଟରେ କେନାଲ ମଧ୍ୟରେ ଥିବା କଂକ୍ରିଟ ଛାତ ଧସି ଭାଙ୍ଗିଯିବାରୁ କେନାଲରେ ୩୦ ଫୁଟ ଗର୍ତ୍ତ ସୃଷ୍ଟିହେବା ସହ ୨୦ ମିଟର ଲମ୍ବର ଘାଇ ସୃଷ୍ଟି ହୋଇଛି। ତେବେ କେନାଲ ଭାଙ୍ଗିଥିବା ସ୍ଥାନରେ ଏକ ଝରଣା ଥିବାରୁ କେନାଲ ପାଣି ଝରଣା ଦେଇ ପ୍ରବାହିତ ହୋଇଯାଇଛି। ନିକଟରେ ଥିବା ଚାଷଜମିକୁ ପାଣି


ଗମ୍ପାକୋଣ୍ଡା ମୁଖ୍ୟ କେନାଲରେ ସୃଷ୍ଟି ହୋଇଥିବା ଗର୍ତ୍ତ।

ପଶିନାହିଁ । ଫଳରେ କେତେଜଣ ଚାଷୀ ଆଶ୍ୱସ୍ତି ହୋଇଛନ୍ତି । ଅନ୍ୟପକ୍ଷରେ କେନାଲ ଭାଙ୍ଗିଯିବା ଯୋଗୁ ସେଥିରେ ପାଣିକୁ ବନ୍ଦ କରାଯାଇଛି । ତେବେ କେନାଲର ଏହି କଂକ୍ରିଟ ଛାତଟି ବହୁ ପୁରୁଣା ହୋଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ତେବେ ୨/୩ ଦିନ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇ କେନାଲରେ ପାଣି ଛଡ଼ାଯିବ ବୋଲି ପୋଟେରୁ କେନାଲ ଡିଭିଜନର ଏମ୍‌ଭି– ୭୯ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । କେନାଲରେ ପାଣି ସ୍ୱାଭାବିକ ଚାଲିଥିଲା। ପାଣି ଓଭର ଫ୍ଲୋ ହେବା ଯୋଗୁ ଦୁର୍ବଳ ଥିବା କଂକ୍ରିଟ ଛାତଟି ଭାଙ୍ଗିପଡ଼ିଲା ବୋଲି ସ୍ଥାନୀୟ ଚାଷୀ ସୁବାସ ଦାସ, ବୁଜା ମାଡକାମି ଅଭିଯୋଗ କରିଛନ୍ତି। ତେବେ କେନାଲ ମରାମତି ପାଇଁ ବର୍ଷ ତମାମ ବିଭାଗ ସଜାଗ ରହିଥିବା କଥା କହୁଥିବା ବେଳେ ଏଭଳି ହଠାତ୍ କେନାଲ ଭାଙ୍ଗିବା ନେଇ ସନ୍ଦେହ କରାଯାଉଛି । ଏହାର ତଦନ୍ତକଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଆନ୍ଧ୍ର ସଡ଼କ ଦୁର୍ଘଟଣାରେ ଓଡ଼ିଆ ଶ୍ରମିକ ମୃତ

ଦିଗପହଣ୍ଡି,୧୮।୪(ଅଶେଷ ନାଥ ମିଶ୍ର): ଆନ୍ଧ୍ରପ୍ରଦେଶ ସୋମପେଟା ସହର ନିକଟ ଜାତୀୟ ରାଜପଥରେ ଗୁରୁବାର ସଡକ ଦୁର୍ଘଟଣାରେ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦିଗପହଣ୍ଡି ଥାନା ଚୁଡୁଙ୍ଗପୁର ଗ୍ରାମର ରୁଦ୍ର ସେଠୀ(୨୪)। ବାଇକ୍ (ନଂ. ଓଡ଼ି ୦୭ ଇ ୭୮୧୭) ପଛରେ ବସିଥିବା ତାଙ୍କ ଭାଇ ବବୁଲ ସେଠୀ(୨୭) ଗୁରୁତର ଆହତ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶ ଅଙ୍ଗୁଲୁର ଏକ ଘରୋଇ ଗ୍ରାନାଇଟ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ରୁଦ୍ର ଓ ତାଙ୍କ ଭାଇ ବବୁଲ ଜଣେ ସମ୍ପର୍କୀୟଙ୍କ ବିବାହରେ ଯୋଗଦେବା ପାଇଁ ଛୁଟି ନେଇ ଗୁରୁବାର ସକାଳେ ବାଇକ୍‌ରେ ଗାଁକୁ ଫେରୁଥିଲେ। ସୋମପେଟା ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଆହତ ୨ ଭାଇଙ୍କୁ ଅଗ୍ନିଶମ ବାହିନୀ କର୍ମଚାରୀ ସ୍ଥାନୀୟ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ରୁଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ବବୁଲଙ୍କ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ଅଣାଯାଇଛି। ରୁଦ୍ରଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି।

### ପୁଣି ଦାରିଙ୍ଗବାଡି-ଫୁଲବାଣୀ ଗଡ଼ିବ ସରକାରୀ ବସ

#### ଜିଲା ପ୍ରଶାସନକୁ ଚିଠି ଲେଖିଲେ ବିଡ଼ିଓ

ଦାରିଙ୍ଗବାଡି,୧୮।୪ (ଅରୁଣ ସାହୁ): ଦାରିଙ୍ଗବାଡି ଠାରୁ ଫୁଲବାଣୀକୁ ପୁଣି ଥରେ ଶୀତତାପ ନିୟନ୍ତ୍ରିତ ସରକାରୀ ବସ୍ ଚଳାଚଳ କରିବାକୁ ବାଟ ଖୋଲିଛି। ଦାରିଙ୍ଗବାଡି ବିଡ଼ିଓ ପ୍ରୀତିରଞ୍ଜନ ରଥ ଏ ନେଇ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶଶୁନାଥ ନନ୍ଦାଙ୍କୁ ଚିଠି ଲେଖିଛନ୍ତି। ଦାରିଙ୍ଗବାଡି ବ୍ଲକର ବିଭିନ୍ନ ଗ୍ରାମରୁ ବାରମ୍ବାର ବସ ଚଳାଚଳ କରାଯିବା ପାଇଁ ଜନ ସାଧାରଣ ଦାବିପତ୍ର ପ୍ରଦାନ କରୁଥିବା ହେତୁ ବିଡ଼ିଓ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଗତ କିଛି ମାସ ହେଲା ଦାରିଙ୍ଗବାଡିଠାରୁ ଫୁଲବାଣୀକୁ ଏକ ଶୀତ ତାପ ନିୟନ୍ତ୍ରିତ ଲକ୍ଷ୍ମୀବସ୍ ଯାତାୟାତ କରୁଥିଲା। ମହିଳାମାନେ ମାତ୍ର ୧୦ ଟଙ୍କାରେ ଜିଲା ମୁଖ୍ୟାଳୟରେ ପହଞ୍ଚି ପାରୁଥିଲେ। ପରେ ଉକ୍ତ ବସ୍‌କୁ ବନ୍ଦ କରାଯାଇଛି। ଫଳରେ ଏନେଇ ଜନ ଅସନ୍ତୋଷ ପ୍ରକାଶ ପାଇଥିଲା।

### ୨ ଫେରାର ଅଭିଯୁକ୍ତ ଗିରଫ

ବୁଗୁଡ଼ା,୧୮।୪(କାଳିଚରଣ ଦାଶ) ବୁଗୁଡ଼ା ପୋଲିସ ଗୁରୁବାର ୨ଜଣ ଫେରାର ଆସାମୀଙ୍କୁ ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାଝୀତାଙ୍କ ସୂଚନା ଦେଇଛନ୍ତି। ସେମାନେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ମାଣିତରା ଗ୍ରାମର ପ୍ରମୋଦ କୁମାର ରାଉତ (୪୨) ଏବଂ ବେତାଗଡ଼ି ଗ୍ରାମର ସୁଶାନ୍ତ ଜେନା (୨୯)। ପୂର୍ବରୁ ପ୍ରମୋଦଙ୍କ ନାମରେ ଜାତିଆଣ ଅଭିଯୋଗ ଏବଂ ସୁଶାନ୍ତଙ୍କ ନାମରେ ହତ୍ୟା ଉଦ୍ୟମ ଅଭିଯୋଗ ରହିଥିଲା। ଅଭିଯୋଗ ପରଠାରୁ ଉଭୟେ ଫେରାର ଥିଲେ।

### ସଂଘବଦ୍ଧ ଆକ୍ରମଣ, ଗୋଟିଏ ପରିବାରର ୪ ଗୁରୁତର

ଆସିକା,୧୮।୪ (ସୁରେନ୍ଦ୍ର ନାଥ ସାହୁ): ଆସିକା ଥାନା ଅନ୍ତର୍ଗତ ଖଣ୍ଡଦେଉଳି ପଞ୍ଚାୟତ କେ. ଭରତପଲ୍ଲୀ ଗ୍ରାମରେ ଶୁକ୍ରବାର ଅପରାହ୍ନ ୪ଟାରେ ସଂଘବଦ୍ଧ ଆକ୍ରମଣରେ ଗୋଟିଏ ପରିବାରର ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଚିତ୍ରସେନ ମଳିକ, ଲକ୍ଷ୍ମଣ ମଳିକ, ନିରଞ୍ଜନ ମଳିକ ଓ ନାରାୟଣ ମଳିକ। ସମସ୍ତ ଆହତଙ୍କୁ ପ୍ରଥମେ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଲକ୍ଷ୍ମଣ ଓ ନାରାୟଣଙ୍କୁ ବ୍ରହ୍ମପୁର ବଡ ମେଡ଼ିକାଲକୁ ପଠା ଯାଇଛି। ଖବରପାଇ ଆସିକା ଥାନା ଅଧିକାରୀ କୁଳମଣି ସେଠୀ ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ଅବସ୍ଥା ଦେଖିବା ସହ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପରିବାରର ଜଣେ ସଦସ୍ୟଙ୍କ ଶ୍ରଦ୍ଧକ୍ରିୟା ଲାଗି ଆହତମାନେ ବଜାର ସଉଦା କରି ଗ୍ରାମକୁ ଫେରୁଥିଲେ। ଭରତପଲ୍ଲୀ ଛକରେ ୩ଟି ବାଇକ୍‌ରେ ଚଢ଼ଜଣ ଯୁବକ ସେମାନଙ୍କ ଅତର୍କିତ ଭାବେ ପଥର ଓ ଛୁରୀରେ ଆକ୍ରମଣ କରିଥିଲେ। ଆକ୍ରମଣର କାରଣ ଜଣାପଡିନାହିଁ।

# ଦାରିଙ୍ଗବାଡି ବନାଞ୍ଚଳରେ ଅବାଧ ଗଛକଟା

- ପୋଲ ନିର୍ମାଣ କାର୍ଯ୍ୟରେ ଲାଗିଲାଣି ଶତାଧିକ ଶାଳ କାଠ
- ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ହେଉଛି ରାସ୍ତା ସମ୍ପ୍ରସାରଣ

ଦାରିଙ୍ଗବାଡି,୧୮।୪(ଅରୁଣ ସାହୁ): କନ୍ଧମାଳ ଜିଲା ଦାରିଙ୍ଗବାଡି ବନାଞ୍ଚଳରେ ବେପରୁଆ ଭାବେ ଜଙ୍ଗଲ କଟା ଚାଲିଛି। ଚାରିଆଡ଼େ ଜଙ୍ଗଲ ଉଜୁଡିବାକୁ ଯାଉଥିବା ବେଳେ ବନାଞ୍ଚଳର କର୍ମଚାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ବଡ଼ ବଡ଼ ଶାଳଗଛ କାଟି ପୋଲ ନିର୍ମାଣ କାର୍ଯ୍ୟ ପାଇଁ ନିଆଯାଉଛି। ଠିକା ସଂସ୍ଥା ଓ ବନ ବିଭାଗ ସରକାରଙ୍କ ସବୁ ନିୟମକୁ ଫୁ' କରି ଦେଇଛନ୍ତି।

ଦାରିଙ୍ଗବାଡି ବନାଞ୍ଚଳ ଅନ୍ତର୍ଗତ କିରିକୁଟି ପଞ୍ଚାୟତରୁ ବୁରାଙ୍ଗାଆକୁ ସଂଯୋଗ କରିବା ପାଇଁ ବୁଡ଼ାଗୁଡାଠାରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଉକ୍ତ ରାସ୍ତାରେ ଏକାଧିକ ପୋଲ ନିର୍ମାଣ ହେଉଛି। ଏକ ବଡ଼ ପୋଲ ନିର୍ମାଣ କାର୍ଯ୍ୟ ପାଇଁ ଶତାଧିକ ଶାଳଗଛ କଟାଯାଇ ସେଣ୍ଟ୍ରିଂରେ ବ୍ୟବହାର କରାଯାଇଛି। ଉକ୍ତ ରାସ୍ତାଟି ଦୁର୍ଗମ ଓ ଜଙ୍ଗଲ ଦେଇ ଯାଇଥିବାରୁ ନିକଟସ୍ଥ ଜଙ୍ଗଲରୁ ବହୁ ମୂଲ୍ୟବାନ ଶାଳଗଛଗୁଡ଼ିକୁ କାଟି ଆଣି ପୋଲ କାର୍ଯ୍ୟରେ ବ୍ୟବହାର କରାଯାଉଛି। ପୋଲ ପାଇଁ ଆହୁରି ଅନେକ ଶାଳ ଓ ଅନ୍ୟାନ୍ୟ ଗଛ କଟାଯାଇ ବୁଡ଼ାଗୁଡାଠାରୁ ବୁରାଙ୍ଗାଆ ରାସ୍ତା ମଧ୍ୟରେ କାଠ ଗଦା ଗଦା କରି ରଖାଯାଇଛି। ଏତେ ବଡ଼ ସଂରକ୍ଷିତ ଜଙ୍ଗଲକୁ ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥା ନଷ୍ଟ କରୁଥିଲେ ମଧ୍ୟ ବନ ବିଭାଗ ନୀରବ ରହିଛି। ଏହାକୁ ନେଇ ଜଙ୍ଗଲ ଓ ପରିବେଶ ପାଇଁ ଚିନ୍ତା କରୁଥିବା ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଉଛି। କେବଳ ଯେ ଉକ୍ତ ପୋଲରେ ଶାଳ କାଠ ବ୍ୟବହାର ହୋଇଛି ତାହା ନୁହେଁ, ରାସ୍ତା ସମ୍ପ୍ରସାରଣ ବେଳେ ଏକାଧିକ ସ୍ଥାନରେ ରାସ୍ତାକୁ ଆବଶ୍ୟକତାରୁ ଅଧିକ ଓସାରିଆ କରାଯାଇଥିବାରୁ ଅନେକ ଗଛ କଟି ପଡ଼ିଛି। ଏ ନେଇ ବନାଞ୍ଚଳ ସିମନବାଡି ସେକ୍ସନର ବନପାଳ ବଜିତା ପ୍ରଧାନଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ। ସେ ଓ ବନାଞ୍ଚଳ ଅଧିକାରୀ ଘଟଣାସ୍ଥଳକୁ ଯାଇ ଠିକା ସଂସ୍ଥାର ମାଲିକଙ୍କ ସହ କଥା ହେଲାପରେ ଜଣାଇବୁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ପୋଲି କାର୍ଯ୍ୟରେ ସେଣ୍ଟ୍ରିଂ କରୁଥିବା ମିସ୍ତ୍ରି ବଳରାମ ନାୟକ କହିଛନ୍ତି ଯେ, ଠିକା ସଂସ୍ଥା କାଠ ଯୋଗାଇ ଦେଇଥିବାରୁ କାମ କରୁଛି। ପୋଲ କାମରେ ୧୮ ମିଟର ଲମ୍ବା ଓ ୮ ମିଟର ଓସାର ବିଶିଷ୍ଟ ବଡ଼ ଶାଳ ଗଣ୍ଡି ୩୧୦ଖଣ୍ଡ ବ୍ୟବହାର କରାଯାଇଥିବା ବେଳେ ଛୋଟ କାଠ ତାକୁ ସପୋର୍ଟ ପାଇଁ ବ୍ୟବହାର କରାଯାଇଛି ବୋଲି କହିଛନ୍ତି। ସେହିପରି ଉପରି ଭାଗରେ ମଧ୍ୟ କାଠ, ଝାଟିମାଟି ପକାଯାଇ ଲୁହା ରଡ଼ ଭିଡାଯିବ ଓ ତାହାରି ଉପରେ ଛାତ ପଡିବ ବୋଲି ମିସ୍ତ୍ରି ବଳରାମ କହିଛନ୍ତି।


ପୋଲ ନିର୍ମାଣ କାର୍ଯ୍ୟରେ ବ୍ୟବହାର ହୋଇଥିବା ଶାଳକାଠ।

# କାଳବୈଶାଖୀରେ ଛପର ଉଡ଼ିଲା


କାଳବୈଶାଖୀ ପବନରେ ଏକ ଘରର ଟିଣ ଛପର ଉଡିଯାଇଛି।

ମୋହନା,୧୮।୪(ମନ୍ମଥ ମିଶ୍ର) ଗଜପତି ଜିଲାର ମୋହନା ଓ ଆର. ଉଦୟଗିରି ବ୍ଲକରେ ଶୁକ୍ରବାର ଅପରାହ୍ନରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଫଳରେ ବର୍ଷା ପବନରେ ଅଧିକାଂଶ ଲୋକଙ୍କ ଘରର ଛପର ଉଡ଼ିଯାଇଛି। ଏଥିଯାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମୋହନା ବ୍ଲକ ଅନ୍ତର୍ଗତ ଲିଙ୍ଗିଡ଼ ପଞ୍ଚାୟତ ଦେଙ୍ଗଆମ୍ବ ଗାଁରେ ବର୍ଷା ପବନ ଯୋଗୁ ଗୁରୁ ମଳିକ, କାଳୁ ମଳିକ, ରବି ମଳିକଙ୍କ ଟିଣ ଛପର ପବନ ଉଡ଼ି ଯାଇଛି। ଘରେ ଥିବା ଧାନ, ଚାଉଳ ଆସବାବପତ୍ର ବର୍ଷା ପବନରେ ନଷ୍ଟ ହୋଇଛି। ଏହାକୁ ଅନୁଧ୍ୟାନ କରି ପ୍ରଶାସନ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଡାକିବଜା ଅଗ୍ନି ବିପନ୍ନ ପରିବାରକୁ ସହାୟତା

ଧରାକୋଟ,୧୮।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ) ଧରାକୋଟ ବ୍ଲକର ବାହାଡ଼ପୁର ପଞ୍ଚାୟତର ଡାକିବଜା ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ୧୦ଟି ପରିବାରର ୧୧ ବଖରା ପୋଡ଼ିଯାଇଥିଲା। ଏହି କ୍ଷତିଗ୍ରସ୍ତ ପରିବାରକୁ ଶୁକ୍ରବାର ସହାୟତା ବଣ୍ଟନ କରାଯାଇଛି। ଘଟଣା ସ୍ଥଳରେ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ଖାଦ୍ୟ, ଲୁଗାପଟା ସହ ଆର୍ଥିକ ସହାୟତା ଦେଇଛନ୍ତି। ଧରାକୋଟ ରାଜସ୍ୱ ନିରୀକ୍ଷକ ମନୋଜ ମାଝି, ଅମିନ ନିରଞ୍ଜନ ଶବର ଓ ଦେବୀ ପ୍ରସାଦ ନାହାକ ଗ୍ରାମରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ସମସ୍ତ ପରିବାରକୁ ପଲିଥିନ ଯୋଗାଇ ଦେଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ସର୍ଭେ କରି କ୍ଷତିଗ୍ରସ୍ତ ପରିବାରକୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରିବାକୁ ଦାବି ହେଉଛି।

# ପଥର କ୍ୱାରି,କ୍ରଶର କମ୍ପାନୀକୁ ଗ୍ରାମବାସୀଙ୍କ ବିରୋଧ


କ୍ରଶରକମ୍ପାନୀକୁ ବିରୋଧ କରୁଛନ୍ତି ଗ୍ରାମବାସୀ।

ଗଞ୍ଜାମ,୧୮।୪(ବିଦ୍ୟାଧର ସାହୁ) ପଥର କ୍ୱାରି ଓ କ୍ରଶର କମ୍ପାନୀକୁ ନେଇ କ୍ରଶର ମାଲିକ ଓ କମ୍ପାନୀ କର୍ତ୍ତୃପକ୍ଷ ମୁହାଁମୁହିଁ ହୋଇଥିଲେ। ଏହାକୁ ମଧ୍ୟ ଗ୍ରାମବାସୀ ବିରୋଧ କରିଛନ୍ତି। ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତର ରାଉଳିବନ୍ଧରେ ଏଭଳି ଦେଖିବାକୁ ମିଳିଛି। ରାଉଳିବନ୍ଧରେ ଏକ ପଥର କ୍ୱାରି ଏବଂ କ୍ରଶର କମ୍ପାନୀ ନିର୍ମାଣ ହେଉଛି। ଏହାକୁ ରାଉଳିବନ୍ଧ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ଶୁକ୍ରବାର ପଥର କ୍ୱାରି ଓ କ୍ରଶର କମ୍ପାନୀ ନିକଟରେ ପହଞ୍ଚି ଗ୍ରାମର ଶତାଧିକ ମହିଳାପୁରୁଷ ନିଜ ପ୍ରତିବାଦ ଜଣାଇଛନ୍ତି। ମିଳିଥିବା ସୂଚନାରୁ ଜଣାପଡ଼ିଛି, ଗୋପାଳପୁର ମୌଜାର ସନ୍ତୋଷପୁର ପଞ୍ଚାୟତରେ କିଛିଦିନ ତଳେ ଏକ କ୍ରଶର କମ୍ପାନୀ ଆରମ୍ଭ ହୋଇଛି। କ୍ରଶରଠାରୁ ଅଳ୍ପ ଦୂରରେ ୟୁଡ଼ିଏସପୁର ପଞ୍ଚାୟତରେ କମ୍ପାନୀ ପଥର କ୍ୱାରି ଲିଜ ନେଇ ପଥର ଫଟାଉଛି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ଉକ୍ତ ସ୍ଥାନରେ ରାଉଳିବନ୍ଧ ଗ୍ରାମବାସୀଙ୍କ ଶସ୍ୟକ୍ଷେତ୍ର ଓ କାଜୁ ତୋଟା ରହିଛି। ଉକ୍ତ ପଥରଖଣ୍ଡି ଓ କ୍ରଶର କମ୍ପାନୀ ଯୋଗୁ ଏହା କ୍ଷତିଗ୍ରସ୍ତ ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ପ୍ରତିବାଦ ସମୟରେ ପୂର୍ବତନ ସମିତିସଭ୍ୟ କୈଳାସ ଚନ୍ଦ୍ର ସ୍ୱାଇଁ, ପୂରନେତା ଲିଙ୍ଗରାଜ ମହାପାତ୍ର, ସରପଞ୍ଚ ମମତା ବେହେରା, ଗ୍ରାମ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିବା ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଯଦି ପ୍ରଶାସନ ନ ଶୁଣେ ତେବେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ତିନି ବିଜୟ ନାମକ ସଂସ୍ଥା ପଥର କ୍ୱାରି ଓ କ୍ରଶର କମ୍ପାନୀ ପାଇଁ ଜିଲା ପ୍ରଶାସନଠାରୁ ଲିଜ୍ ଆଣି ଅନ୍ୟ କମ୍ପାନୀକୁ ଦେଇଛି।

# ଦୁଇ ଦୁର୍ଘଟଣାରେ ୨ ମୃତ

ମୋହନା, ୧୮।୪(ମନ୍ମଥ ମିଶ୍ର) ଗଞ୍ଜାମ ଜିଲା ପାଟପୁର ଥାନା କଂସାମାରି ଗାଁର ରାଜନ ମୋହନ ଦୋରା (୪୮) ଗୁରୁବାର ରାତି ସାଢେ ୧୧ଟାରେ ଅଟବାରୁ ବାଇକ୍ ନଂ.(ଓଡ଼ି ୦୭ଡି-୯୨୧୩) ଯୋଗେ ନିଜ ଗ୍ରାମକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ମୋହନା ଥାନା ମେରାପଲ୍ଲୀ ଗାଁ ନିକଟସ୍ଥ ଜାତୀୟ ରାଜପଥ-୩୨୬ର ଏକ ବୁଲାଣିରେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ନଂ.(ଏପି ୩୯ଡ଼ବ୍ଲ୍ୟୁ୯୧୯୦) ସହ ରାଜନଙ୍କ ବାଇକ୍ (ଓଡ଼ି୦୭ଡି-୯୨୧୩) ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ ଆରୋହୀ ରାଜନଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ମୋହନା ପୋଲିସ ପହଞ୍ଚି ବାଇକ୍ ଓ ହାଇୱାକୁ ଜବତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଥିଲେ। ଏହି ଘଟଣାରେ ମୃତକଙ୍କ ପୁଅ ବିଶ୍ୱେଶ୍ୱର ଥାନାରେ ଅଭିଯୋଗ କରିବା ପରେ ୫୮/୨୫ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଅଡବା ଥାନା ଅନ୍ତର୍ଗତ କଟାମାରୁ ଅଡବା ଅଭିମୁଖେ ଆସୁଥିବା ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା କଡକୁ ଖସିପଡ଼ିଥିଲା। ଫଳରେ ଟ୍ରାକ୍ଟରରେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାଟପୁର ଥାନା ଅଧୀନ ଜୟପୁର କଲୋନୀର ଟୁନା ନାୟକ। ଘଟଣାସ୍ଥଳରେ ଅଡ଼ବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛନ୍ତି।

# ନଦୀଜଳ ସଂରକ୍ଷଣ ପ୍ରକଳ୍ପ ଉଦ୍‌ଘାଟିତ


ଅତିଥିମାନେ ପ୍ରସ୍ତାବିତ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

ଦିଗପହଣ୍ଡି,୧୮।୪(ଅଶେଷନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ ଜକମେପାଲ୍ଲୀ ଗ୍ରାମ ରାମ ନଦୀରେ ଜଳସମ୍ପଦ ବିଭାଗ ପକ୍ଷରୁ ୫୯.୯୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଅନ୍ତଃନଦୀଜଳ ସଂରକ୍ଷଣ ପ୍ରକଳ୍ପ ଗୁରୁବାର ଉଦଘାଟିତ ହୋଇଛି। ଚିକିଟି ଜଳସମ୍ପଦ ଡିଭିଜନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରକଳ୍ପକୁ ଉଦଘାଟନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଆଖପାଖ ଗ୍ରାମକୁ ପାନୀୟଜଳ ଏବଂ ଚାଷ ଜମିକୁ ଜଳସେଚନର ସୁବିଧା ହୋଇପାରିବ ବୋଲି ଜଣାପଡ଼ିଛି। ବ୍ରହ୍ମପୁରସ୍ଥିତ ଋଷିକୁଲ୍ୟା - ବାହୁଦା ବେସିନ ଜଳ ସମ୍ପଦ ବିଭାଗୀୟ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ. ରାଜୀବ ପଣ୍ଡିତ, ଚିକିଟି ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ସୁବ୍ରତ ପଟ୍ଟନାୟକ, ଘୋଡ଼ାହାଡ ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଏ.ଗୋପାଳ ରାଓ, ସହକାରୀ ଯନ୍ତ୍ରୀ ଇଂ. ନିରଞ୍ଜନ ସାହୁ, ଇଂ. ଦେବରାଜ ଗୌଡ଼, ଇଂ. କ୍ଷୀରୋଦ ବେହେରା, ଗ୍ରାମୟ ସରପଞ୍ଚ ଗୌରୀ ବିଶୋୟୀ, ବାସୁଦେବପୁର ସରପଞ୍ଚ ପ୍ରତିନିଧି ଏମ୍. ସନ୍ତୋଷ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପି.ରାମଚନ୍ଦ୍ରପୁର ହାଇସ୍କୁଲର ବାର୍ଷିକୋତ୍ସବ

ପାଟପୁର,୧୮।୪ (ସୀମାଞ୍ଚଳ ସାହୁ) ସାନଖେମୁଣ୍ଡି ବ୍ଲକ୍ ପାଇକ ରାମଚନ୍ଦ୍ରପୁର ରଘୁନାଥ ହାଇସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ହିନ୍ଦୀ ଶିକ୍ଷକ ଲକ୍ଷ୍ମୀ ନାରାୟଣ ମହାରଣାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ରଘୁନାଥ ମହାରଣା ପୌରହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ୍ରୁ ସେଠୀ, ମୁଖ୍ୟବକ୍ତା ଭାବେ ପାଟପୁର କଲେଜ ରସାୟନ ବିଭାଗ ମୁଖ୍ୟ ଡ଼.କୈଳାସ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତଥା କୃଷକ ନେତା ସମୀର ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ସୁଶାନ୍ତ ମେକାପ, ସାନଖେମୁଣ୍ଡି ପ୍ରଧାନ ଶିକ୍ଷକ ଫୋରମର ସେକ୍ରେଟାରୀ ତ୍ରିନାଥ ସାହୁ, କେ.ସି. ଟାଉନ ହାଇସ୍କୁଲ ପୂର୍ବତନ ପ୍ରଧାନ ଶିକ୍ଷକ ସୁଶାନ୍ତ ପଟ୍ଟନାୟକ, ବିଦ୍ୟାସିଂହ ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ପଣ୍ଡା, କେସି ହାଇସ୍କୁଲ ବ୍ରହ୍ମପୁରର ପ୍ରଧାନ ଶିକ୍ଷକ ଶଶାଙ୍କ ପଣ୍ଡା, ପୁରୁଣା ବ୍ରହ୍ମପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ କବିରାଜ ସାହୁ, ଭିକିଶଳ ପଞ୍ଚାୟତ ହାଇସ୍କୁଲ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପାଣିଗ୍ରାହୀ, ସରପଞ୍ଚ ଅଭୟ ଦାସ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷକ ନିତ୍ୟାନନ୍ଦ ଷଡ଼ଙ୍ଗୀ, କେଦାରନାଥ ମହାନ୍ତି, ଏରେଣ୍ଡରା ହାଇସ୍କୁଲ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବିଶୋୟୀ, ପୋଡାମାରି ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୁରୁନା ପ୍ରଧାନ, ସିଆରସିସି ଜିତ୍ପୀ ପ୍ରଧାନ ଉପସ୍ଥିତ ଥିଲେ। ଶ୍ରୀଜଗନ୍ନାଥଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ ପରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ସୁନାମ ରକ୍ଷା ସହ ନିଜ ବ୍ୟକ୍ତିତ୍ୱର ବିକାଶ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସମୟରେ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆଲୁମିନି ସଭାପତି ବୈଦ୍ୟନାଥ ସିଂହ, ସଭ୍ୟ ନିଜୁଞ୍ଜ ବିଶୋୟୀଙ୍କ ସହ ବିଦ୍ୟାଳୟ ଶିକ୍ଷୟତ୍ରୀ ଶିକ୍ଷକ, କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

# ବାଡ଼ାବାଙ୍ଗା ସେବାଶ୍ରମ ବିଦ୍ୟାଳୟରେ ବିଡିଓ

ଦାରିଙ୍ଗବାଡି,୧୮।୪(ଅରୁଣ ସାହୁ): ଦାରିଙ୍ଗବାଡି ବ୍ଲକ ବାଡାବାଙ୍ଗା ସେବାଶ୍ରମରେ ଗତ ମଙ୍ଗଳବାର ମହୁମାଛି ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆହତ ହୋଇଥିଲେ। ଏହି ଘଟଣା ପରେ ସ୍ଥାନୀୟ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇଛି। ଦାରିଙ୍ଗବାଡି ବିଡ଼ିଓ ପ୍ରୀତିରଞ୍ଜନ ରଥ ବନ ବିଭାଗକୁ ଚିଠି ଲେଖିବା ପରେ ଗୁରୁବାର ବନ କର୍ମଚାରୀମାନେ ସେବାଶ୍ରମରେ ପହଞ୍ଚି ମହୁମାଛି ବସାକୁ ସମ୍ପୂର୍ଣ୍ଣ ନଷ୍ଟ କରିଛନ୍ତି। ଏଥିସହ ସେବାଶ୍ରମ ପଛ ଜଙ୍ଗଲରେ ରହିଥିବା ଏକାଧିକ ମହୁମାଛି ବସାକୁ ବନ ବିଭାଗ ସମ୍ପୂର୍ଣ୍ଣ ନଷ୍ଟ କରିଛି। ଏବେ ମହୁମାଛି ଆକ୍ରମଣ ଭୟ ଦୂର ହୋଇଥିବା ପ୍ରଧାନ ଶିକ୍ଷକ ପ୍ରାଣବନ୍ଧୁ ନାୟକ କହିଛନ୍ତି। ଅନ୍ୟପଟେ ସ୍ଥିତି ପରଖିବା ପାଇଁ ବିଡ଼ିଓ ରଥ ବାଡାବାଙ୍ଗା ସେବାଶ୍ରମକୁ ଆସି ଛାତ୍ରଛାତ୍ରୀଙ୍କୁ ଭୟ ନ କରିବାକୁ ପରାମର୍ଶ ଦେବା ସହ ବିଭିନ୍ନ ଶ୍ରେଣୀଗୃହକୁ ଯାଇ ଛାତ୍ରଛାତ୍ରୀଙ୍କୁ ପାଠ ପ୍ରଶ୍ନ ପଚାରିଥିଲେ। ଭଲ ପାଠ ପଢାଇବାକୁ ଶିକ୍ଷୟତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେବାସହ ପିଲାଙ୍କୁ ଭଲ ପାଠ ପଢ଼ିବାକୁ ସେ କହିଛନ୍ତି।


ବିଦ୍ୟାଳୟରେ ବିଡିଓ ପିଲାଙ୍କ ପାଠପଢ଼ା ତଦାରଖ କରୁଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିଙ୍କ ନିକଟରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରୁଛନ୍ତି।

ଫିରିଙ୍ଗିଆ,୧୮।୪(ବିମଳ ଦିଗାଲ)- ଫିରିଙ୍ଗିଆ ବ୍ଲକ ଡିଣ୍ଡିରା ଗାଁ ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମୂର୍ଚ୍ଛନା ଓ ଷଷ୍ଠ ବାର୍ଷିକ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ କାହ୍ନୁ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଫିରିଙ୍ଗିଆ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ନବଘନ ସାହୁ, ଅତିରିକ୍ତ ତହସିଲଦାର ପ୍ରଥମରାଜ ମହାକାଳିଆ, ଆଦର୍ଶ ବିଦ୍ୟାଳୟ ସଭାପତି ସଞ୍ଜୟ କୁମାର ଦିଗାଲ, ଏମ୍‌ପିଙ୍କ ଗ୍ଲୁକ ଶିକ୍ଷା ପ୍ରତିନିଧି କଂସଦେବ ସାହୁ, ମୁଖ୍ୟବକ୍ତା ଭାବେ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ ଚିତ ରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ଅଧ୍ୟାପିକା ଅର୍ପିତା ଟିକାରା ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ଅତିଥି ମାନେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ କ୍ରୀଡ଼ା, ନୃତ୍ୟ ସହ ପାଠ ପଢ଼ାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟର ନା ରଖିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ପ୍ରଭାତ କୁମାର ବେହେରା ଓ ସମର କୁମାର ବାରିକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ଲକ୍ଷ୍ମୀ ବସ୍‌କୁ ବସଷ୍ଟାଣ୍ଡ ମନା

- ଅଟଳ ପାର୍କ ଛକ ପାଲଟିଛି ବସ୍ ରହଣି ସ୍ଥଳ

ପାରଳାଖେମୁଣ୍ଡି,୧୮।୪(ଗିରିଧାରୀ ପରିଡ଼ା) ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳରେ ସାଧାରଣ ଲୋକଙ୍କୁ ଯାତାୟାତରେ ସୁବିଧା ଯୋଗାଇ ଦେବାକୁ ପୂର୍ବତନ ସରକାର ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିଥିଲେ। ଏହି ବସ୍ ସେବା ଆରମ୍ଭ ହେବା ପରେ ଗଜପତି ଜିଲାରେ ସାଧାରଣ ଲୋକେ ବିଶେଷ ଭାବେ ଉପକୃତ ହେଉଥିଲେ। ଜିଲାର ଅଧିକାଂଶ ଅଞ୍ଚଳ ପାହାଡ଼ିଆ ହୋଇଥିବାରୁ ଉକ୍ତ ବସ୍ ସେବା ବେଶ୍ ଉପଯୋଗୀ ହୋଇପାରିଥିଲା। ତେବେ ପରିବହନ ଅବ୍ୟବସ୍ଥା ଯୋଗୁ ସ୍ଥାନୀୟ ଲୋକେ ବାଧ୍ୟହୋଇ କମାଣ୍ଡର, ଜିପ, ଅଟୋ ଏବଂ ଅନ୍ୟ ଗାଡ଼ିର ସହାୟତା ନେଉଥିଲେ। ଏଥିପାଇଁ ସେମାନଙ୍କୁ ଅଧିକ ଖର୍ଚ୍ଚ ହୋଇ ପାରଳାଖେମୁଣ୍ଡି କିମ୍ବା ନିଜ ନିଜ ବ୍ଲକ ହେଡ଼କ୍ୱାର୍ଟରରେ ପହଞ୍ଚିବାକୁ ହେଉଥିଲା। ଲକ୍ଷ୍ମୀବସ୍ ସେବା ଆରମ୍ଭ ହେବା ପରେ ଯାତାୟାତ ସୁବିଧା ହୋଇଥିଲା। ଲୋକେ ବେଶ୍ ଆଶ୍ୱସ୍ତ ହୋଇଥିଲେ।


ଅଟଳ ପାର୍କଠାରେ ରହିଥିବା ଲକ୍ଷ୍ମୀ ବସ୍।

ଅନ୍ୟପକ୍ଷରେ ଗତ ସାଧାରଣ ନିର୍ବାଚନରେ ବିଜେଡିର ପରାଜୟ ପରେ ବିଜେପି ଏହି ଲକ୍ଷ୍ମୀ ବସ୍‌ର ନାମ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ ବସ୍ ସେବା କରିଥିଲା। ନୂତନ ସରକାରଙ୍କ ଏହି ବସ୍ସେବାର ନାମ ପରିବର୍ତ୍ତନ ପରେ କିଛି ନିୟମରେ ମଧ୍ୟ ପରିବର୍ତ୍ତନ ହୋଇଥିବା କୁହାଯାଇ ଗଜପତିଜିଲାରେ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବା ଦେଉଥିବା ବସ୍ କୁ ବ୍ଲକରୁ ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଆସିବା ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ବସ୍‌ସେବା ଏକ ପ୍ରକାର ଧରି ବନ୍ଦ ରହିବା ପରେ ଲୋକେ ପୂର୍ବଭଳି ଅଧିକ ଖର୍ଚ୍ଚ ହେଉଥିବା ଅନ୍ୟ ଗାଡ଼ିରେ ଯାତାୟାତ କଲେ। ଏ ସମ୍ପର୍କରେ ଗ୍ରାମୀୟ ଅଞ୍ଚଳର କେତେ ଜଣ ବୁଦ୍ଧିଜୀବୀ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଓଏସ୍‌ଆର୍‌ଟିସି ଡିପୋମ୍ୟାନ ସହ ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ବସ୍‌ସେବା ପୁଣି ଆରମ୍ଭ ହୋଇଥିଲା। ତେବେ ବର୍ତ୍ତମାନ ଲକ୍ଷ୍ମୀବସ୍‌କୁ ପାରଳାଖେମୁଣ୍ଡି ବସ୍‌ଷ୍ଟାଣ୍ଡରେ ପ୍ରବେଶ ଲାଗି ମନା କରାଯାଇଛି। ଜିଲାର ବିଭିନ୍ନ ବ୍ଲକରୁ ପାରଳାଖେମୁଣ୍ଡି ସହରକୁ ଆସୁଥିବା ଲକ୍ଷ୍ମୀ ବସ୍‌କୁ ବସ୍‌ଷ୍ଟାଣ୍ଡ ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳୁନି। ଏହିବସ୍‌ଗୁଡ଼ିକ ଗ୍ରାମୀୟ ଅଟଳ ପାର୍କରେ ରହୁଛି ସେଠିଠାରୁ ଯାତ୍ରୀଙ୍କୁ ନେଉଛି। ଏହି ପାର୍କଠାରେ ବସ୍ ରହୁଥିବାରୁ ପାର୍କକୁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଏହାର ସ୍ଥାୟୀ ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।




ମା' ବୁଢ଼ୀ ଠାକୁରାଣୀ ଯାତ୍ରା: ଅସ୍ଥାୟୀ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ।



ଶିଶୁଙ୍କ ମାନସିକ ବେଶ





ନଡିଆ ଗୁର୍ଜି ସ୍ଥିତ ଠାକୁରାଣୀ କଳାକୁଞ୍ଜ। (ଫଟୋ: ସମୀର)

# ସାନ୍ତାରାଣୀ ସାହିରେ ଦୋଳି ରଥ, ନଡ଼ିଆ ଗୁର୍ଜିରେ ଠାକୁରାଣୀ କଳାକୁଞ୍ଜ

ବ୍ରହ୍ମପୁର,୧୮।୪(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଶୁକ୍ରବାର ୧୬ ଦିନରେ ପହଞ୍ଚିଛି। ଆଜି ମା' ବିଭିନ୍ନ ସାହି ପରିକ୍ରମା କରିବା ସହ ସାନ୍ତାରାଣୀ ସାହି ଦୋଳି ରଥ ଓ ନଡ଼ିଆ ଗୁର୍ଜିଠାରେ ଠାକୁରାଣୀ କଳାକୁଞ୍ଜକୁ ଉନ୍ମୋଚନ କରିଥିଲେ। ରାତି ୮ଟା ପରେ ମା'ଙ୍କ ଘଟ ସାହି ପରିକ୍ରମା ନିମନ୍ତେ ବାହାରିଥିଲେ। ପ୍ରଥମେ ମହୁରୀ ରାଜବାଟୀରେ ପୂଜାର୍ଚ୍ଚନା ପରେ କମଳାବାଲା ସାହି, ଭେଙ୍କଟେଶ୍ୱର ମନ୍ଦିର ସାହି, ପାକଳାବାରୀ ସାହି, ହନୁମାନ ବଜାର, ଚିନା ବଜାର ଘଟ ପରିକ୍ରମା କରିଥିଲେ। ମା' ସାନ୍ତାରାଣୀ ସାହିରେ ପହଞ୍ଚିବା ପରେ ଦୋଳି ରଥ ଉନ୍ମୋଚନ ପାଇଁ ସାହି ବାସିନ୍ଦାଙ୍କ ପକ୍ଷରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ପରେ ମା' ବାଙ୍ଗୁ ବାଦ୍ୟ, ଘଣ୍ଟ, ହୁଳହୁଳି ମଧ୍ୟରେ ରଥ ଉନ୍ମୋଚନ କରିଥିଲେ। ମା' ଅସ୍ଥାୟୀ ମନ୍ଦିରକୁ ଫେରିବା ସମୟରେ ନଡ଼ିଆ ଗୁର୍ଜିଠାରେ ଠାକୁରାଣୀ କଳାକୁଞ୍ଜକୁ ଉନ୍ମୋଚନ କରିଥିଲେ। ଶେଷରେ ଘଟ ବଡ଼ବଜାର ଓ ନଡ଼ିଆ ବଜାର ହୋଇ ଅସ୍ଥାୟୀ ମଣ୍ଡପରେ ପହଞ୍ଚିଥିଲେ। ଘଟ ପରିକ୍ରମା ସମୟରେ ଶତାଧିକ ସଂଖ୍ୟକ ମହିଳା ମା'ଙ୍କ ପାଦ ହଳଦୀ ପାଣିରେ ଧୋଇ କୃପା ଲାଭ କରିଥିଲେ।

# ସାଇବର ଠକଙ୍କୁ ଗୁଜରାଟ ଜେଲରୁ ଆଣିଲା ପୋଲିସ

**ଶିକ୍ଷକ ଦମ୍ପତିଙ୍କ ୩୫ ଲକ୍ଷ ଠକେଇ ମାମଲା**

ବ୍ରହ୍ମପୁର,୧୮।୪(ସୁବାସ ଚନ୍ଦ୍ର ପାଢ଼ୀ): କୁକୁଡାଖଣ୍ଡି ବ୍ଲକର ଜଣେ ଶିକ୍ଷକ ଦମ୍ପତିଙ୍କୁ ଡିଜିଟାଲ ଆରେଷ୍ଟ ଭୟ ଦେଖାଇ ୩୫ ଲକ୍ଷ ଠକେଇ ମାମଲାରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗୁଜରାଟରୁ ପୋଲିସ ଟିମ ବ୍ରହ୍ମପୁର ଆଣିଛି। ସେ ହେଲେ ରାଜସ୍ଥାନ ଫଲାଉଦି ଜିଲା ଚିତରବୋରା ଗ୍ରାମର ଗୋବର୍ଦ୍ଧନମ ଓରଫ ଗୋବିନ୍ଦ ରାମ(୩୫) । ସାଇବର ପୋଲିସ ଏନେଇ ନଂ.୧୨/୨୫ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଜଣଙ୍କ ଅନ୍ୟ ଏକ ମାମଲାରେ ଗିରଫ ହୋଇ ଗୁଜରାଟର ଭୋଜ ଜିଲା ପଲରା ଜେଲରେ ଥିବା ବ୍ରହ୍ମପୁର ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ପରେ ଏଠାକାର ଏସଡ଼ିଜେଏମ କୋର୍ଟଙ୍କ ଅନୁମତି ନେଇ ତାଙ୍କୁ ବ୍ରହ୍ମପୁର ଅଣାଯାଇଛି। ଶୁକ୍ରବାର ବ୍ରହ୍ମପୁର ପହଞ୍ଚିବା ପରେ ଅଭିଯୁକ୍ତଙ୍କୁ ଏସଡିଜେଏମ କୋର୍ଟରେ ହାଜର କରାଯାଇଥିଲା। ଏହାପରେ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି । ମାମଲାରେ ଅନ୍ୟ ଜଣେ ଅଣ ଓଡ଼ିଆ ଅଭିଯୁକ୍ତ ଥିବା ମଧ ସୂଚନା ମିଳିଛି ।

ଜାନୁଆରୀ ୨୦ ତାରିଖରେ କୁକୁଡାଖଣ୍ଡି ଅଞ୍ଚଳର ଜଣେ ଶିକ୍ଷୟିତ୍ରୀ ଓ ତାଙ୍କ ଶିକ୍ଷକ ସ୍ୱାମୀଙ୍କ ନିକଟକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା । କଲ କରିଥିବା ବ୍ୟକ୍ତି ଜଣଙ୍କ ଟ୍ରାଇ(ଟେଲିକମ ରେଗୁଲେଟରି ଅଥରିଟି ଅଫ ଇଣ୍ଡିଆ)ର ଜଣେ ଅଧିକାରୀ କହୁଛନ୍ତି ବୋଲି ଜଣାଇବା ସହ ଶିକ୍ଷକଙ୍କ ନାମରେ ଥିବା ମୋବାଇଲ ନମ୍ବର ୨ ଘଣ୍ଟା ଭିତରେ ବନ୍ଦ ହୋଇଯିବ ବୋଲି କହିଥିଲେ। ଶିକ୍ଷକଙ୍କ ଆଧାର କାର୍ଡ ସହ ଲିଙ୍କ ଥିବା ଏକ ମୋବାଇଲ ନମ୍ବର ରହିଛି ଯାହା ନାମରେ ମହାରାଷ୍ଟ୍ରର ଏକ ପୋଲିସ ଥାନାରେ ମାମଲା ରୁଜୁ ହୋଇଛି। ମହିଳାଙ୍କ ସ୍ୱାମୀ ନାମରେ ୨ କୋଟି ୩୮ ଲକ୍ଷ ଟଙ୍କା ହେରଫେର ଅଭିଯୋଗ ରହିଛି। ଏହି କାରଣରୁ ତାଙ୍କ ନାମରେ ଗିରଫ ନିର୍ଦ୍ଦେଶ ରହିଛି ବୋଲି ଫୋନ କରିଥିବା ବ୍ୟକ୍ତି ଜଣଙ୍କ କହିଥିଲେ। ଏହାପରେ ହ୍ୱାଟ୍ସଆପରେ ଯୋଡି ହେବାକୁ କୁହାଯାଇଥିଲା। ସାଇବର ଠକମାନେ ୪ଟି ବିଭିନ୍ନ ମୋବାଇଲ ନମ୍ବରରୁ ତାଙ୍କ ନିକଟକୁ ଭିଡିଓ କଲ କରି ଜଣେ ନିଜକୁ ପୋଲିସ ଅଧିକାରୀ, ଆଉ ଜଣେ ନିଜକୁ ସୁପ୍ରିମକୋର୍ଟ ଜଜ ହୋଇ ଭିଡିଓ କଲରେ ଆସି ଉପରୋକ୍ତ ମାମଲା ସମ୍ପର୍କରେ କହିବା ସହ ଶିକ୍ଷକ ଦମ୍ପତିଙ୍କୁ ଡରାଇ ଡିଜିଟାଲ ଆରେଷ୍ଟ କରି ରଖିଥିଲେ। ଏପରିକି ଉଭୟଙ୍କ ବ୍ୟାଙ୍କ ଆକାଉଣ୍ଟରରେ ଥିବା ସମସ୍ତ ଟଙ୍କା ତାଙ୍କ ନିକଟକୁ ଯାଞ୍ଚ ପାଇଁ ପଠାଇବାକୁ କହିଥିଲେ । ସେହିକ୍ରମରେ ଶିକ୍ଷକ ଦମ୍ପତି ୩ ଦିନ ମଧ୍ୟରେ ମୋଟ ୩୫ ଲକ୍ଷ ଟଙ୍କା ସାଇବର ଠକମାନେ ଦେଇଥିବା ଆକାଉଣ୍ଟରରେ ଜମା କରି ଦେଇଥିଲେ। ପରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଶିକ୍ଷୟିତ୍ରୀଙ୍କ ଅଭିଯୋଗପ୍ରକାରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏକ ମାମଲା ରୁଜୁ ହୋଇଥିଲା ।

# ରଥ, କଳାକୁଞ୍ଜ ପାଇଁ ସହର ଉତ୍ସବମୁଖର

ବ୍ରହ୍ମପୁର,୧୮।୪(ସ୍ମୃତି ରଞ୍ଜନ ମହାଲିକ)

ଯାତ୍ରା ସରିବା ସମୟ ଯେତେ ପାଖେଇ ଆସୁଛି ରଥ ଓ କଳାକୁଞ୍ଜ ପ୍ରଦର୍ଶନ ପାଇଁ ସାହିବାସୀ ତତ୍ପର ହୋଇପଡିଛନ୍ତି। ଯାତ୍ରାରେ ସହରକୁ ଉତ୍ସବମୁଖର କରିବାର ଏହା ଏକ ମାଧ୍ୟମ। ରଥ ଓ କଳାକୁଞ୍ଜ ଦେଖିବା ପାଇଁ ଗ୍ରାମାଞ୍ଚଳରୁ ଲୋକେ ଆସୁଛନ୍ତି। ୧୯୬୩ ଓ ୧୯୬୫ ଠାକୁରାଣୀ ଯାତ୍ରାରେ କଳାକୁଞ୍ଜ ନିର୍ମାଣ ପରମ୍ପରା ଆରମ୍ଭ ହୋଇଥିବା ଅନୁମାନ କରାଯାଏ। ପୂର୍ବରୁ କଳାକୁଞ୍ଜ ନିର୍ମାଣ ପାଇଁ କଟକରୁ ଶିଳ୍ପୀ ଆସୁଥିଲେ। ବର୍ତ୍ତମାନ ସ୍ଥାନୀୟ ଶିଳ୍ପୀ ସହ କେତେକ କଟକ ଶିଳ୍ପୀ ନିର୍ମାଣରେ ସାମିଲ ହେଉଛନ୍ତି। କଳାକୁଞ୍ଜ ଗୁଡିକରେ ପ୍ରଦର୍ଶିତ ମୂର୍ତ୍ତି ଓ ସାଜସଜା ପ୍ରତି ବର୍ଷ ପରିବର୍ତ୍ତିତ ହୋଇଥାଏ। ପ୍ରାୟ କଳାକୁଞ୍ଜରେ ପୌରାଣିକ ଦୃଶ୍ୟାବଳୀ ପ୍ରଦର୍ଶିତ ହୋଇଥାଏ। ଅତୀତରେ କାଞ୍ଜିବାରମ ସାହି, ଗୌଡ ସାହି, ନୂଆ ଗୌଡ ସାହି, ପେଡିପୁଦ୍ଦିୱାରୀ ସାହି, ଜଉରା ସାହି, ଚନ୍ଦ୍ରଶେଖର ମହାପ୍ରଭୁ ମନ୍ଦିର ସାହି, ରଜା ସାହି ଭଳି ବିଭିନ୍ନ ସାହିରେ କଳାକୁଞ୍ଜ ନିର୍ମାଣ ହେଉଥିଲା। ସ୍ଥାନୀୟ ନେତୃ ସ୍ଥାନୀୟ ବ୍ୟକ୍ତି ଓ ଯୁବକଙ୍କ ଏଥିରେ ସହଯୋଗ ରହିଛି। କଳାକୁଞ୍ଜ ଗୁଡିକ ନିର୍ଦ୍ଦିଷ୍ଟ ସାହିରେ ସ୍ଥାପନ ହେଉଥିବା ଯୋଗୁଁ ସ୍ଥାନୀୟ ବାସିନ୍ଦା ଏହାର ନିର୍ମାଣ ଓ ପ୍ରଦର୍ଶନ ପ୍ରକ୍ରିୟାରେ ଜଡିତ ରୁହନ୍ତି। ରଥ ଅପେକ୍ଷା କଳାକୁଞ୍ଜ ଅଧିକ ବ୍ୟୟ ସାପେକ୍ଷ। ଅନ୍ୟପଟେ କଳାକୁଞ୍ଜ ନିମନ୍ତେ ରାସ୍ତାଘାଟ ଆଲୋକରେ ସଜ୍ଜିତ ହେବା ଦ୍ୱାରା ଠାକୁରାଣୀ ଯାତ୍ରା ଅଧିକ ଉତ୍ସବମୁଖର ହୋଇଥାଏ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।



ସାନ୍ତାରାଣୀ ସାହିରେ ଦୋଳି ରଥ।

# ବ୍ରହ୍ମପୁର ରେଳଷ୍ଟେଶନକୁ ବିଶ୍ୱସ୍ତରୀୟ ଦାବି

ବ୍ରହ୍ମପୁର,୧୮।୪ (ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ରେଲୱେ ଷ୍ଟେସନକୁ ବିଶ୍ୱସ୍ତରୀୟ ଓ ଦକ୍ଷିଣ ଓଡିଶାରେ ଆରମ୍ଭ ହେବାକୁ ଥିବା ସମସ୍ତ ରେଲୱେ ଲାଇନର କାର୍ଯ୍ୟ ଶୀଘ୍ର ସାରିବା ନେଇ ଏକ ସମୀକ୍ଷା ବୈଠକ ଶୁକ୍ରବାର ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ଓଡିଶା ରେଳପଥ ମିଳିତ ଉନ୍ନୟନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ବୈଠକରେ ବ୍ରହ୍ମପୁର ଏମପି ଡ ପ୍ରଦୀପ କୁମାର ପାଣିଗ୍ରାହୀ ଓ ବିଧାୟକ କେ. ଅନୀଲ କୁମାର ଯୋଗ ଦେଇଥିଲେ। ବ୍ରହ୍ମପୁର-ସମ୍ବଲପୁର ନୂତନ ରେଳପଥ, ରାୟଗଡା-ପଦ୍ମପୁର-ରାମନାଗୁଡା-ଗୋପାଳପୁର ରେଳପଥ, ତାରାତାରିଣୀ-ପୋଲସରା-ବୁଗୁଡା ଓ ନୟାଗଡ ଦେଇ ଗୋପାଳପୁର ତାଳଚେର ରେଳପଥ ପାଇଁ ରେଲୱେ କର୍ତ୍ତୃପକ୍ଷ ଜାଣିଶୁଣି ଅବହେଳା କରୁଥିବା ନେଇ କମିଟି ପକ୍ଷରୁ ଉଦବେଗ ପ୍ରକାଶ ପାଇଥିଲା। ଏ ନେଇ ଏମପି ବ୍ରହ୍ମପୁର ରେଲୱେ ଷ୍ଟେସନକୁ ବିଶ୍ୱସ୍ତରୀୟ କରିବାକୁ ଚେଷ୍ଟା କରିବା ସହ ଇଷ୍ଟକୋଷ୍ଟ ରେଲୱେ ମହାପ୍ରବନ୍ଧକଙ୍କ ସହ ଖୁବ ଶୀଘ୍ର ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କମିଟିର ଆବାହକ ତଥା ସରୋଜ ରଞ୍ଜନ ପଟ୍ଟନାୟକ, ଓଡିଶା ଡେଭଲେପମେଣ୍ଟ ଫୋରମ ସଭାପତି ରାମ ପ୍ରସାଦ ତ୍ରିପାଠୀ, ସଂପାଦକ ଭି ସୋମେଶ୍ୱର ରାଓଙ୍କ ସମେତ ବିଭିନ୍ନ ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ।

# ବିଜେଡି କର୍ପୋରେଟରଙ୍କ ଗୋଷ୍ଠୀ ବିବାଦ ତେଜୁଛି

ବ୍ରହ୍ମପୁର,୧୮।୪(ନରସିଂହ ସାହୁ)

ବ୍ରହ୍ମପୁର ବିଜେଡି କର୍ପୋରେଟରଙ୍କ ବିବାଦ ପୁଣି ତେଜିଛି। ଗତ ଗୁରୁବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ଏହା ଦେଖିବାକୁ ମିଳିଛି। ଗତ ଅକ୍ଟୋବର ମାସରୁ ମହାନଗର ନିଗମର ବିଜେଡି କର୍ପୋରେଟରମାନେ ଦୁଇ ଗୋଷ୍ଠୀ ହୋଇଯାଇଛନ୍ତି। ଗୋଟିଏ ଗୋଷ୍ଠୀ ମେୟର ସଂଘମିତ୍ରା ଦଳେଇଙ୍କ ସପକ୍ଷରେ ଥିବା ବେଳେ ଅନ୍ୟ ଗୋଷ୍ଠୀ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ନିୟନ୍ତ୍ରଣରେ ଅଛନ୍ତି। ୨୦୨୨ ପୌର ନିଗମ ନିର୍ବାଚନରେ ସମୁଦାୟ ୪୨ ୱାର୍ଡ ମଧ୍ୟରୁ ୩୦ଟିରେ ବିଜେଡି କର୍ପୋରେଟର ନିର୍ବାଚିତ ହୋଇଥିଲେ। ପରବର୍ତ୍ତି ସ୍ଥିତିରେ ଭାଜପାରୁ ଜିତିଥିବା ୭ ଜଣଙ୍କ ମଧ୍ୟରୁ ୪ ଏବଂ ୨ ସ୍ୱାଧୀନ କର୍ପୋରେଟର ବିଜେଡିରେ ମିଶିଥିଲେ। ପ୍ରତ୍ୟକ୍ଷ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସଂଘମିତ୍ରା ଦଳେଇ ମେୟର ଭାବେ ନିର୍ବାଚିତ ହୋଇଥିଲେ। ମହାନଗର ନିଗମରେ ସଂଖ୍ୟା ଗରିଷ୍ଠ ବିଜେଡି କ୍ଷମତାସୀନ ଅଛି।

୨୦୨୪ ସାଧାରଣ ନିର୍ବାଚନରେ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଭାବେ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ହୋଇଥିଲେ। ସେ ପରାଜିତ ହେବାରୁ ଦଳରେ ଫାଟ ସୃଷ୍ଟି ହୋଇଛି। କ୍ରମଶଃ ଏହା ବଢ଼ିବାରେ ଲାଗିଛି। ପ୍ରଥମେ ଡେପୁଟି ମେୟରଙ୍କୁ ଟାର୍ଗେଟ କରି ଗୋଷ୍ଠୀ କନ୍ଦଳ ଆରମ୍ଭ ହେଲା। ଏହି ଘଟଣା ଭୁବନେଶ୍ୱର ଶଙ୍ଖ ଭବନ ଓ ନବୀନ ନିବାସରେ ପହଞ୍ଚିଥିଲା। ରାଜ୍ୟ ସଭାପତିଙ୍କ ତାଗିଦ ପରେ ଥମିଥିଲା। ଏବେ ପୁଣି କନ୍ଦଳ ଆରମ୍ଭ ହୋଇଛି। ବିଜୁଙ୍କ ଶ୍ରାଦ୍ଧ ଦିବସରେ ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିକ୍ରମ ଗୋଷ୍ଠୀ କର୍ପୋରେଟରମାନେ ଯୋଗ ନ ଦେଇ ଚର୍ଚ୍ଚାକୁ ଆସିଛନ୍ତି। ବିକ୍ରମ ମଧ୍ୟ ଗୋପାଳପୁର ନିର୍ବାଚନ ମଣ୍ଡଳୀ କାର୍ଯ୍ୟକ୍ରମକୁ ପଳାଇଥିଲେ ଏବଂ ବ୍ରହ୍ମପୁରରେ ଅନୁପସ୍ଥିତ ରହିଲେ। ଅନ୍ୟପକ୍ଷରେ ଚନ୍ଦ୍ରଶେଖର ସାହୁ ଭୁବନେଶ୍ୱର ଯାଇଥିବାରୁ ସେ ମଧ୍ୟ ବ୍ରହ୍ମପୁରରେ ତିରୋଧାନ ଦିବସ କାର୍ଯ୍ୟକ୍ରମରେ ନଥିଲେ। ଡେପୁଟି ମେୟର ବିବେକ ରେଡ଼ି ଗତ କିଛିଦିନ ହେବ ଅଭିମାନରେ ଅଛନ୍ତି। ନିଗମରେ ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଇନଥିବାରୁ ସେ ଅଲୋଡ଼ା ହୋଇଯାଇଛନ୍ତି। ନିଗମର ବୈଠକରେ ମଧ୍ୟ ଅନୁପସ୍ଥିତ ରହୁଛନ୍ତି। ଏହିସବୁ ଘଟଣାରୁ ବିଜେଡି କର୍ପୋରେଟରଙ୍କ ବିବାଦ ପୁଣି ତେଜିବାରେ ଲାଗିଥିବା ଅନୁମାନ କରାଯାଇଛି।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଦିଗପହଣ୍ଡି,୧୮।୪(ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭିଷ୍ଣୁଗିରୀ ଗ୍ରାମସ୍ଥିତ ରାମଜୀ ଡିଗ୍ରୀ କଲେଜରେ ଚାଲିଥିବା ଯୁକ୍ତ ୩ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ସଭାପତିତ୍ୱରେ ହୋଇଥିବା ଉଦଯାପନୀ ଉତ୍ସବରେ କଲେଜ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ କାହ୍ନୁଚରଣ ପାଢୀ, ଯୁବ ରେଡକ୍ରସ ଉପଦେଷ୍ଟା ଅଧ୍ୟାପକ ରଞ୍ଜନ ଗୌଡ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଇତିପ୍ରଭା, ଭାରତ ସ୍କାଉଟ ଓ ଗାଇଡର ପ୍ରଶିକ୍ଷିକା ଅଧ୍ୟାପିକା କୁମାରୀ ପ୍ରିୟଦର୍ଶିନୀ ପ୍ରଧାନ, ଅଧ୍ୟାପକ ଦେବଦତ୍ତ ପଣ୍ଡା, ଲିଙ୍ଗରାଜ ପାଣିଗ୍ରାହୀ, ଟୁନା ବେହେରା ଅତିଥି ରୂପେ ଉପସ୍ଥିତ ଥିଲେ। ଶିକ୍ଷାଗ୍ରହଣ ସହିତ ଛାତ୍ରୀମାନେ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ଆତ୍ମସୁରକ୍ଷା କୌଶଳ ଶିକ୍ଷା କରିବା ନିତାନ୍ତ ଆବଶ୍ୟକ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ରଶ୍ମିତା କୁମାରୀ ମେକାପ ଧନ୍ୟବାଦ ଦେଇଥିଲେ।

# ରାସ୍ତା ପାର୍ଶ୍ୱ ଲାଇଟ୍ ଜଳୁନି, ଅନ୍ଧାରରେ ବୁଗୁଡ଼ା



ବୁଗୁଡ଼ା,୧୮।୪(କାଳିଚରଣ ଦାଶ) ବୁଗୁଡ଼ା ଏନଏସି ଅନ୍ତର୍ଗତ ବଡଶଙ୍ଖଠାରୁ ଷୋଳମଇଲି ଆଡକୁ ଯାଇଥିବା ରାସ୍ତା ପାର୍ଶ୍ୱସ୍ଥ ସମସ୍ତ ବିଦ୍ୟୁତ୍ ଖୁଣ୍ଟର ସବୁ ଲାଇଟ୍ ଅଚଳ ହୋଇପଡ଼ିଛି। ଫଳରେ ସନ୍ଧ୍ୟା ହେଲେ ଏହି ରାସ୍ତାରେ ଅନ୍ଧାରରେ ଯାତାୟାତ କରିବା ଲୋକଙ୍କ ପାଇଁ କଷ୍ଟକର ହେଉଛି। ପ୍ରତ୍ୟେହ ସନ୍ଧ୍ୟାରେ ଆଖପାଖ ଗ୍ରାମର ଶତାଧିକ ଛାତ୍ରୀଛାତ୍ର ବୁଗୁଡାକୁ ଟିଉସନ ପଢିବା ପାଇଁ ଆସି ଫେରିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ହେଲା ଏପରି ସମସ୍ୟା ଲାଗି ରହିଥିଲେ ହେଁ ଏନ୍‌ଏସି ପ୍ରଶାସନ ଲାଇଟଗୁଡିକୁ ସଜାଡିବା ପାଇଁ କୌଣସି ପଦକ୍ଷେପ ନେଉନାହିଁ। ଏ ନେଇ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନଏସି କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଏନଏସି ନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଏବେ ନୂଆ କେବୁଲ ପଡୁଥିବାରୁ ଏଭଳି ସମସ୍ୟା ହୋଇଛି। ତିନି ଚାରି ଦିନ ମଧ୍ୟରେ ଏହି ସମସ୍ୟା ଦୂର ହେବ ବୋଲି ବେହେରା କହିଥିଲେ।

# ବିଦ୍ୟାଳୟରେ ପୋଷଣଯୁକ୍ତ ମାଣ୍ଡିଆ ଲଡୁ ବଣ୍ଟନ

ଧରାକୋଟ,୧୮।୪ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ସରକାର ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନରେ ଘୋଷଣା କରିଥିବା ପୋଷଣଯୁକ୍ତ ମାଣ୍ଡିଆ ଲଡୁ ବଣ୍ଟନ କରିଛନ୍ତି। ଏହି ମାଣ୍ଡିଆ ଲଡୁ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ସହାୟିକାମାନେ ପ୍ରସ୍ତୁତ କରୁଛନ୍ତି। ଶୁକ୍ରବାର ଧରାକୋଟ ବ୍ଲକ ଅନ୍ତର୍ଗତ ଖାଡ଼ବନ୍ଧ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଏହି ଲଡୁ ବଣ୍ଟନ କରାଯାଇଛି। ମାଣ୍ଡିଆ ଲଡୁ ବଣ୍ଟନ ସମୟରେ ପ୍ରଧାନ ଶିକ୍ଷକ ଶୁକ୍ରୁ ବେହେରା, ସିଆର୍‌ସିସି ଶ୍ରୀକାନ୍ତ ନାୟକ, ବରିଷ୍ଠ ଶିକ୍ଷକ ସନ୍ତୋଷ ବିଷୋୟୀ ଉପସ୍ଥିତ ଥିଲେ। ଶିକ୍ଷକ ତ୍ରିନାଥ ବେହେରା, ଭଗବାନ ବେହେରା, ସନ୍ତୋଷ ଭୋଳ ସହଯୋଗ କରିଥିଲେ।

# କାଳବୈଶାଖୀ: ଉଡ଼ିଲା ଆଜବେଷ୍ଟସ୍, ଉପୁଡ଼ିଲା ଗଛ



ରାସ୍ତାରେ ପଡ଼ିଥିବା ଗଛକୁ ବାହାର କରାଯାଉଛି ।

ରାମଗିରି,୧୮।୪(ବୃନ୍ଦାବନ ଗୌଡ଼)

କାଳବୈଶାଖୀ ତାଣ୍ଡବରେ ଶୁକ୍ରବାର ଆର.ଉଦୟଗିରି ବ୍ଲକ ରାମଗିରି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପବନ ସହ ଘଡଘଡି ମାରି ପ୍ରବଳ ବର୍ଷା ଯୋଗୁ ରାସ୍ତା କଡରେ ଥିବା ଅନେକ ଗଛ ଭାଙ୍ଗି ପଡିଛି। ଯାହାଦ୍ୱାରା ପାରଳାଖେମୁଣ୍ଡି ମୁଖ୍ୟ ରାସ୍ତା ଅବରୋଧ ହୋଇ କିଛି ସମୟ ଯାନବାହାନ ଚଳାଚଳରେ ବାଧାପ୍ରାପ୍ତ ହୋଇଥିଲା। ରାମଗିରି ବନ ବିଭାଗ ପକ୍ଷରୁ ବନପାଳ କେ. ସୁଧାକର ଓ ନାଏବସରପଞ୍ଚ ରାଜେନ୍ଦ୍ର କୁମାର ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ସ୍ଥାନୀୟ ଲୋକଙ୍କ ସହଯୋଗରେ ରାସ୍ତାରେ ପଡ଼ିଥିବା ବିରାଟକାୟ ଗଛଗୁଡିକୁ କଟର ମେଶିନରେ କାଟି ରାସ୍ତା ସଫା କରିଥିଲେ। କାଳବୈଶାଖୀରେ ରାମଗିରି ଗ୍ରାମର ମା' କୁରେଇଶୁଣୀ ଯୁବକ ସଂଘ ଗୃହ ଛାତ ଆଜବେଷ୍ଟସ୍ ଉଡିଯାଇଛି। ପବନମାଡ଼ରେ ସୁବଲଡା ଛକରେ ନୀଳଗିରି ଗଛରେ ରହୁଥିବା ହଜାର ହଜାର ସଂଖ୍ୟକ ବାଦୁଡ଼ି ମରି ପଡ଼ିଥିବା ଦେଖିବାକୁ ମିଳିଛି।

# ପୁରୁଷ ଓ ମହିଳା ବକ୍ସିଂ ଦଳର ଗ୍ରେଟର ନୋଇଡା ଯାତ୍ରା



ନୋଇଡା ଯିବାକୁ ଥିବା ଖେଳାଳିମାନେ।

ବ୍ରହ୍ମପୁର,୧୮।୪(ସୁବାସ ଚନ୍ଦ୍ର ପାଢ଼ୀ) ଉତ୍ତରପ୍ରଦେଶର ଗ୍ରେଟର ନୋଇଡାର ଗୌତମ ବୁଦ୍ଧ ବିଶ୍ୱବିଦ୍ୟାଳୟଠାରେ ଆସନ୍ତା ୨୧ରୁ ୨୭ ତାରିଖ ୭ମ ପୁରୁଷ ଓ ମହିଳା ଜାତୀୟ ଯୁଥ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶାର ୧୦ ପୁରୁଷ, ୩ ମହିଳା ବକ୍ସର, ୩ କୋଚ, ମ୍ୟାନେଜର ଓ ଜଣେ ରେଫରୀ ଜଜ ମୋଟ ୧୮ ଜଣିଆ ଦଳ ନୀଳାଚଳ ଏକ୍ସପ୍ରେସ ଯୋଗେ ଶୁକ୍ରବାର ଗ୍ରେଟର ନୋଇଡା ଅଭିମୁଖେ ଯାତ୍ରା କରିଥିବା ଓଡିଶା ଆମଚ୍ୟୁର ବକ୍ସିଂ ଆସୋସିଏସନ ସମ୍ପାଦକ ଅନିଲ ବୋହିଦାର କହିଛନ୍ତି। ପୁରୁଷ ଦଳରେ ଶିବ ଆଙ୍ଗୁଲ, ଚନ୍ଦନ ଥାପା, ମନୋଜ ବେହେରା, ଆଶିଷ ମଲ୍ଲିକ, ଏନ.ତେଜେସ କୁମାର, ଚନ୍ଦ୍ର ଶେଖର ପଣ୍ଡା, ଅଙ୍କୁଶ ସିଂ, ତୁଷାର ତନ୍ତି, ସୋହନ ପାଣ୍ଡବ, ଅଖିଳେଶ ବେହେରା, ତଥା ମହିଳା ବକ୍ସର ରାଜଲକ୍ଷ୍ମୀ ଭୋଳ, ସଜନସିନି ପର୍ଡିଆ, ବିଦ୍ୟା ନାୟକ, କୋଚ ମ୍ୟାନେଜର ଭାବେ ରାଜେଶ ତିର୍କୀ, ଜି.ଯୋଗୀ ନନ୍ଦ, ମସୁଦ ଆଲମ, ଏ.ରିତୁ ରାଓ ତଥା ରେଫରୀ ଜଜ ଭାବେ ସ୍ଥାନୀୟ କୋଚ ତଥା ଅନ୍ତର୍ଜାତୀୟ ବକ୍ସିଂ ରେଫରୀ ଜଜ୍ ଶିଶିର କୁମାର ପାଣିଗ୍ରାହୀ ଏହି ଦଳ ସହ ଯାତ୍ରା କରୁଛନ୍ତି। ଆଶୀର୍ବାଦ ବେହେରା, ଅଭିଜିତ ପାଳ, ଅଶୋକ ସାହୁ, ଅଞ୍ଜନ ଦାସ, ବିଜୟ ଦାସ, ଶ୍ରୀ କେ.ପ୍ରଭାକର ରାଓ, ଏସ.ଏନ.ନାୟକ, ଶିବରାମ ପାତ୍ର, ବାବୁ ପାତ୍ର, ଲଡୁ କିଶୋର ସାହୁ, ଆର୍.ଏନ ପାଢ଼ି, ଜେ.କେ.ରାଓ, ବସନ୍ତ ପାଣଗ୍ରାହୀ, ଶରତ ମହାପାତ୍ର, ଉପେନ୍ଦ୍ର ପଟ୍ଟନାୟକ ଏଂ ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡା ତଥା ବହୁ ବକ୍ସର ଓ କ୍ରୀଡ଼ା ପ୍ରେମୀ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନିଶା ନିବାରଣ ଅଭିଯାନ

ରମ୍ଭା,୧୮।୪(ବନବାସୀ ସେଠୀ)

ରମ୍ଭା ଶ୍ରୀଜଗନ୍ନାଥ ଡିଗ୍ରୀ ମହା ବିଦ୍ୟାଳୟରେ ଆମ ପୋଲିସ ସମିତି ପକ୍ଷରୁ ନିଶା ନିବାରଣ ଅଭିଯାନ ଓ ସଚେତନତା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ.ରଞ୍ଜନ ଦାଶ, ରମ୍ଭା ଭାରପ୍ରାପ୍ତ ଥାନା ଅଧିକାରୀ କୁମାର ମୁଦୁଲି, ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଭିମନ୍ୟୁ ସାହୁ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଶା ସେବନ, ନିଶା ଦ୍ରବ୍ୟର କାରବାରଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇ ନିଜ ଉଜ୍ଜ୍ୱଳ ଭବିଷ୍ୟତ ଗଢିବାକୁ କହିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ଏହାର ଉପକାର ଅପକାର ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ପି. ବାଲିକାନା, ପ୍ରଭାତ ନାୟକ ସ୍ଥାନୀୟ ପୋଲିସ ପରିଚାଳନା କରିଥିଲେ।

# ମୃତ ଶରୀର ମିଳୁନି, ଗବେଷଣାରେ ବାଧା

**ଏମ୍‌କେସିଜି ଆନାଟୋମି ବିଭାଗକୁ ୧୨ ବର୍ଷରେ ମିଳିଛି ୩୨ ମର ଶରୀର**

ବ୍ରହ୍ମପୁର, ୧୮।୪ (ସୁବାସ ଚନ୍ଦ୍ର ପାଢ଼ୀ) ଦକ୍ଷିଣ ଓଡ଼ିଶାର ପ୍ରମୁଖ ହସପିଟାଲ କୁହାଯାଉଥିବା ଏମକେସିଜି କଲେଜ ଓ ହସପିଟାଲକୁ ମୃତ ଶରୀର ମିଳୁନି। ଏନେଇ ସଚେତନତା ଜାରି ରହିଥିଲେ ବି ଲୋକେ ଏଥିପ୍ରତି ଅମଙ୍ଗ ହେଉଥିବାରୁ ବିଦ୍ୟାର୍ଥୀଙ୍କ ଗବେଷଣାରେ ବାଧା ସୃଷ୍ଟି ହୋଇଛି। ମେଡିକାଲ ପାଠ୍ୟକ୍ରମରେ ମନୁଷ୍ୟ ଶରୀର ସଂପର୍କରେ ଜ୍ଞାନଲାଭ କରିବା ଏବଂ ଏଥିନେଇ ଗବେଷଣା ଓ ପ୍ରାକ୍ଟିକାଲର ଆବଶ୍ୟକତା ରହିଛି। ଆନାଟୋମି ବିଭାଗରେ ମଣିଷର ଶରୀର ବିଷୟରେ ପାଠ ପଢ଼ାଯାଉଛି। ୧୯୬୨ରୁ ଏହି ମେଡିକାଲ ପ୍ରତିଷ୍ଠା ପରେ ଉପରୋକ୍ତ ବିଭାଗ ମଧ୍ୟ ରହିଛି। ମୃତ୍ୟୁ ପରେ ଓ ମରଶରୀରକୁ ଏହି ବିଭାଗରେ ସଂରକ୍ଷିତ ରଖାଯାଇ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ କରାଯାଉଛି। ପୂର୍ବରୁ ମରଶରୀର ଅଭାବରୁ ବହୁ ଅସୁବିଧା ଦେଖାଯାଉଥିଲା। ଏନେଇ ସଚେତନ କରାଯିବା ପରେ ଗୋଟିଏ ଗୋଟିଏ ମରଶରୀର ମିଳିଥିଲା। ତେବେ ୨୦୧୩ ମସିହାରୁ ଶରୀର ଦାନ, ଚକ୍ଷୁଦାନ ସଂକ୍ରାନ୍ତରେ ଲୋକଙ୍କ ମାନସିକତା ବଦଳିଲା। ଶରୀର ଦାନ ସଂକ୍ରାନ୍ତରେ ସମାଜରେ ରହିଥିବା ଭ୍ରାନ୍ତ ଧାରଣା ବଦଳିଲା। ଶରୀର ଦାନ କରିବା ପାଇଁ ଲୋକେ ଆଗଭର ହେଉଥିବା ଦେଖିବାକୁ ମିଳିଥିଲା। ତେବେ ଯେତିକି ମୃତ ଶରୀର ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ୨୦୧୩ରୁ ଆଜି ପର୍ଯ୍ୟନ୍ତ ମାତ୍ର ୩୨ ମରଶରୀର ଏମକେସିଜି ହସପିଟାଲକୁ ମିଳିଛି। ନିୟମ ପ୍ରକାରେ ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଶରୀରକୁ ବିଭାଗକୁ ହସ୍ତାନ୍ତର କରିବା ଦରକାର। ବିଳମ୍ବ ହେଲେ ଶୀତତାପ ନିୟନ୍ତ୍ରିତ କକ୍ଷରେ ରଖିବାକୁ ପଡ଼ିଥାଏ,ଅନ୍ୟଥା ଶରୀର ନଷ୍ଟ ହୋଇଯିବା ସହ ଏହା ଗ୍ରହଣ ଯୋଗ୍ୟ ହୋଇନଥାଏ। ମରଶରୀର ବିଭାଗକୁ ଆସିବା ପରେ ବିଭିନ୍ନ କେମିକାଲ ଦିଆଯିବା ପରେ ତାହା ୫ରୁ ୭ ବର୍ଷ ପର୍ଯ୍ୟନ୍ତ ସତେଜ ଥାଏ। ମୃତଦେହକୁ ସଂରକ୍ଷିତ ରଖିବା ପାଇଁ ଗ୍ଲିସେରିନ, ଫର୍ମାଲିନ, ମିଥାନଲ ଓ କାର୍ବୋଲିକ ଏସିଡ ପରି ରସାୟନ ସାହାଯ୍ୟରେ ଆନାଟୋମି ବିଭାଗରେ ଥିବା ସ୍ୱତନ୍ତ୍ର ଚାମ୍ବରରେ ରଖାଯାଏ । ଉକ୍ତ ବିଭାଗରେ ଅତ୍ୟାଧୁନିକ ଯନ୍ତ୍ରପାତି ରହିଛି। ଅଭିଜ୍ଞ ମାନବ ସମ୍ବଳ ବି ରହିଛି। ଏନଏମସିର ନିୟମ ଅନୁସାରେ ପ୍ରତି ୧୦ ବିଦ୍ୟାର୍ଥୀଙ୍କ ପିଛା ଗୋଟିଏ ମରଶରୀର ପ୍ରାକ୍ଟିକାଲ ପାଇଁ ଦରକାର। କିନ୍ତୁ ବର୍ତ୍ତମାନ ୨୫୦ ପିଲାଙ୍କ ପାଇଁ ୧୮ ମୃତଦେହ ରହିଛି। ଫଳରେ ଗବେଷଣା ଓ ପ୍ରାକ୍ଟିକାଲରେ ସମସ୍ୟା ସୃଷ୍ଟି ହେଉଛି ବୋଲି ବିଭାଗ ସ୍ୱୀକାର କରିଛି। ଶରୀରଦାନ ସଂପର୍କରେ ପ୍ରଶାସନ ପକ୍ଷରୁ ସଚେତନତା କରାଯାଉଥିଲେ ବି ତାହା କାମ ଦେଉନଥିବା ପରୋକ୍ଷରେ ସ୍ପଷ୍ଟ ହୋଇଛି। ଯେଉଁ ବଦାନ୍ୟ ବ୍ୟକ୍ତି ମରଶରୀର ଦାନ କରୁଛନ୍ତି ତାଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯାଉନାହିଁ। ବାହାର ଜିଲାରୁ ଶରୀରଦାନ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କୁ ସେଭଳି ସମ୍ମାନ ମିଳୁନାହିଁ। ଯାତାୟାତ ଖର୍ଚ୍ଚ ସରକାର ବହନ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି ଆନାଟୋମି ବିଭାଗର ମୁଖ୍ୟ ପ୍ରଫେସର ଡା. ସାଗର କୁମାର ପୃଷ୍ଟି କହିଛନ୍ତି, ଅଙ୍ଗଦାନ ପରି ଶରୀରଦାନ ପାଇଁ ବ୍ୟାପକ ସଚେତନତା ଦରକାର ଓ ମରଶରୀର ପ୍ରଦାନ କରୁଥିବା ପରିବାରବର୍ଗଙ୍କୁ ସମ୍ମାନିତ କରାଗଲେ ବହୁ ଲୋକ ଏହାର ମହତ ଉଦ୍ଦେଶ୍ୟ ସଂପର୍କରେ ଜାଣିପାରିବେ ବୋଲି ସେ କହିଛନ୍ତି।

# କେନ୍ଦୁଝରରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନୂତନ ପୋଷାକ ୟୁନିଟ୍

ଭୁବନେଶ୍ୱର,୧୮।୪ (ଅଭୟ ଦାଶ)

ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ଏକ ଅତ୍ୟାଧୁନିକ ପୋଷାକ ୟୁନିଟ୍ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଯାତ୍ରା ଗ୍ରାମରେ ଆରମ୍ଭ ହେବାକୁ ଯାଉଛି। ଏପରିକି କମ୍ପାନୀର କର୍ପୋରେଟ ସୋସିଆଲ ରେସପନ୍‌ସିବିଲିଟି (ସିଏସ୍‌ଆର) କାର୍ଯ୍ୟକ୍ରମ 'ନିର୍ମାଣ' ପ୍ରକଳ୍ପ ଅଧୀନରେ ଗନ୍ଧମାର୍ଦ୍ଦନ ପୋଷାକ ପ୍ରସ୍ତୁତି କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଅପରପକ୍ଷରେ ଏହି ପୋଷାକ କେନ୍ଦ୍ର ଗନ୍ଧମାର୍ଦ୍ଦନ ପୋଷାକ କୃଷକ ଉତ୍ପାଦନ କମ୍ପାନୀ(ଏଫପିସି)କୁ ଅଧିକ ଜୀବିକା ସୁଯୋଗ ପ୍ରଦାନ କରିବ। ଯେଉଁଥିରେ ୮୦ଟି ଗ୍ରାମୀଣ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ୪୮୦ରୁ ଅଧିକ ମହିଳା ନିୟୋଜିତ ହୋଇଥିବେ। ଅପରପକ୍ଷରେ ଗ୍ରାମବାସୀ ଓ ଏଫପିସି ପକ୍ଷରୁ ଜମି ଯୋଗାଇ ଦିଆଯାଇଥିବାବେଳେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ବିଲ୍ଡିଂ କନ୍‌ଷ୍ଟ୍ରକ୍ସନ ନିର୍ମାଣ କରିବ। ଏହି ପ୍ରତିଷ୍ଠାନରେ ୭୫ଟି ସିଲେଇ ୟୁନିଟ୍ ଏବଂ ଷ୍ଟୋର, ଅଫିସ୍, ସେଲ୍ସ କାଉଣ୍ଟର, ବିଶ୍ରାମ କକ୍ଷ ଏବଂ ଶୌଚାଳୟ ଭଳି ପ୍ରମୁଖ ସୁବିଧା ସହ ବିଦ୍ୟୁତ୍ ଯୋଗାଣ ଏବଂ ଡିଜି ବ୍ୟାକ୍ ଅପ୍ ଭଳି ସୁବିଧା ମଧ୍ୟ ଉପଲବ୍ଧ। ଏପରିକି ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ପରେ ଏହି ଭିତ୍ତିଭୂମି କୃଷକ ଉତ୍ପାଦନ କମ୍ପାନୀକୁ



ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନୂତନ ପୋଷାକ ୟୁନିଟ୍‌କୁ ବିଧାୟକ ଡ. ଫକୀର ମୋହନ ନାୟକ ଆନୁଷ୍ଠାନିକଭାବେ ଫିତା କାଟି ଭିତ୍ତିପ୍ରସ୍ତର ସହ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଅଧୀନରେ ସେମାନଙ୍କ କାର୍ଯ୍ୟକଳାପକୁ ବ୍ୟାପକ କରିବାରେ ସହାୟକ ହେବ। ଏହା ସଦସ୍ୟମାନଙ୍କୁ କାର୍ଯ୍ୟକ୍ଷମ ଉଦ୍ୟୋଗ ପ୍ରତିଷ୍ଠା, ସେମାନଙ୍କ ଜ୍ଞାନକୁ ସମୃଦ୍ଧ କରିବା ଏବଂ ସେମାନଙ୍କର ବାର୍ଷିକ ଆୟ ବୃଦ୍ଧି କରିବାରେ ସହାୟକ କରିବ। ଏହି ପରିପ୍ରେକ୍ଷୀରେ ଗନ୍ଧମାର୍ଦ୍ଦନ ପୋଷାକ ପ୍ରସ୍ତୁତି କେନ୍ଦ୍ରର ସଦସ୍ୟମାନେ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ ତେଲକୋଇ ବିଧାୟକ ଫକୀର ମୋହନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ଗ୍ରୀନ୍‌ଫିଲ୍ଡ ପ୍ରୋଜେକ୍ଟସ୍ ଓ ଇଡି ଏବଂ ଏଫ୍‌ସି ବିଭାଗ ମୁଖ୍ୟ ଟିଏସ୍ ସାନଭୋଗ,ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ଟିଏସ୍‌ଏଫ୍, ପାଇପ୍ ଲାଇନ୍ ଏବଂ ସାଗାସାହି ପ୍ରକଳ୍ପ ମୁଖ୍ୟ ଶୈଳେନ୍ଦ୍ର ସାହାଙ୍କ ସମେତ କେନ୍ଦୁଝର ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍‌ଓ) ଏ.ଡ଼ି. ଧନରାଜ, ବାଂଶପାଳ ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡିଓ) ରାଜା ରଣଜିତ ପ୍ରସାଦ ବଳଙ୍କ ସମେତ ୫୦୦ରୁ ଅଧିକ ମହିଳା ଏସ୍‌ଏଚ୍‌ଜି ସଦସ୍ୟ ଏବଂ ଗ୍ରାମୀଣ ଲୋକ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଧାୟକ ନାୟକ କହିଥିଲେ, ଗ୍ରାମୀଣ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ପାଇଁ ଜୀବିକା ଉତ୍ସ ବୃଦ୍ଧି ଏବଂ ଗୋଷ୍ଠୀକୁ ସହାୟତା କରିବା ପାଇଁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ସେ ପ୍ରଶଂସା କରିଥିଲେ। ସ୍କୁଲ ୟୁନିଫର୍ମ କିଣିବାରେ ସରକାର ସହାୟତା ଯୋଗାଇଦେବେ ଏବଂ ଏହା ପୋଷାକ କେନ୍ଦ୍ରରେ କାମ କରୁଥିବା ମହିଳାମାନଙ୍କ ପାଇଁ ଅଧିକ ରୋଜଗାର ସୃଷ୍ଟି କରିବାରେ ସହାୟକ ହେବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।ଧନରାଜ କହିଛନ୍ତି, ଏହି ପୋଷାକ କେନ୍ଦ୍ର ନିର୍ମାଣରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସହଯୋଗ ଅତ୍ୟନ୍ତ ପ୍ରଶଂସନୀୟ। ଏହା ଏସ୍‌ଏଚ୍‌ଜି ସଦସ୍ୟମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଏବଂ ଜୀବିକାର ଅଧିକ ସୁଯୋଗ ପ୍ରଦାନ କରିବା ସହିତ ସେମାନଙ୍କ ଦକ୍ଷତା ବୃଦ୍ଧି, ବିବିଧ ଆୟ ଉତ୍ସ ଏବଂ ଦୀର୍ଘମିଆଦୀ ଆର୍ଥିକ ଏବଂ ସାମାଜିକ ସଶକ୍ତୀକରଣକୁ ତ୍ୱରାନ୍ୱିତ କରିବ। ଟିଏସ୍ ସାନଭୋଗ୍ କହିଛନ୍ତି, ଆମେ ଅର୍ଥପୂର୍ଣ୍ଣ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀକୁ ସଶକ୍ତ କରିବାରେ ବିଶ୍ୱାସ କରୁ, ଯାହା ଅଭିବୃଦ୍ଧି ପାଇଁ ଦୀର୍ଘସ୍ଥାୟୀ ସୁଯୋଗ ସୃଷ୍ଟି କରିବ। ଗନ୍ଧମାର୍ଦ୍ଦନ ପୋଷାକ କେନ୍ଦ୍ର ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସେମାନଙ୍କର ସାମର୍ଥ୍ୟର ଉପଯୋଗ କରିବା ଏବଂ ସଫଳ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସହାୟତା କରିବା ଦିଗରେ ଏକ ବଡ଼ ପଦକ୍ଷେପ ହେବ। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିର ପରିକଳ୍ପନାରେ ଯୋଗଦାନକରି ଆମେ ଗର୍ବିତ ଏବଂ କେନ୍ଦୁଝର ଓ ଏହା ବାହାରେ ଗୋଷ୍ଠୀମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ସହ ସେମାନଙ୍କ ସାମଗ୍ରିକ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ।

# ଇନ୍‌ଫିନିକ୍ସର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧୮।୪

ଇନ୍‌ଫିନିକ୍ସର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ନୋଟ୍ ୫୦ଏସ ୫ଜି+'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଭାରତର ସବୁଠାରୁ ପତଳା ସ୍ମାର୍ଟଫୋନ ଭାବେ ନୂଆ ଶିଳ୍ପ ମାନଦଣ୍ଡ ସ୍ଥିର କରିଥିବା ଏହି ଫୋନରେ ଏକ ୧୪୪ ଏଚ୍‌ଜେଡ୍ କର୍ଭଡ ଆମୋଲେଡ ଡିସ୍‌ପ୍ଲେ ରହିଛି। ସେହିଭଳି ଏହି ଫ୍ଲାଗ୍‌ଶିପ ଡିଭାଇସ ସ୍ମାର୍ଟଫୋନ ଡିଜାଇନ ଓ ଟେକ୍ନୋଲୋଜି କ୍ଷେତ୍ରରେ ଭବିଷ୍ୟତ ଆଡକୁ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତିର ପ୍ରତିନିଧିତ୍ୱ କରୁଛି। ଏପରିକି ମିଡିଆଟେକ୍‌ର ଡାଇମେନସିଟି ୭୩୦୦ ଅଲ୍‌ଟିମେଟ ଚିପସେଟ୍ ଓ ଏକ ୫୫୦୦ ଏମ୍‌ଏଏଚ୍ ବ୍ୟାଟେରି ଦ୍ୱାରା ପରିଚାଳିତ ଏହି ସ୍ମାର୍ଟଫୋନ ସାରା ଦିନ ସୁଗମ କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ। ଏ ସମ୍ପର୍କରେ ଇନ୍‌ଫିନିକ୍ସ ଇଣ୍ଡିଆର ସିଇଓ ଅନିଶ କପୁର କହିଛନ୍ତି, ନିକଟରେ ଲଞ୍ଚ ହୋଇଥିବା ଆମର ନୋଟ୍ ୫୦ଏକ୍ସ ୫ଜି+ ପାଇଁ ଆମେ ଏକ୍ସଓଏସ୍ ୧୫ର ଶୁଭାରମ୍ଭକରି ଉପଭୋକ୍ତାଙ୍କ ମତାମତ ଆଧାରରେ ସଫ୍ଟୱେରକୁ ଅପ୍‌ଗ୍ରେଡ୍ କରିଛୁ। ନୋଟ୍ ୫୦ଏସ୍ ୫ଜି+ ସହିତ ଆମେ ଏକ ପ୍ରିମିୟମ ସିଏମ୍‌ଏଫ୍, ଚମତ୍କାର ପ୍ରଦର୍ଶନ ଓ ସେଗ୍‌ମେଣ୍ଟର ସବୁଠାରୁ ପତଳା ୧୪୪ଏଚ୍‌ଜେଡ୍ କର୍ଭଡ ଆମୋଲେଡ ଡିସ୍‌ପ୍ଲେ ସହ ଉତ୍କୃଷ୍ଟତାର ସ୍ତରକୁ ଉନ୍ନତ କରିଛୁ।

# ୟୁବିଆଇର ନୂତନ ଶାଖା ଉଦ୍‌ଘାଟିତ



ୟୁବିଆଇର ପଦ୍ମପୁର ଶାଖାକୁ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୮।୪

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ନୂତନ ଶାଖା (ପଦ୍ମପୁର ଶାଖା) ବରଗଡ଼ ଜିଲ୍ଲାର ପଦ୍ମପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁବିଆଇର ଭୁବନେଶ୍ୱର ଅଞ୍ଚଳ ମୁଖ୍ୟ ଏଚ୍.କେ. ଦାସ, ସମ୍ବଲପୁର କ୍ଷେତ୍ରୀୟ ମୁଖ୍ୟ ଧର୍ମେନ୍ଦ୍ର ରାଜୋରିଆଙ୍କ ସମେତ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ସହରର ବରିଷ୍ଠ ନାଗରିକ, ବ୍ୟବସାୟିକ ସହଯୋଗୀ ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ସେହିଭଳି ଉତ୍କର୍ଷ ଭିତ୍ତିଭୂମି ଏବଂ ଅତ୍ୟାଧୁନିକ ବ୍ୟାଙ୍କିଙ୍ଗ୍ ସୁବିଧା ଥିବା ଏହି ଶାଖା ବରଗଡ ଜିଲାର ୨୧ତମ ଶାଖା ହୋଇଥିଲାବେଳେ ପଦ୍ମପୁର ତଥା ଏହାର ଆଖପାଖ ଅଞ୍ଚଳର ବ୍ୟାଙ୍କିଙ୍ଗ୍ ଆବଶ୍ୟକତା ଏହି ଶାଖା ପୂରଣ କରିବା ସହ ରିଟେଲ, କୃଷି, ଏମ୍‌ଏସ୍‌ଏମ୍‌ଇ ଗ୍ରାହକମାନଙ୍କୁ ବିଶେଷ ଅଗ୍ରାଧିକାର ଦେବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ବରିଷ୍ଠ ନାଗରିକ ଏବଂ ଜମାକାରୀଙ୍କ ଆବଶ୍ୟକତା ପୂରଣ କରିବା ସହ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ସରକାରୀ ଯୋଜନାର କାର୍ଯ୍ୟକାରିତାକୁ ଏହି ଶାଖା ପ୍ରାଥମିକତା ଦେବ ବୋଲି ମନ୍ତ୍ରୀ ମହାଲିଙ୍ଗ ମତ ପ୍ରକାଶ କରିଥିଲେ। ରାଜ୍ୟରେ ୨ୟ ବୃହତ୍ତମ ବ୍ୟାଙ୍କିଙ୍ଗ୍ ନେଟ୍‌ୱର୍କ ଥିବା ଏହି ବ୍ୟାଙ୍କ ରାଜ୍ୟର ଜନସାଧାରଣଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଆସିଥିବାରୁ ମହାଲିଙ୍ଗ ବ୍ୟାଙ୍କର ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ।

# ପୁଞ୍ଜିନିବେଶକୁ ବୋର୍ଡର ମଞ୍ଜୁରୀ

ନୂଆଦିଲ୍ଲୀ,୧୮।୪

ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ବୋର୍ଡ ଅଫ୍ ଡାଇରେକ୍ଟର୍ସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୱାର୍ବର୍ଗ ପିଙ୍କସ୍ ଏଲ୍‌ଏଲ୍‌ସିର ଅନୁବନ୍ଧିତ କମ୍ପାନୀ କୁରାଣ୍ଟ ସି ଇନ୍‌ଭେଷ୍ଟମେଣ୍ଟ ବି ଭିକୁ ପ୍ରାୟ ୪,୮୭୬ କୋଟି ଟଙ୍କା ମୂଲ୍ୟର ଇକ୍ୱିଟି କ୍ୟାପିଟାଲ (ସିସିପିଏସ୍) ଏବଂ ଆବୁଧାବି ନିବେଶ କର୍ତ୍ତୃପକ୍ଷ (ଏଡିଆଇଏ)ର ଏକ ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ ସଂସ୍ଥା ପ୍ଲାଟିନମ୍ ଇନ୍‌ଭିକ୍ଟସ୍ ବି ୨୦୨୫ ଆର୍‌ଏସ୍‌ସି ଲିମିଟେଡ୍‌କୁ ପ୍ରାୟ ୨,୬୨୪ କୋଟି ଟଙ୍କାର ଅଗ୍ରାଧିକାର ପ୍ରଦାନକୁ ବ୍ୟାଙ୍କର ବୋର୍ଡ ପକ୍ଷରୁ ଅନୁମୋଦନ କରାଯାଇଛି। ସେହିଭଳି ପ୍ରସ୍ତାବିତ ପ୍ରସଙ୍ଗଗୁଡ଼ିକ ଅଂଶୀଦାର ଏବଂ ନିୟାମକ ଅନୁମୋଦନ ଉପରେ ନିର୍ଭର କରୁଛି। ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଭି. ବୈଦ୍ୟନାଥନ କହିଛନ୍ତି, ୱାର୍ବର୍ଗ ପିଙ୍କସ୍‌କୁ ପୁଣି ପାଇବା ଏବଂ ଆମର ଅଂଶୀଦାର ଭାବେ ଏଡିଆଇଏର ଏକ ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ ସଂସ୍ଥାକୁ ସ୍ୱାଗତକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଉଭୟଙ୍କୁ ଧନ୍ୟବାଦ ଜଣାଉଛୁ ଓ ସେମାନେ ଆମ ଉପରେ ଏବଂ ଆମର ଭବିଷ୍ୟତ ଅଭିବୃଦ୍ଧି ଯୋଜନା ଉପରେ ବିଶ୍ୱାସ ରଖିଛନ୍ତି ଏବଂ ଅସ୍ଥିର ବୈଶ୍ୱିକ ପରିସ୍ଥିତିରେ ମଧ୍ୟ ଆମ ଉପରେ ପୁଞ୍ଜିନିବେଶ କରିଛନ୍ତି। ଏସିଆ ପ୍ରାଇଭେଟ୍ ଇକ୍ୱିଟିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ତଥା ୱାର୍ବର୍ଗ ପିଙ୍କସ୍‌ର ଫାଇନାନ୍ସିଆଲ ସର୍ଭିସେସ୍‌ର ଗ୍ଲୋବାଲ କୋ-ହେଡ୍ ବିଶାଲ ମହାଦେଵିଆ କହିଛନ୍ତି,ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟ ଏବଂ ସ୍ଥାୟୀ ଆର୍‌ଓଇ ଉନ୍ନତୀକରଣକୁ ସମର୍ଥନ କରିବା ପାଇଁ ଆମେ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଟିମ୍ ପଛରେ ପୁନଃ ନିବେଶ କରିବାକୁ ନେଇ ଉତ୍ସାହିତ।

ଏଡିଆଇଏର ଘରୋଇ ଇକ୍ୱିଟି ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହମାଦ ଶାୱାନ ଅଲଧାହେରୀ କହିଛନ୍ତି, ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଏକ ଅଭିଜ୍ଞ ପରିଚାଳନା ଦଳ ସମର୍ଥିତ ଭାରତର ଅଗ୍ରଣୀ ଘରୋଇ କ୍ଷେତ୍ରର ବ୍ୟାଙ୍କ ଭାବରେ ନିଜକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଛି।

## OFFICE OF THE SR.GENERAL MANAGER (ELECTRICAL)
## UPPER INDRAVATI HYDRO ELECTRIC PROJECT, MUKHIGUDA

OHPC
ISO 9001-14001 18001 Certified

DIST: KALAHANDI- 766026, E-mail:sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**'e'- Procurement Notice**

**NOTICE INVITING TENDER No.UIHEP/03/2025-26, DATED 16.04.2025**

**No.CAD-160:** The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in Online mode from eligible contractors for the work as detailed in the table below.

| Sl. No. | Name of Work | Approx. Estimated Cost (in Rs.) | EMD (in Rs.) (Online) | Class of Contractor | Cost of Bid Document (in Rs.) (Online) | Period of Contract |
|---|---|---|---|---|---|---|
| 1 | Renovation of 'D' type quarters (14 Nos.) at Sector-I of Power House Colony, UIHEP, Mukhiguda | 67,23,769/- (Excluding GST) | 67,240/- | 'B' Class Contractor registered with State Govt./Central Govt./ MES/ Railways | 10,000/-+ GST @18% = 11,800/- | One (01) Calendar Year |

Availability of tender document in the portal: From 21.04.2025 (10.00 Hrs) to 05.05.2025 (upto 13.00 Hrs.). Last date & time of submission of tenders in the portal: 05.05.2025 upto 13.00 Hrs. The date & time of opening of the bid: 05.05.2025 at 16.30 Hrs. (Only Technical Bid). The Bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement portal "https://tendersodisha.gov.in".

OIPR-32136/11/0043/2526 **Sd./- Unit Head, UIHEP, Mukhiguda**

## GOVERNMENT OF ODISHA
No.C-127
## OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA

e-mail:eephd.rgda.od@nic.in, eephdrgda@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO.EEPHDRAYAGADA-01/2025-26 DT. 10.04.2025

| Sl. No. | Name of the Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1 | Improvement of Water Supply to Gudari NAC. | EEPHDRAYAGADA -01/2025-26 Dtd.10.04.2025 | 476.20 | 'A' Class | 15 (Fifteen Months) | 25.04.2025 (11.00 Hr.) | 19.05.2025 (17.00 Hr) |

Name & Address of Officer Inviting Bid: **Superintending Engineer, P.H. Division, Rayagada, Email: eephd.rgda.od@nic.in, eephdrgda@gmail.com**

- Further details can be seen from the e-Procurement portal "https://www.tendersorissa.gov.in".
- **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

**Sd./- SUPERINTENDING ENGINEER, P.H. DIVISION, RAYAGADA**
OIPR-13052/11/0015/2526

## ZILLA SWASTHYA SAMITI, MAYURBHANJ
## OFFICE OF THE
## CDM&PHO-cum-District Mission Director
## NHM, Mayurbhanj, Odisha, 757001

**No.1332/NHM/2025** **Dt:17.4.25**

**NOTICE**

No.E-28: The Tender advertisement on outsourcing of Housekeeping Services at Govt. Health Institutions of Mayurbhanj district vide advertisement No.2842 published on Dt.29.08.2024 in Daily Odia Newspaper in "The Dharitri" & "The Sakala" is hereby stand cancelled.

**Sd./- CDM & PHO cum District Mission Director, Mayurbhanj**
OIPR-10020/11/0025/2526

## ନିଯୁକ୍ତି ମେଳା, ଢେଙ୍କାନାଳ

ODISHA SKILL DEVELOPMENT AUTHORITY

No. KK-12: ଓଡ଼ିଶା ଦକ୍ଷତା ବୃଦ୍ଧି ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ସହଯୋଗରେ ଆସନ୍ତା ତା ୧୯।୦୪।୨୦୨୫ରିଖ ଶନିବାର ଦିନ ସାରଙ୍ଗଧର ଷ୍ଟାଡିୟମ, କାମାକ୍ଷାନଗର, ଢେଙ୍କାନାଳଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଉଅଛି। ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ଆଶାୟୀ ଯୁବକ ଓ ଯୁବତୀମାନେ ଅଂଶଗ୍ରହଣ କରିପାରିବେ। ଉକ୍ତ ମେଳାରେ ଅଂଶଗ୍ରହଣ କରିବା ପାଇଁ ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ ପାସ୍‌ଠାରୁ ୧୦ମ, +୨, +୩, ଆଇ.ଟି.ଆଇ. (ITI), ଡିପ୍ଲୋମା (Diploma), ଏ.ଏନ୍.ଏମ୍ (ANM), ଜି.ଏନ୍.ଏମ୍. (GNM), ବି.ଟେକ୍ (B.Tech) ପାସ୍ ଓ ବୟସ ସୀମା ୧୫ରୁ ଊର୍ଦ୍ଧ୍ୱ ହୋଇଥିବା ଦରକାର। ଏଣୁ ଇଚ୍ଛୁକ ଯୁବକ ଓ ଯୁବତୀମାନେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାର କାର୍ଡ ସହିତ ଉକ୍ତ ମେଳାରେ ସକାଳ ୮.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ନିଜ ନାମ ପଞ୍ଜିକୃତ କରାଇ ବେସରକାରୀସ୍ତରରେ ଥିବା ନିଯୁକ୍ତିର ସୁଯୋଗ ନେବାକୁ ଅନୁରୋଧ। ଉକ୍ତ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ନିଯୁକ୍ତିଦାତା ସଂସ୍ଥା, ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଓ ଶିଳ୍ପ ତାଲିମ ଶିକ୍ଷା ଅନୁଷ୍ଠାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ସୁତରାଂ, ଜିଲ୍ଲା ପ୍ରଶାସନ, ଢେଙ୍କାନାଳ ତରଫରୁ ସମସ୍ତ ନିଯୁକ୍ତି ଆଶାୟୀ ଯୁବକ ଓ ଯୁବତୀମାନଙ୍କୁ ଜଣାଇ ଦିଆଯାଉଛି କି ଉକ୍ତ ମେଳାରେ ଯୋଗଦେଇ ଏହାର ସୁଯୋଗ ହାସଲ କରନ୍ତୁ।

**ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ, ଢେଙ୍କାନାଳ**
**ଫୋନ୍ ନଂ.: ୯୩୪୮୪୬୨୬୬୯, ୦୬୭୬୨-୨୯୧୦୬୦**

OIPR-44024/11/0001/2526 **ଜିଲ୍ଲାପାଳ, ଢେଙ୍କାନାଳ**

## SAMBALPUR MUNICIPAL CORPORATION

Notice No. 3988/ SMC Date 16.04.2025

**TENDER CALL NOTICE**

**No. C-118:** Comissioner, SMC, Sambalpur invites sealed tender from intending reputed and experienced manpower Service Provider Agencies to provide services of different categories of manpower for a period of one year w.e.f. 01.05.2025, the details of the bidding process are as follows:

| Sl.No. | Bidding Schedule | Deadline |
|---|---|---|
| 1 | Date of Issue | 16.04.2025 |
| 2 | Bid due Date & Time | 25.04.2025, 1.00 PM |
| 3 | Opening of Technical Bid | 28.04.2025, 10.00 AM |
| 4 | Opening of Financial Bid | To be intimated later |

The bid documents containing eligibility criteria, scope of work, terms and conditions of the tender can be downloaded from the website www.smcsambalpur.nic.in. The authority reserves every right to reject any or all the Tender without assigning any reason thereof.

**Sd./- Municipal Commissioner**
OIPR-13122/11/0121/2526 **Sambalpur Municipal Corporation**

## BHUBANESWAR DEVELOPMENT AUTHORITY, BHUBANESWAR

AKASH SHOVA BUILDING, SACHIVALAYA MARG, BHUBANESWAR - 751001
Visit us at: http://www.bda.gov.in

**RFP No. 406** **Date: 16.4.2025**

No. CAD-154: Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites Request for Proposal (RFP) in **ONLINE MODE** only for the work: **"SELECTON OF AN AGENCY FOR SUPPLY OF EXCAVATORS & MACHINERIES WITH OPERATOR ON DAILY RENT BASIS FOR BDA"**. The RFP documents will be available in the website: **https://tendersodisha.gov.in** from **Dtd.19.4.2025 to 28.4.2025 upto 5.00 P.M.** The last date of receipt of proposals in online mode is upto **5.00 P.M. on Dtd.29.4.2025** and the RFP will be opened at **11.30 A.M. on Dtd.30.4.2025** in the office chamber of the Executive Engineer, Division No. - IV, BDA, Bhubaneswar in the presence of the bidders or their authorized representatives. Please refer to the RFP documents available in the website **https://tendersodisha.gov.in** for further details. Any addendum/corrigendum/cancellation of RFP can be seen in this website only.

**Sd./- Executive Engineer Division No. IV, BDA**
OIPR-13033/11/0275/2526

## ODISHA PUBLIC SERVICE COMMISSION
**19, DR. P. K. PARIJA ROAD, CUTTACK-753001**

**NOTICE**

**No. 2474/P.S.C., Dt. 17.04.2025**
**(DR-IV)(2PH-07-2024-25)**

**1st Corrigendum to Advt. No. 09 of 2024-25 for Recruitment to the Posts of Medical Officer in Group - A of OM&HS Cadre**

**No.-D-20** : This is for information of all concerned that the **last date for submission of online Application** forms for the Post of Medical Officer, pursuant to Advertisement No. 09 of 2024-25 is hereby extended from 24.04.2025 **to 15.05.2025 till 05.00 P.M.**

2. Hence, the link for online Application and submission shall be available up to 15.05.2025, 05.00 P.M. **[Note - 15.05.2025, 05.00 P.M. is the deadline for submission of Registered Online Application]**

3. The candidates who are eligible in all respect by 15.05.2025 may apply.

4. The words **"last date of application/ submission of online Applications"** mentioned at different places in the Advertisement No. 09 of 2024-25 will be treated as 15.05.2025 for all purposes.

5. The **tentative date of Written Examination** for the Post of Medical Officer, pursuant to Advt. No. 09 of 2024-25 scheduled on 11.05.2025 (Sunday) is hereby re-scheduled to **08.06.2025 (Sunday)**.

6. Besides this, all other terms and conditions of the Advertisement of the said recruitment shall remain unchanged.

**OIPR-12002/11/0189/2526** **Sd./- Secretary**

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 2468/P.S.C., Dt. 17.04.2025**
**(1R-35-2024/25)(DR-V)**

**No.D-18** : It is for information of all concerned that, document verification of candidates having **PPSAN** mentioned below for the Post of **Associate Professor in Metallurgical & Material Engineering,** pursuant to Advertisement No.32 of 2023-24 shall be held on **02.05.2025** & **03.05.2025** at 10:30 A.M as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 02.05.2025 | 10.30 A.M. | P220040368, P240294443, P240301665 & P240301667 = **04 Candidates** |
| | 02.30 P.M. | P240302028, P240305641, P240306039 & P240309436 = **04 Candidates** |
| 03.05.2025 | 10.30 A.M. | P240311811, P240312208 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification :-

1. The hard copies of **online application forms** indicating their **PPSAN at the top right-hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University /Institution.
9. Research Papers.
10. Research Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post-Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Copies of all the Documents in support of Research Score as provided in Annexure-A (Table-2) of Advt. No.32 of 2023-24.
17. Any other documents as mentioned in para-09 of Advt. No.32 of 2023-24

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**OIPR-12002/11/0190/2526** **Sd./- Secretary**

See Career Appointment on every Wednesday & Saturday

No.D-

## ODISHA PUBLIC SERVICE COMMISSION

**NOTICE**

**No. 2503/P.S.C., Dt. 17.04.2025**
**(1E-36-2023/24)(DR-II)**

**Clarification to 5th Corrigendum vide Notice No.2361/ PSC dt.11.04.2025 for recruitment to the Posts of Assistant Executive Engineer (Civil & Mechanical), pursuant to Advertisement No.19 of 2023-24 under the Department of Water Resources, Govt. of Odisha.**

The 5th Corrigendum to Advertisement No. 19 of 2023-24 for recruitment to the Posts of Assistant Executive Engineer (Civil & Mechanical), under the Department of Water Resources, Government of Odisha was issued vide Notice No. 2361/PSC, dated 11.04.2025. In this connection, certain queries have been received at the Commission's office which require clarification.

2. **Vacancy Position** : The additional posts/revised vacancy as published in the 4th Corrigendum vide Notice No. 961/PSC dt.17.02.2024 has been withdrawn vide Notice No.2666/PSC dated 09.05.2024. So the recruitment will be conducted as per the vacancies indicated in Para-2 (A) & (B) of the Advertisement No.19 of 2023-24 dated 28.12.2023, i.e. 580 (194-w) Posts for AEE (Civil) and 41(13-w) for AEE (Mechanical).

3. **Educational Qualification** : At Para-7 of 5th Corrigendum dt.11.04.2025, **"they must posses B.Tech/BE Degree in Civil/ Mechanical Engineering by 26.02.2024" to be read as "they must possess Degree in Civil Engineering for AEE(Civil) and Degree in Mechanical Engineering for AEE(Mechanical) from any University or Institution recognized by Government or must be an Associate Member of the Institution of Engineers (India) in Civil or Mechanical as the case may be by 26.02.2024".**

**OIPR-12002/11/0192/2526** **Sd./- Secretary**

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 2462/P.S.C., Dt. 17.04.2025**
**(1R-38-2024/25)(DR-V)**

**No.D-19** : It is for information of all concerned that, document verification of candidates having **PPSAN** mentioned below for the Post of **Associate Professor in Production Engineering,** pursuant to Advertisement No.32 of 2023-24 shall be held on **28.04.2025** & **29.04.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 28.04.2025 | 10.30 A.M. | P220034366, P220085403, P230165418 & P230187231 = **04 Candidates** |
| | 02.30 P.M. | P240301403, P240301703, P240301798 & P240302034 = **04 Candidates** |
| 29.04.2025 | 10.30 A.M. | P240302121, P240304475, P240305063 & P240306756 = **04 Candidates** |
| | 02.30 P.M. | P240308616, P240310039 & P240310444 = **03 Candidates** |

The candidates are required to submit the following documents (both original & one set of photo-copies) at the time of verification :-

1. The hard copies of **online application forms** indicating their **PPSAN at the top right-hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University /Institution.
9. Research Papers.
10. Research Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post-Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Copies of all the Documents in support of Research Score as provided in Annexure-A (Table-2) of Advt. No.32 of 2023-24.
17. Any other documents as mentioned in para-09 of Advt. No.32 of 2023-24

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**OIPR-12002/11/0191/2526** **Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନାବାଳକ ହତ୍ୟାରୁ ଦିଲ୍ଲୀରେ ଉତ୍ତେଜନା



କୁନାଲ

**ନୂଆଦିଲ୍ଲୀ,୧୮।୪**

ଦିଲ୍ଲୀର ସିଲମ୍‌ପୁରରେ ଗୁରୁବାର ରାତିରେ ଜଣେ ଦଳିତ ନାବାଳକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ୧୭ ବର୍ଷୀୟ କୁନାଲଙ୍କୁ ଏକ ଭିନ୍ନ ସମ୍ପ୍ରଦାୟର ଲୋକେ ମାରି ଦେଇଥିବା ଦର୍ଶାଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ହତ୍ୟାକାଣ୍ଡକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଦିଲ୍ଲୀ ପୋଲିସ ଏନେଇ ମାମଲା ରୁଜୁ କରିବା ସହ ସିସିଟିଭି କ୍ୟାମେରାରୁ ଫୁଟେଜ୍ ସଂଗ୍ରହ କରି ଆକ୍ରମଣକାରୀଙ୍କୁ ଚିହ୍ନଟ ଉଦ୍ୟମ ଚଳାଇଛି।

ମୃତକ କୁନାଲ ସିଲମ୍‌ପୁର ଅଞ୍ଚଳରେ ମା'ବାପା, ୩ ଭାଇ ଓ ଜଣେ ଭଉଣୀଙ୍କ ସହ ରୁହନ୍ତି। ସେ ଗାନ୍ଧୀନଗର ଅଞ୍ଚଳର ଏକ ଗାର୍ମେଣ୍ଟ ଶପ୍‌ରେ କାର୍ଯ୍ୟ କରୁଥିଲେ। କୁନାଲଙ୍କ ବାପା ଜଣେ ଅଟୋ ଡ୍ରାଇଭର। ଗୁରୁବାର ରାତି ୭ଟା ୩୦ରେ କୁନାଲ କ୍ଷୀର ଆଣିବା ପାଇଁ ଯାଇଥିବାବେଳେ ୪-୫ ଜଣ ତାଙ୍କୁ ଛୁରି ଭୁସିଦେଇଥିଲେ। ତାଙ୍କ ମୃତ୍ୟୁ ପରେ ସ୍ଥାନୀୟ ଲୋକେ ନ୍ୟାୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉତ୍ତର ପ୍ରଦେଶର ଯୋଗୀ ଆଦିତ୍ୟନାଥ ମଡେଲ ଆପଣାଇ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିକ୍ଷୋଭକାରୀ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପୋଲିସ କମିଶନରଙ୍କ ସହ ଆଲୋଚନା ପରେ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନର ଆଶ୍ୱାସନା ଦେଇଛନ୍ତି। ବିରୋଧୀ ଦଳ ନେତା ତଥା ଆପ୍ ନେତ୍ରୀ ଆତିଶୀ ମାର୍ଲେନା ଭାଜପା ନେତୃତ୍ୱାଧୀନ ସରକାର ଏବଂ ଦିଲ୍ଲୀ ପୋଲିସକୁ ସମାଲୋଚନା କରିଛନ୍ତି। ଜଣେ ୧୭ ବର୍ଷୀୟଙ୍କ ହତ୍ୟା ଦିଲ୍ଲୀର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଉଛି ବୋଲି ଆତିଶୀ କହିବା ସହ ଡବଲ୍ ଇଞ୍ଜିନ ସରକାର କ'ଣ କରୁଛି ବୋଲି ପ୍ରଶ୍ନ କରିଛନ୍ତି।

## ପୋଲିସ ପଞ୍ଝାରେ ସିଲମ୍‌ପୁର ଲେଡି ଡନ୍

ସିଲମ୍‌ପୁରରେ ନାବାଳକ କୁନାଲଙ୍କୁ ହତ୍ୟା କରାଯିବା ପରେ ଲେଡି ଡନ୍ ଜିକ୍ରା ଚର୍ଚ୍ଚାକୁ ଆସିଛନ୍ତି। ଏହି ଘଟଣାରେ ଜିକ୍ରା ଓ ତାଙ୍କ ଭାଇଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଜିକ୍ରାଙ୍କ ଅନ୍ୟ ଜଣେ ଭାଇଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। ଏହାପରେ ସେ ଭାଇଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଏକ ଗ୍ୟାଙ୍ଗ ଗଢ଼ିଥିଲେ। ନିକଟରେ ସେ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ଜେଲ ଯାଇଥିଲେ। ହତ୍ୟାର ୧୫ ଦିନ ପୂର୍ବରୁ ସେ ଜାମିନରେ ଆସିଥିଲେ। ଜିକ୍ରା ସବୁବେଳେ ସାଙ୍ଗରେ ବନ୍ଧୁକ ଧରି ବୁଲିଥାଆନ୍ତି। ଜେଲରୁ ମୁକୁଳିବା ପରେ ସେ ଲାଲା ନାମକ ଜଣେ ବ୍ୟକ୍ତିଙ୍କୁ ଖୋଜୁଥିଲେ, ଯିଏକି ତାଙ୍କ ଭାଇଙ୍କୁ ଆକ୍ରମଣ କରିଥିଲେ। ଏପରି କି ସେ ଲାଲାଙ୍କୁ କେଉଁଠି ପାଇବେ ବୋଲି କୁନାଲଙ୍କୁ ପଚାରିଥିଲେ। କୁନାଲ ତାଙ୍କୁ ସାହାଯ୍ୟ ନ କରିବାରୁ ଲେଡି ଡନ୍ ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିବା କୁହାଯାଉଛି। ଇତିମଧ୍ୟରେ ଶୁକ୍ରବାର ଦିଲ୍ଲୀ ପୋଲିସ ଜିକ୍ରାଙ୍କୁ ନିଜ ହାଜତକୁ ନେଇଥିବାବେଳେ ତାଙ୍କ ଭାଇ ସାହିଲଙ୍କୁ ଖୋଜୁଛି।



ଲେଡି ଡନ୍ ଜିକ୍ରା

# ନାବାଳିକାଙ୍କୁ ବଳାତ୍କାର: ଯୁବକ ଗିରଫ

**ଓଡ଼ଗାଁ, ୧୮।୪ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଏନ୍‌ଏସିର ହେମାମାଳୀସାହିର ଦୀପକ ମହାରଣା ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଗତ ୧୬ ତାରିଖରେ ଅଭିଯୋଗ ହୋଇଥିଲା। ପୋଲିସ ଦୀପକଙ୍କୁ ଗିରଫ କରି ପଚରାଉଚରା କରୁଥିଲା। ସେ ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ସ୍ୱୀକାର କରିଥିବା ପୋଲିସ କହିଛନ୍ତି। ଶନିବାର ଦୀପକଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ୯ ମାସ ପୂର୍ବେ ଦୀପକ ଆଦର୍ଶ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସାଙ୍ଗରେ ବାଙ୍ଗାଲୋର ନେଇ ଯାଇଥିଲେ। କିଛିଦିନ ପୂର୍ବେ ଦୀପକ ନାବାଳିକାଙ୍କ ସାଙ୍ଗରେ ଆଣି ନୟାଗଡ଼ରେ ଛାଡ଼ି ଚାଲି ଯାଇଥିଲେ। ସେଠାରୁ ନାବାଳିକା ଘରକୁ ଆସି ତାଙ୍କ ସହିତ ଘଟିଥିବା ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। ବିବାହର ପ୍ରତିଶ୍ରୁତି ଦେଇ ଦୀପକ ତାଙ୍କ ସହ ଏକାଧିକଥର ଶାରୀରିକ ସମ୍ପର୍କ ରଖିଥିବା ନେଇ ପୀଡ଼ିତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ନଂ. ୧୦୨/୨୫ରେ ମାମଲା ରୁଜୁ କରି ଦୀପକଙ୍କୁ ଅଟକ ରଖି ପଚାରୁଚୁରା କରୁଥିଲା।

# ଗିରଫ ଭୟରେ ଲୁଚିଛନ୍ତି ଦଳୀୟ ସମର୍ଥକ

**ତିହିଡ଼ି,୧୮।୪(ସଞ୍ଜିତ ବଳ)**

### ତଳକାଁପଡ଼ା ବୋମାମାଡ଼ ଘଟଣା: ୩୦ ଜଣଙ୍କ ନାଁରେ ମାମଲା

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ତଳକାଁପଡ଼ା ଗାଁରେ ବୋମାମାଡ଼ ଘଟଣା ପରେ ଗିରଫ ଭୟରେ ଉଭୟ ବିଜେଡି ଓ ଭାଜପା ଦଳର ସମର୍ଥକମାନେ ଲୁଚି ରହିଛନ୍ତି। ଏହି ଘଟଣାରେ ତିହିଡ଼ି ଥାନାରେ ୩୦ଜଣଙ୍କ ନାଁରେ ୩ଟି ମାମଲା ରୁଜୁ ହୋଇଛି। ଯେକୌଣସି ମୁହୂର୍ତ୍ତରେ ପୋଲିସ ଉଠାଇ ନେବାର ଭୟ ଘାରିଥିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି।

କାଁପଡ଼ା ପଞ୍ଚାୟତ ଅଧୀନ ତଳକାଁପଡ଼ା ଗାଁରେ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଥିଲା। ଏହି ଶତ୍ରୁତା ବୁଧବାର ରାତିରେ ଉଗ୍ରରୂପ ଧାରଣ କରିଥିଲା। ଉଭୟ ଦଳର ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ ଓ ପ୍ରତି ଆକ୍ରମଣ ଚାଲିଥିବା ବେଳେ ହଠାତ୍ ବୋମାମାଡ଼ ହୋଇଥିଲା। ଏଥିରେ ଉଭୟ ପକ୍ଷରୁ ୧୪ଜଣ ଆହତ ହୋଇଥିଲେ। ବିଜେଡିର ୮ ସମର୍ଥକ ଗୁରୁତର ହୋଇଥିବା ଜଣାପଡ଼ିଥିଲା। ଏହି ଘଟଣାକୁ ନେଇ ଗୁରୁବାର ରାତିରେ ବିଜେଡି ପକ୍ଷରୁ ମୁକ୍ତିକାନ୍ତ ଦାସ ଦେଇଥିବା ଏତଲାକ୍ରମେ ଥାନାରେ ଏକ ମାମଲା (ନଂ.୧୪୬/୨୫) ଏବଂ ଭାଜପା ପକ୍ଷରୁ ରେବତୀ ଦାସଙ୍କ ଏତଲାକ୍ରମେ ଏକ ମାମଲା(ନଂ.୧୪୭/୨୫) ରୁଜୁ ହୋଇଛି। ଅପରପକ୍ଷେ ଏଏସ୍ଆଇ ଚିତ୍ତରଞ୍ଜନ ବାରିକଙ୍କ ଅଭିଯୋଗକ୍ରମେ ମଧ୍ୟ ଏକ ମାମଲା (ନଂ.୧୪୫/୨୫) ରୁଜୁ ହୋଇଛି। ବୋମାମାଡ଼ର ପ୍ରକୃତ ଅପରାଧୀ କିଏ, ତାହା ଜାଣିବାକୁ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଗିରଫ କରିବା ସମ୍ଭବ ହୋଇପାରି ନାହିଁ ବୋଲି ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ କହିଛନ୍ତି।

# ମାଓବାଦୀ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସାମଗ୍ରୀ ଜବତ

**ମାଲକାନଗିରି, ୧୮।୪ (ନୃସିଂହ ଚରଣ ମହାନ୍ତି)**


ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଶୁକ୍ରବାର କସୋଡ଼ କୁମୁରାଡି ଜଙ୍ଗଲ ନିକଟରେ ଗୁଳି ବିନିମୟ ଘଟିଛି। ପରେ ଘଟଣାସ୍ଥଳରୁ ପୋଲିସ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛି।

ତଥ୍ୟ ଅନୁଯାୟୀ, ଆବୁଝମାଡ଼ ଜଙ୍ଗଲ ନିକଟରେ ନାରାୟଣପୁର ପୋଲିସ, ଆଇଟିବିପି ମିଳିତ ଭାବେ ସର୍ଚ୍ଚ ଅପରେଶନ କରିଥିଲେ। ଜିଲାର କୋହକାମେଟା ଥାନା ଅନ୍ତର୍ଗତ କସୋଡ଼ କୁମୁରାଡି ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ। ପରସ୍ପର ମଧ୍ୟରେ ଗୁଳି ବିନିମୟ ଘଟିବା ପରେ ମାଓବାଦୀମାନେ ସୁରକ୍ଷା କର୍ମୀଙ୍କ ଆକ୍ରମଣକୁ ସାମନା କରି ନ ପାରି ଛତ୍ରଭଙ୍ଗ ଦେଇଥିଲେ। ତେବେ ଘଟଣାସ୍ଥଳରୁ ସୁରକ୍ଷା କର୍ମୀମାନେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ସହ ନଗଦ ୬ ଲକ୍ଷ ଟଙ୍କା ଜବତ କରିଛନ୍ତି। ଏଥିସହ ୧୧ଟି ଲାପ୍‌ଟପ, ୫୦କେଜି ବାରୁଦ, ୩୦ କେଜି ସୋରା, ୨୦ ଲିଟର ପେଟ୍ରୋଲ, ୨୦ ଲିଟର ଡିଜେଲ, ଦୁଇଟି କୁକର୍ ବୋମା, ୧୩୦ଟି ଏସ.ଏଲ.ଆର୍., ୧୨ ବୋରର ୨୫ଟି ଓ ୩୦୩ ରାଇଫଲର ୧୮ଟି ଅଫୁଟା ଗୁଳି, କଡେକ୍ସ ତାର, ବିଦ୍ୟୁତ୍ ତାର, ମାଓବାଦୀ ପୋଷାକ, ଔଷଧ, ଟିଫିନ, ଜୋତା, ମାଓବାଦୀ ପୁସ୍ତିକା, ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରିଛନ୍ତି

# ୧୧ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୮।୪ (ନୃସିଂହ ଚରଣ ମହାନ୍ତି)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲା ପୋଲିସ ନିକଟରେ ଶୁକ୍ରବାର ୧୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ସମୟରେ ଜିଲା ପୋଲିସ ମହାନିରୀକ୍ଷକ, ସିଆରପିଏଫ୍ ୨୨୬ ବାଟାଲିୟନ କମାଣ୍ଡାଣ୍ଟ ଉପସ୍ଥିତ ଥିଲେ। ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ଓ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିବା ନିଷ୍ପତ୍ତି ନେଇ ସେମାନେ ଏହି ପଦକ୍ଷେପ ନେଇଥିବା କହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୮ ଲକ୍ଷ ପୁରସ୍କାରପ୍ରାପ୍ତ ମୁଚାକୀ ଜଗା, ମୁଚାକୀ ଜୋଗୀ, ୫ ଲକ୍ଷ ପୁରସ୍କାରପ୍ରାପ୍ତ କିକିଡ ଦେବେ, ମନୋଜ ଓରଫ ଦୁଧୀ ବୁଦରା, ୨ ଲକ୍ଷ ପୁରସ୍କାରପ୍ରାପ୍ତ ମାଡବୀ ଭିମା, ମାଡବୀ ସୋମଡି, ସଙ୍ଗୀତା ଓରଫ ହଡମେ, ମାଡବି କୋସୀ, ବଞ୍ଜାମ ସନି,



ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ମାଡବି ମଙ୍ଗଲି, ତାତା ବଣ୍ଡି ଥିବାବେଳେ ଅନ୍ୟମାନେ ସଂଗଠନର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ଏବେ ଛତିଶଗଡ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ, ଦିନକୁ ଦିନ ମାଓବାଦୀ ଗଡ଼ ଧ୍ୱଂସ ହେବା, ମାଓବାଦୀ ସଂଗଠନରେ ପୂର୍ବ ଆଦର୍ଶ ନ ଥିବାରୁ ସେମାନେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବେଳେ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ମହିଳାଙ୍କୁ ହତ୍ୟା

### କାଜୁ ତୋଟାରୁ ଖପୁରି, ହାଡ଼, ଲୁଗା, ଚୁଡ଼ି ଜବତ

**ଦିଗପହଣ୍ଡି,୧୮।୪(ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ଚାମୁଣ୍ଡା ମନ୍ଦିର ପାହାଡ଼ ପାଦଦେଶରେ ଥିବା କାଜୁ ତୋଟାରୁ ପୋଲିସ ଶୁକ୍ରବାର ମଣିଷ ଖପୁରୀ, ହାଡ଼, ଲୁଗା ଓ ଚୁଡ଼ି ଜବତ କରିଛି। ଏସବୁ କୌଣସି ମହିଳାଙ୍କର ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ସୂଚନା ମିଳିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଉକ୍ତ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଦିଗପହଣ୍ଡି - ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥ କଡ଼ରେ ଥିବା ମା' ଚାମୁଣ୍ଡାଙ୍କ ମନ୍ଦିର ନିକଟକୁ ପ୍ରାତଃ ଭ୍ରମଣରେ ଯାଇଥିବା କେତେଜଣ ବ୍ୟକ୍ତି ଦୁର୍ଗନ୍ଧ ବାରି କାଜୁ ତୋଟାକୁ ଯାଇଥିଲେ। ସେଠାରେ ମଣିଷ ଖପୁରୀ, ଗୋଡ଼ହାତର ହାଡ଼ଗୁଡ଼ିକ ଏଣେ ତେଣେ ପଡ଼ିଥିବା ଦେଖିବା ପରେ ଦିଗପହଣ୍ଡି ଥାନାକୁ ଖବର ଦେଇଥିଲେ। ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ବିକ୍ଷିପ୍ତ ଅବସ୍ଥାରେ ପଡ଼ିଥିବା ଖପୁରୀ,ହାଡ଼, ମହିଳା ଲୁଗା ଓ ଚୁଡ଼ିକୁ ଜବତ କରି ପରୀକ୍ଷା ନିମନ୍ତେ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ପଠାଇଛନ୍ତି। ତେବେ ମହିଳା ଜଣକ କିଏ, ତାଙ୍କର ମୃତ୍ୟୁ କିପରି ହୋଇଛି ସେନେଇ ପୋଲିସ ତଦନ୍ତ ଚଳାଇବା ସହ ମହିଳାଙ୍କୁ ହତ୍ୟା ପରେ ସେଠାରେ ଫୋପାଡ଼ି ଦିଆଯାଇଥିବା ସନ୍ଦେହ କରୁଛି। ଫରେନସିକ ରିପୋର୍ଟ ଆସିବା ପରେ ସମ୍ପର୍କରେ ଜଣାପଡ଼ିବ ବୋଲି ଆଇଆଇସି କହିଛନ୍ତି। ଏ ନେଇ ନଂ. ୧୦/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଦିଗପହଣ୍ଡି ଥାନା ଏବଂ ପଡୋଶୀ ଥାନା ଅଞ୍ଚଳରେ ନିଖୋଜ ଥିବା ମହିଳାଙ୍କ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି।


# Classified Everyday

**0674-2580101, 9692975378**



REAL ESTATE

## SALE


**Duplex sale with gated Society near Aiims Hospital, Bhubaneswar. 9777433701.** D-76256

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259

4BHK Duplex Rera/ BMC approved at Hanspal. Finance from National Bank, 1Km NH. 8847887273. D-145

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811



FOR RENT

5800sqft Godown space available at Rasulgarh, beside Esplanade Mall, Bhubaneswar. 9040019183. D-189

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

Office Accommodation Commercial Hospital permises available Chandrasekharpur, Bhubaneswar, 4000sqft.- 9437008388. D-74726

## LEASE

Lease for godown, Nursing home or for any purpose for 10 years 10000sft with Compound wall 3 sides road facing to Nakhara Niali NH ROAD. 7809525452. D-76444

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





Full body massage by experience therapist with homely atmosphere. 9114559860. D-76910

Positively health benefited SPA by expert female therapist, Bapujinagar. 8328803811. D-76909

**Full body massage experience, good looking therapist @999 (Bhubaneswar). 9078484455.** D-152

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated- 17.04.2025, I, Santosh Kumar Nath, Address: Vill- Chasanimakhandi, P.O.- Nimakhandipenth, P.S.- Digapahandi, Dist.- Ganjam, PIN- 761055, Odisha, declare that I have changed my daughter's name from Sriya Nath to Alaka Nath. Henceforth, she shall be known as Alaka Nath for all purposes.
Santosh Kumar Nath D-207

By virtue of an affidavit sworn before Executive Magistrate, Bhubaneswar, dated- 17.04.2025, I, Santosh Kumar Nath, Address: Vill- Chasanimakhandi, P.O.- Nimakhandipenth, P.S.- Digapahandi, Dist.- Ganjam, PIN- 761055, Odisha, declare that I have changed my son's name from Rahul Nath to Subham Nath. Henceforth, he shall be known as Subham Nath for all purposes.
Santosh Kumar Nath D-208

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଛି ଯେ, ଆମ୍ଭେ ବିଚିତ୍ରା ଦେଇ, ଗ୍ରାମ/ପୋଷ୍ଟ- ଗୋଡିପଡ଼ା, ଜିଲ୍ଲା- ନୟାଗଡ଼ର ନିବାସୀ ଅଟେ । ବୟସ ୭୪ ବର୍ଷ। ସ୍ଥଗିତ ଥିବା RSA NO.- ୨୭୫ ୨୦୧୭ ମସିହା କେସ୍‌ଟି ମାନ୍ୟବର ଉଚ୍ଚନ୍ୟାୟାଳୟ ମୋ ସପକ୍ଷରେ ତା- ୨୨।୦୧।୨୦୨୪ ମସିହାରେ ରାୟ ଶୁଣାଇଲେ । ସ୍ୱର୍ଗତ ହରିହର ମହାପାତ୍ରଙ୍କର ବିବାହିତା ସ୍ତ୍ରୀ ହିସାବରେ ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ ଅଟେ। ମାନ୍ୟବର ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶ ଅନୁସାରେ ସ୍ୱର୍ଗତ ମହାପାତ୍ରଙ୍କର ଫ୍ୟାମିଲି ପେନ୍‌ସନ୍ ପାଇବା ପାଇଁ ହକ୍‌ଦାର ଅଟେ। ଧ-୨୧୪

By virtue of an affidavit before Executive Magistrate, Kantabanji, on dtd. 07.04.2025, that before my marriage. I, known as "Puja Bag, D/o- Makardhwaj Bag which is also mentioned in my S.B. Account of Bank of Baroda, Kantabanji Branch and after Marriage to Ramakrushna Tandi of Village/P.O.- Salemudga, P.S.- Turekela, Dist.- Bolangir, I known as Puja Tandi which is also mentioned in my Aadhaar Card whereas Puja Tandi, W/o- Ramakrushna Tandi and Puja Bag, D/o- Makardhwaj Bag is same and one person. D-215

By virtue of an affidavit sworn before the Executive Magistrate, Kesinga, Dist.- Kalahandi on dated- 28.1.2025, Sunil Kumar Agrawal, At/Post/P.S.- Kesinga, Dist.- Kalahandi (odisha). Do hereby declare that I have change my minor daughter's name from Aadhaar card Payal Agrawal instead of Sangeeta Agrawal. Henceforth, she will be known as Sangeeta Agrawal for all purpose.
Sunil Kumar Agrawal D-218

By virtue of an affidavit sworn before Executive Magistrate, Basudevpur, dt- 17.02.2025, I, Chintamani Biswal, S/o- Murali Biswal, At- Chhatrapur, P.O.- Patanamishrapur, P.S.- Naikanidhi, Dist.- Bhadrak, declare that my daughter's name wrongly named as Sumitra Biswal in Aadhaar will be known as Susmita Biswal. Henceforth, for all purposes. D-182

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Ranjani Ojha, W/o- Anil Kumar, resident At- D1-B, 302, Green Park residency, Dist.- Sambalpur, PIN- 768001, Odisha, declare by this affidavit No.- 3292, dtd- 17.04.2025 that **Ranjani Ojha and Ranjani Kumari is one and same person.** Now onwards I shall be known as **RANJANI OJHA** for all future purposes. D-219

I, Hrudananda Jena, S/o- Rahas Bihari Jena, resident of Vill- Baraara (Haripur), P.O.- Aragul, P.S.- Jatni, Dist.- Khordha, PIN- 752050, declare by this affidavit SL. No.- 604, dated- 17.04.2025, that now onwards I shall be known as HRUDANAND JENA for all future purposes. D-76911

By virtue of an affidavit No.- A. 1767 dated 16.04.25 sworn before the Executive Magistrate, Sundargarh, I, Lalita Sahu, W/o- Kedarnath Sahu, D/o- Jadumani Sahu, R/o- Village- Mundagaon, P.S.- Bhasma, Dist.- Sundargarh declare that in Aadhaar card No.- xxxx xxxx 7263 my name has been mentioned as Lalita Sahu. But in my old Aadhaar card my name has been mentioned as Damayanti Sahu. That both the names is one and same person. D-223

# ସମ୍ପର୍କ



ଗଳ୍ପ

**ସୁଦର୍ଶନ ମହାପାତ୍ର**

ମୋବାଇଲ ସ୍କ୍ରିନ୍‌ରେ ଭାଇଙ୍କ ନାଁ ଦେଖି ପ୍ରଥମେ ଦ୍ୱିଧାରେ ପଡ଼ିଲା ଭବ୍ୟା। ଦୀର୍ଘଦିନ ପରେ ଭାଇ ଫୋନ୍ କରିଛନ୍ତି!

ଭବେଶଙ୍କ ସହିତ ତା'ର ସମ୍ପର୍କକୁ ବିରୋଧ କରିଥିଲେ ପୂରା ପରିବାର। ଭିନ୍ନ ଜାତିରେ ତା'ର ବାହାଘର ପସନ୍ଦ କରୁନଥିଲେ କେହି। ତା'ପରେ ବି ଭବେଶର ଦୁର୍ଗୁଣ ବିଷୟରେ ଶୁଣିବାକୁ ମିଳିଥିଲା ଭବ୍ୟାର କିଛି ବନ୍ଧୁମାନଙ୍କଠାରୁ। ହେଲେ ସେ ତା' ଜିଦିରେ ଅଟଳ ରହି ଘର ଆଉ ଭବେଶଙ୍କ ସହିତ ପ୍ରେମ ସମ୍ପର୍କ ମଧ୍ୟରୁ ଦ୍ୱିତୀୟଟିକୁ ହିଁ ବାଛିଥିଲା ଏବଂ ଦିନେ ସମସ୍ତଙ୍କ ଅଲକ୍ଷ୍ୟରେ ଘର ଛାଡ଼ିଥିଲା। ସେବେଠାରୁ ତା' ସହିତ ଘରର ସମ୍ପର୍କ ଏକରକମ କଟିଯାଇଥିଲା।

ଭବ୍ୟା ଘର ଛାଡ଼ିବା ପରେ ହଠାତ୍ ବାପାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଗଲା ତ, ତାକୁ କେହି ଖବର ଦେଇ ନ ଥିଲେ। ସେ ଖବର ପାଇଲାବେଳକୁ ବାପାଙ୍କର କ୍ରିୟାକର୍ମ ସରିଯାଇଥିଲା। ଆହତ ଅଭିମାନରେ ଗୁମୁରି ଉଠିଥିଲା ଭବ୍ୟା। ତା'ରି ଚିନ୍ତାରେ ବାପାଙ୍କର ଏମିତି ଅବସ୍ଥା ହେଲା ବୋଲି ଘରଠାରୁ ବାହାର ପର୍ଯ୍ୟନ୍ତ ଲୋକେ କଥା ହେଉଥିଲେ ବୋଲି ଶୁଣିଲା ଭବ୍ୟା।

ସେପଟୁ ଭାଇ ନୁହେଁ, ବୋଉର 'ହେଲୋ' ଶବ୍ଦ ଶୁଣି ଖୁସିରେ ଯେମିତି ନାଚି ଉଠିଲା ଭବ୍ୟା। 'ଟିକିଏ ରହ' କହି ମୋବାଇଲକୁ ଧରି ବାଲ୍‌କୋନିକୁ ଚାଲିଗଲା ବଡ଼ ଆଗ୍ରହରେ। ହେଲେ ପରମୁହୂର୍ତ୍ତରେ ଭିତରେ ଭିତରେ ସାଙ୍କୁଡ଼ି ଉଠିଲା। ଆଉ କିଛି ଖରାପ ସମ୍ବାଦ ପାଇବନି ତ ବୋଉଠାରୁ!

'ତୁଆସୁନୁ...' ବୋଉର ଥରିଲା କଣ୍ଠର ସ୍ୱର। ଆହା... କେତେ ଦିନ ପରେ ସେଇ ଅମୃତବୋଳା କଣ୍ଠର ଝଙ୍କାର! ନାକକାନ୍ଦୁରି ବୋଉର ସ୍ନେହବୋଳା ଆମନ୍ତ୍ରଣ। ଭବ୍ୟା କଣ୍ଠରେ ଅମିତ କୋହର ଉଦ୍‌ଗିରଣ!

ବିନା ସିନ୍ଦୂର ବିନ୍ଦୁରେ ବୋଉର କପାଳ କେମିତି ଦିଶୁଥିବ? ଆହା ବିଚାରୀ? କେତେ ଦିଅଁଦେବତାଙ୍କୁ ଡାକୁଥିଲା ଅହ୍ୟବେଶରେ ସଜ୍ଜିତ ହୋଇ ନିଆଁରେ ଦାହ ହେବାକୁ...! ସେ କ'ଣ କ୍ଷମା କରିଦେଇଛି ତା' ଝିଅକୁ...!

- "ଘରକୁ ଯିବି? ସତରେ ଯିବି ବୋଉ...? ଭାଇ ଭାଉଜ...?" କୋହ ଜର୍ଜରିତ କଣ୍ଠରେ କଥା ଢୋକି ହୋଇଗଲା ଆପେ...!

- "ଯିଏ ତୋତେ ପ୍ରାଣଠୁ ଅଧିକ ଭଲପାଉଥିଲେ ସେ ତ ଆଉ ନାହାନ୍ତି। ତା' ବୋଲି ତୋତେ କ'ଣ କେହି ଆଦର ଯତ୍ନ କରିବେନି ବୋଲି ତୁ ମନେକରୁଛୁ? ତୁ ସିନା କାହାର ଆଦର ଯତ୍ନକୁ ଭୁଲି ତୋ ପସନ୍ଦର କାମ କଲୁ, ହେଲେ ନିଜ ରକ୍ତର ସମ୍ପର୍କ କ'ଣ ତୁଟିଯିବ?"

ଭବ୍ୟା ତୁନି ପଡ଼ିଲା କ୍ଷଣେ। 'ସୁବିଧା ଦେଖି ଯିବି' ବୋଲି କହି ଫୋନ୍ ରଖିଲା, ପରକ୍ଷଣରେ ଉବୁଟୁବୁ ହେଉଥିବା ଦୁଃଖ ଓ ଗ୍ଲାନିରେ ଭାଙ୍ଗିରୁଜି ଗଲା ନିଜ ଭିତରେ। ଆଖିରୁ ଲୁହ ଅବିରତ ବୋହିବାରେ ଲାଗିଲା।

ଭବେଶଙ୍କୁ ଚିହ୍ନିବାରେ ଭୁଲ୍ କରିଦେଇଥିଲା ବୋଲି ଅନୁତାପ କରିବା ଛଡ଼ା ଆଉ କିଛି ଉପାୟ ନାହିଁ। ତାଙ୍କର ତା' ଦେହ ଆଉ ପଇସା ଛଡ଼ା ଏବେ କୌଣସି କଥାରେ ଆଗ୍ରହ ନାହିଁ। ନିଜ ଭାଗ୍ୟର ବିଡ଼ମ୍ବନାକୁ ନିଜେ ଆମନ୍ତ୍ରଣ କରିଛି ତ ଦୋଷ ଦେବ ଆଉ କାହାକୁ!

ପୁଣି ଥରେ ଫୋନ୍ ରିଂ ହେଲା। ଏଥର କଥା ହେଲେ ଭାଉଜ।

- "ଶୁଣ ଭବ୍ୟା, ମୁଁ ବି ତୁମରି ପରି ଗୋଟିଏ ନାରୀ। ତୁମ କଥା ମୁଁ ବୁଝିପାରୁଛି। ତୁମ ଆକାଉଣ୍ଟ ନମ୍ବରଦିଅ। ତୁମ ଭାଇ ସେଇ ନମ୍ବରରେ ଟଙ୍କା ପଠେଇଦେବେ। ତୁମ ବିଷୟରେ ତୁମ ସାଙ୍ଗ ବିନିଙ୍କଠାରୁ ସବୁ କଥା ବୁଝିସାରିଛନ୍ତି ଭାଇ।"

ଏଥର ଭବ୍ୟାର କରୁଣ କାନ୍ଦ ସ୍ୱର ଶୁଣିପାରିଲେ ଭାଉଜ।

- "ଭାଉଜ ମୋତେ କ୍ଷମା କରିଦିଅ। ଏତେ ସବୁ ପରେ ବି ତୁମେମାନେ ସମସ୍ତେ ମୋର ଭଲ ଚାହୁଁଛ। ହେଲେ ମୁଁ ତୁମମାନଙ୍କ ମନରେ ଯଥେଷ୍ଟ ଆଘାତ ଦେଇଛି।"

- "ଯାହା ହେବା କଥା ହୋଇ ସାରିଛି। ତୁମେ କେବେ ଆସି ତୁମ ବାହାଘର ପାଇଁ ତିଆରି ହୋଇଥିବା ଗହଣାଗୁଡ଼ିକ ବି ନେଇଯାଅ। ଖାସ୍ ସେଇଥିପାଇଁ ତୁମକୁ ବୋଉ ଘରକୁ ଆସିବା ପାଇଁ କହୁଥିଲେ। ଦେଖ ତୁମେ ଭଲରେ ରହିଲେ ସିନା ଆମେମାନେ ସବୁ ଏଠି ଶାନ୍ତିରେ ରହିବୁ।"

- "ଭାଇଙ୍କୁ କହିବ ମୋ' ପାଖକୁ କିଛି ବି ଟଙ୍କା ପଠେଇବେ ନାହିଁ। ଟଙ୍କା ଦେଲେ ଏ ଲୋକର ଔଦ୍ଧତ୍ୟ ଆହୁରି ବେଶୀ ବଢ଼ିଯିବ। ସୁନାଗହଣା ତ ବିଲ୍‌କୁଲ ବି ନୁହେଁ। ମୁଁ ମୋ' ପାପର ପ୍ରାୟଶ୍ଚିତ୍ତ ନିଜେ କରିବାକୁ ଚାହୁଁଛି।"

- "ଶୁଣ ଭବ୍ୟା, ତୁ ମୋ' ଛୋଟ ଭଉଣୀ। ତୁ କୌଣସି ବିପଦରେ ପଡ଼ିଲେ ତୋତେ ସେଥିରୁ ମୁକୁଳାଇବା ଦାୟିତ୍ୱ ଏବେ ମୋର। ବାପା ନାହାନ୍ତି ତ ତୁ ଭାବିନେ ତୋ' ଭାଇ ଏବେ ତୋର ବାପା ସମାନ। କହ ମୋତେ, ତୋ' ପାଇଁ ମୁଁ କ'ଣ କରିପାରିବି? ମୁଁ ପ୍ରସ୍ତୁତ ଅଛି। ହେଲେ ତୁ କୌଣସି ଭୁଲ ରାସ୍ତା ବାଛିବୁନି।"

ଭାଇଙ୍କ କଥା ଶୁଣି ଭବ୍ୟାର କଣ୍ଠ ରୁଦ୍ଧ ହୋଇ ଆସୁଥିଲା। ତା'ର କାନ୍ଦ ଶବ୍ଦ ସ୍ପଷ୍ଟ ଶୁଭୁଥିଲା ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ। ଭବ୍ୟା ଏଥର ଶୁଣିଲା ପୁଣି ଥରେ ଭାଉଜଙ୍କ ସ୍ୱର।

- "ଶୁଣ ଭବ୍ୟା, ତୁମେ ସେଠାରୁ ଚାଲିଆସିବାକୁ ଚାହିଁବ ତ ଆମେ ତୁମକୁ ନିଶ୍ଚୟ କୋଳେଇନେବୁ। ତୁମ ଘର। ତୁମକୁ ଫେରିବାକୁ କିଏ ମନା କରିବ? ହେଲେ ତୁମ ଇଚ୍ଛା ଆଉ ସିଦ୍ଧାନ୍ତ ଉପରେ ସବୁ ନିର୍ଭର କରେ। କହିବ ଯଦି ଆମେ ଯାଇ ତୁମକୁ ନେଇଆସିବୁ। ତେଣିକି ଦେଖିବା...! ତୁମ ଭବିଷ୍ୟତ ବିଷୟରେ ଆମେ ସମସ୍ତେ ମିଶି ଆଲୋଚନା କରିବା।"

- "ଭାଉଜ, ସେ ହେଉଛନ୍ତି ଗୋଟିଏ ଜହ୍ଲାଦ। ବହୁତ ଝିଅଙ୍କ ସହ ତାଙ୍କର ସମ୍ପର୍କ। ତାଙ୍କ ପାଇଁ ଟଙ୍କା ରୋଜଗାର କରିବାକୁ ମୋତେ ଏବେ ସେଇ ନିଷିଦ୍ଧ ରାସ୍ତାକୁ ଯିବାକୁ ବାଧ କରୁଛନ୍ତି। ମୋ' ଦେହରେ ପ୍ରତ୍ୟହ ତାଙ୍କ ନିର୍ଯାତନାର ଦାଗ...! ହାହୁତାଶମୟ ଜ୍ୱାଳାରେ ଦଗ୍ଧ ହେବା ଅପେକ୍ଷା ଏ ଜୀବନରୁ ମୁକ୍ତି ପାଇଯିବା ବରଂ ଭଲ।"

- "ବିଲ୍‌କୁଲ ନୁହେଁ। ନିଜକୁ ଅସହାୟ ମନେକରନା। ଆମେ ତୁମ ସହ ଅଛୁ। ତୁମକୁ ଏତେ ଦୁର୍ବଳ ବୋଲି ମୁଁ ମାନିପାରୁନି। ପରିବାର ବିପକ୍ଷରେ ଯେଉଁ ଝିଅ ଯାଇପାରେ, ସେ ଅନ୍ୟ କାହା ବିପକ୍ଷରେ ବି ଯାଇପାରେ...!"

ଆପାର୍ଟମେଣ୍ଟର ଛଅ ତାଲା ଉପରୁ ଖସିପଡ଼ି ଭବେଶର ମୃତ୍ୟୁ ଖବର ପରଦିନ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରିଥିଲା। ଭବ୍ୟାକୁ ପୋଲିସ ଆରେଷ୍ଟ କଲାବେଳେ ତା' ମୁହଁରେ ଏକ ଖୁସିର ଝଲକ ଦେଖିବାକୁ ମିଳିଥିଲା। ଟିଭିରେ ପ୍ରସାରିତ ଏ ଦୃଶ୍ୟରେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ ଭବ୍ୟାର ଆତ୍ମୀୟ ସ୍ୱଜନ...! ନ୍ୟାୟିକ ଯୁଦ୍ଧରେ ଅବତୀର୍ଣ୍ଣ ହେବା ପାଇଁ ପ୍ରସ୍ତୁତ ହେଉଥିଲେ ଭବ୍ୟାର ପରିବାର।

ମୋ: ୯୪୩୮୧୭୫୫୪୨

## ପୁସ୍ତକ ପରିଚୟ


### ନିଃଶବ୍ଦ ଯନ୍ତ୍ରଣା



**ଲେଖକ:** ଭାଗୀରଥି ଦାସ
**ପ୍ରକାଶକ:** ସୁଦୀପ୍ତା ପ୍ରକାଶନୀ, ବାଣୀପୁତ୍ର ଭବନ, ଜଗତ୍‌ସିଂହପୁର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୧୫/-

୧୯୬୯ରୁ ଏଯାବତ୍ ପାଖାପାଖି ଛ'ଶହ ଉପନ୍ୟାସ, ନାଟକ, ଗଳ୍ପ, କବିତା ଓ ପ୍ରବନ୍ଧଗ୍ରନ୍ଥର ରଚୟିତା ଭାଗୀରଥି ଦାସଙ୍କର ଆତ୍ମଜୀବନୀ ନିକଟରେ ପ୍ରକାଶ ପାଇଛି। ଗ୍ରନ୍ଥରେ ରହିଛି ମୋଟ ୧୩ଟି ପରିଚ୍ଛେଦ- ଏଥିରୁ ୧୧ଟି ମୁଖ୍ୟ। ଏଥିରେ ଲେଖକ କିପରି ଆତ୍ମଜୀବନୀ ରଚନାରେ ପ୍ରବୃତ୍ତ ହେଲେ, ନିଜ ସମୟର ସମସ୍ୟା ଓ ଝଡ଼ଝଞ୍ଜା, ନିଜ ଲେଖା ସମ୍ପର୍କରେ ସୂଚନା ଆଦି ସଂକ୍ଷେପରେ ସ୍ଥାନିତ ହୋଇଛି। ଘର ସଂସାରର ନାନା ଦାୟ ନିଭାଇବା ସହିତ ଜୀବନର ଅଭିଜ୍ଞତାକୁ ନେଇ ନିଜର ସାହିତ୍ୟ ରଚନା ବିଶେଷକରି ଉପନ୍ୟାସ ଓ ନାଟକ ରଚନାକୁ ଲେଖକ କିପରି ଆଗେଇ ନେଇଛନ୍ତି- ତା'ରି ଧାରାବିବରଣୀ ଆଲୋଚ୍ୟ ଜୀବନୀଗ୍ରନ୍ଥରେ ସ୍ଥାନିତ। ଲେଖକ ନିଜ ଲେଖାର ଗ୍ରହଣଶୀଳତା ଓ ଚାହିଦା ସମ୍ପର୍କରେ ଠାଏ କହିଛନ୍ତି: "ନାଟକ, ଉପନ୍ୟାସ, ଗଳ୍ପ, କବିତା ଓ ପ୍ରବନ୍ଧ ଆଦି ସାହିତ୍ୟର ସବୁ ବିଭାଗରେ ସଫଳତା ପାଇଲି। ମୋର ସମସାମୟିକ ଲେଖକମାନଙ୍କ ଚାହିଦା କମ୍ ଥିଲା। ମୋ' ଲେଖା ଛାପୁଥିବା ପ୍ରକାଶକମାନେ ଅନ୍ୟମାନଙ୍କ ଲେଖା ଅପେକ୍ଷା ମୋ' ଲେଖା ଅଧିକ ଛାପୁଥିଲେ। ମୁଁ କାହାରି ପ୍ରତିଦ୍ୱନ୍ଦ୍ୱୀ ନ ଥିଲି କିମ୍ବା ମୋର କେହି ଶତ୍ରୁ ନ ଥିଲେ।" (ପୃ:୮୦)। ଗ୍ରନ୍ଥ ଶେଷରେ ଈଶ୍ୱରଙ୍କ ନିକଟରେ ଲେଖକଙ୍କ ନିବେଦନ ଯେତିକି ହୃଦୟସ୍ପର୍ଶୀ, ସେତିକି ବିସ୍ମୟକର। ସେ କହନ୍ତି: "ଯଦି ମୁଁ ଓଡ଼ିଶା ମାଟିରେ ଜନ୍ମନିଏ, ତେବେ ପ୍ରଭୁ ମୋତେ ଗରିବ ଘରେ ଜନ୍ମ ଦିଅନ୍ତୁ। ମୋ' ଜୀବନରେ ଝଡ଼ ଆସୁ, ଆଖିରେ ଦିଅନ୍ତୁ ଅଦିନ ଶ୍ରାବଣ ଆଉ ମୋତେ ଓଡ଼ିଆ ଲେଖକ ଭାବରେ ସାହିତ୍ୟ ଅଗଣାରେ ଠିଆ ହେବାର ସୌଭାଗ୍ୟ ଦିଅନ୍ତୁ।" (ପୃ:୯୭)। ଆଶା କରାଯାଏ, ଆଲୋଚ୍ୟ ଆତ୍ମଜୀବନୀଟି ଓଡ଼ିଆ ପାଠିକାପାଠକଙ୍କ ଦ୍ୱାରା ଆଦୃତ ହେବ।

### ଶିଳାସ୍ୱପ୍ନ



**ଲେଖିକା:** ଗୌରୀ ଶତପଥୀ
**ପ୍ରକାଶକ:** ଦେବଶ୍ରୀ ଚାରିଟେବଲ୍ ଟ୍ରଷ୍ଟ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୦୦/-

ଆଲୋଚ୍ୟ ଗୀତି-କବିତା-ଗ୍ରନ୍ଥଟି 'କୋଣାର୍କ' ମନ୍ଦିରର ମୂକ ପାଷାଣ ପ୍ରତିମାକୁ ଆଧାର କରି ପ୍ରେମ ଓ ପ୍ରଣୟର ଚିରନ୍ତନୀ ପରିପ୍ରକାଶ ହୋଇଉଠିଛି। ବିରହ ଓ ମିଳନର ଯୁଗ୍ମ ଛନ୍ଦରେ ଛନ୍ଦାୟିତ ଗୀତଗୁଡ଼ିକ ମନର ନାନା ଭାବଭାବନାକୁ ଆଶ୍ରୟ କରି ଏପରି ରସାଳ ହୋଇଉଠିଛି ଯେ, ପଢ଼ି ବସିଲେ ଏହାର ସ୍ୱାଦ ମନରୁ ସହଜରେ ଲିଭେ ନାହିଁ। ପ୍ରଥମ ଗୀତରେ କବୟିତ୍ରୀ କହନ୍ତି: "ଯାହା ମୁଁ ପାରେନା କହି, କାହାରି ଆଗରେ/ ତାକୁ ସବୁ ଗାଇଯାଏ, କବିତାର ସୁରେ।" (ପୃ: ୦୪)। କୌଣସି ଗୀତର ଶୀର୍ଷକ ନାହିଁ, ହେଲେ ଗୀତିଗୁଡ଼ିକର ପ୍ରଥମ ଧାଡ଼ି ଶୀର୍ଷକର ଦାୟ ନିଭାଏ। ଗୋଟିଏ ଯୋଡ଼ିଏ ଉଦ୍ଧୃତି ନେଇ ଲେଖାଗୁଡ଼ିକର ସରଳତା, ଭାବମୟତା ଓ ଅସରା ଆବେଦନକୁ ପାଠକଙ୍କ ସମକ୍ଷରେ ଉଜାଗର କରାଯାଇପାରେ। ଯଥା: ୧. "ଏ ଝାଉଁବଣରେ କେତେ ମୁଁ ଖୋଜିଛି/ ବିତାଇ ଅନେକ ରାତି/ ସବୁରାତି ଆସି ଫେରିଯାଏ ସିନା/ ତୁମକୁ ପାଏନା ସାଥୀ।" (ପୃ:୨୪), ୨. "ହସେ ଯେବେ ଏଇ ଜୋଛନା ଯାମିନୀ/ ମୋ' ଆଖିରୁ ଝରେ ଲୁହ/ ମରମରେ ମରେ ମରମର ବ୍ୟଥା/ ଛାତିତଳେ ଜାଗେ କୋହ।" (ପୃ:୬୦)। କବି ପ୍ରସନ୍ନ ପାଟଶାଣୀ କହନ୍ତି: "ଅପୂର୍ବ ଏଇ ପୁସ୍ତକ ବହୁ ଲେଖକଙ୍କର ପ୍ରେରଣାର ଉସ ଭାବେ ପ୍ରତିଭାତ ହେଉ"- ଏ ଆଶା ଅମୂଳକ ନୁହେଁ।

## ଆକାଶ ହାଟରୁ କିଣିବି ଟୁକୁଡ଼ାଏ ଜହ୍ନ ଏଥର

**ଉମା ଶଙ୍କର ପାଳ**

ଦାରିଦ୍ର୍ୟର କଷାଘାତରେ
ଯେଉଁ ଦିନ ଗାଁର ଏରୁଣ୍ଡି ଡେଇଁ
ସହର ଆସିଲି
ମା' ଗାମୁଛାରେ ବାନ୍ଧି ଦେଇଥିଲା
ସ୍ୱପ୍ନର ଗଣ୍ଠିଲି
ମଥାରେ ମାଖି ଦେଇଥିଲା,
ଗ୍ରାମଦେବୀଙ୍କ ଆଶିଷ
ବସ୍ ଝର୍କାରୁ ଦେଖିଥିଲି
ଭଉଣୀ ଆଖିରୁ ନିଗିଡ଼ା ସ୍ନେହ ବୁନ୍ଦାକ।

ଠିକ୍ ସେତିକିବେଳେ
ବିଲମାଳର କେଉଁ ତାଳଗଛରୁ
ମା' ପକ୍ଷୀ ବସାରୁ
ଠେଲି ଦେଉଥିଲା ତା' ଶାବକକୁ
ପକ୍ଷ ମେଲି ଦୁନିଆରେ ବଞ୍ଚି ଶିଖିବାକୁ।

ଯେବେ ସହରରେ ନୂଆ ପାଦ ଦେଲି
କିଏ ଦେଇଥିଲା ଆଶ୍ୱାସ
କିଏ କରିଥିଲା ବିଶ୍ୱାସଘାତ
କେହି ବି କରିଥିଲେ ଉପହାସ।

ମନେପଡ଼ିଲେ
ସୁଖର ସ୍ୱାଦ ଚାଖି ନ ଥିବା
ମା' ଭଉଣୀଙ୍କ ବିଷଣ୍ଣ ମୁଖ
କିଏ ଯେମିତି ମୋ' ଭିତରେ
ସବୁ ସହିବାକୁ ଭରି ଦେଉଥିଲା ସାହସ।

କାରଖାନାର ହୁତାଶ
ବିନିଦ୍ର ରଜନୀର କ୍ଲେଶ
ମାଲିକର କଡ଼ା ମିଜାସ
ବାଲି ସିମେଣ୍ଟର କସରତ ଭିତରେ
ସ୍ୱେଦ, ଶୋଣିତ, ଲୋତକର ରଙ୍ଗ ଏକ।

ବସ୍ତିର ଦଦରା ବସାଘରେ ଜୀବନ
ହାଟ ଶେଷର ସଉଦାପରି ଶସ୍ତା
ରଫୁକରା ଜୋତା ପ୍ୟାଣ୍ଟର ଦୀନାବସ୍ଥା
ଚୁଡ଼ା ପଖାଳରେ କାମ ଚଳାଇ
ସଞ୍ଚୁଥାଏ ବଳକା ଟଙ୍କା
ମେଣ୍ଟାଇବାକୁ ଅଭାବୀ
ସଂସାରର ଆବଶ୍ୟକତା।

ଆକାଶ ହାଟରୁ କିଣିବି
ଟୁକୁଡ଼ାଏ ଜହ୍ନ ଏଥର
ଯେଉଁଥିରେ ମା' ଦେଖିବ ମୁହଁ, ସୁଖର
ତାରାଫୁଲ ପେଣ୍ଡାଟିଏ କିଣି
ଭଉଣୀକୁ ଦେବି ଉପହାର
ଗଭାରେ ନାଇ ସେ ଦିଶିବ ସୁନ୍ଦର।

ମୋ: ୯୫୫୬୮୮୮୭୦୮

କବିତା

## ଥରେ ମୋ ସହରରୁ ଦେଖ

**ତେଜସ୍ୱିନୀ ପଣ୍ଡା**

ଥରେ ମୋ ସହରରୁ ଦେଖ
ଆକାଶର ଧୂମାଭ ଅନ୍ଧାର,
ଅଧାଲେଖା ଚିଠିର ଅହଙ୍କାର
ଅପ୍ରେମରୁ ପ୍ରେମଯାଏଁ
ଜୀବନର ମହକିତ ମଧୁବନ।

ଥରେ ଦେଖିଯାଅ ମୋ ସହର,
ଆସିବ ନା! ନ ଆସିଲେ ନାହିଁ,
ଦୂରରୁ ରହି ଦେଖ ଧୂସର
ସ୍ମୃତିର ପାଦଚିହ୍ନ,
ସେଇ ଅପ୍ରେମ ଶିକୁଳିର
ଅନ୍ତିମ ଅଧ୍ୟାୟ ହିଁ ଟିପିଏ ସିନ୍ଦୂର।

ଥରେ ମୋ ସହରରୁ ଦେଖ
ନରମ ପାପୁଲିରେ ନିଆଁର ଛାପ
ତୁମେ ଯେମିତି ବାଛିଲ ମତେ,
ଦୁର୍ଭାଗ୍ୟ ବି ଆସେ ଅଳ୍ପରେ ଅଳ୍ପରେ
କି ନାମ ଦେବି ଏ ସଂଯୋଗର?
ତୁମେ ଗୋରା ଆଉ ମୁଁ ଶ୍ୟାମଳବର୍ଣ୍ଣର।

ଥରେ ମୋ ସହରରୁ ଦେଖ
ସବୁଠି ଚର୍ଚ୍ଚା ଆମ ପ୍ରେମର।

ମୋ: ୯୬୯୨୩୬୧୪୦୪

ଗୀତି-କବିତା

## ଜହ୍ନରାତି

**ତପନ କୁମାର ସ୍ୱାଇଁ**

ସଞ୍ଜବେଳେ ଦିନେ ନଈପଠା ପରେ
ବସି ଭାବୁଥିଲି ଏକା,
ଜହ୍ନ ଉଠୁଥିଲା ଦୂର ଆକାଶରେ
ତୁମର ନଥିଲା ଦେଖା।

ବଉଦ ଫାଙ୍କରେ ଲୁଚି ଯାଉଥିଲା
ମଉଳା ଜହ୍ନର ମୁହଁ,
ଛାତି ତଳେ ମୋର ବିରହ ସ୍ମୃତିର
ଲିଭି ଆସୁଥିଲା କୋହ।
ଦୂର ଆକାଶରେ ଜହ୍ନକୁ ଦେଖି ମୋ'
ଛାତି ତଳେ ଥିଲା ଦକା।
ସଞ୍ଜବେଳେ ଦିନେ...

କାହିଁକି ସେଦିନ ତୁମକୁ କେଜାଣି
ଖୋଜୁଥିଲା ଭାରି ମନ,
ତୁମକୁ ଦେଖିବା ପାଇଁ ମନ ମୋର
ହେଉଥିଲା ଛନଛନ,
ସେଦିନ ଯେମିତି ମୋ' ମୁହଁ ପରି
ଜହ୍ନ ଦିଶୁଥିଲା ଫିକା।
ସଞ୍ଜବେଳେ ଦିନେ...

ମୋ: ୯୦୪୦୦୩୩୩୯୦

## କାଳକାଳକୁ



"ନିଜ ଧର୍ମ ବିଷୟରେ ଲୋକେ
ଯେତେ ଯାହା କହନ୍ତୁ ପଛେ,
ଯଦି ତାହା ମଣିଷ ଓ ପଶୁଙ୍କ ପ୍ରତି
ଦୟାଭାବ ଶିଖାଏ ନାହିଁ;
ତେବେ ତାହା ଧର୍ମ ନୁହେଁ।"
- ଆନ୍ନା ସେୱେଲ

**ଆନ୍ନା ସେୱେଲଙ୍କ** ଜନ୍ମ ୩୦ ମାର୍ଚ୍ଚ ୧୮୨୦ରେ ଓ ପରଲୋକ ୨୫ ଏପ୍ରିଲ ୧୮୭୮ରେ, ଲଣ୍ଡନରେ। ଊନବିଂଶ ଶତାବ୍ଦୀର ଇଂଲିଶ୍ ସାହିତ୍ୟରେ ଜଣେ ଶିଶୁ-କିଶୋର ଲେଖିକା ଭାବେ ସେ ବିଶ୍ୱ-ବିଦିତା। ୧୮୭୧ରୁ ୧୮୭୭ ମଧ୍ୟରେ ଘୋଡ଼ାର ଲାଳନ ଓ ତାଲିମକୁ ନେଇ ସେ ଲେଖିଥିଲେ ତାଙ୍କ ଜୀବନର ପ୍ରଥମ ଓ ଶେଷ ଉପନ୍ୟାସ, ଯହିଁରେ 'ଜୀବେ ଦୟା'ର ପରିପ୍ରଚାର ଥିଲା ଆଭିମୁଖ୍ୟ। ଯକ୍ଷ୍ମାରୋଗରେ ପୀଡ଼ିତ ଥାଇ ୫୮ ବର୍ଷ ବୟସରେ ସେ ପରଲୋକ ଗମନ କରିଥିଲେ।

## ଡେରିକର ନାହିଁ

**ମୂଳ ରଷିଆନ୍- ଆଣ୍ଟନ ଚେଖଭ୍**
**ଅନୁବାଦ- ମନୋଜ କୁମାର ବେହେରା**

ଜଣେ ବୃଦ୍ଧ ଚାଷୀ ଅସୁସ୍ଥ ପତ୍ନୀଙ୍କୁ ଘୋଡ଼ାଗାଡ଼ିର ପଛ ସିଟ୍‌ରେ ବସେଇ ଦୂର ସହରକୁ ଚିକିତ୍ସା ପାଇଁ ଯାଉଥିଲେ। ସେହି ଗାଡ଼ିକୁ ଗୋଟିଏ ଦୁର୍ବଳ ଘୋଡ଼ା ଟାଣୁଥିଲା, ଯାହାଫଳରେ ଗାଡ଼ି ଧୀରେ ଧୀରେ ଯାଉଥିଲା ଆଗକୁ। ଯାତ୍ରା ଥିଲା ଲମ୍ବା। ଆଉ ସେହି ଯାତ୍ରା ସମୟରେ ଚାଷୀ ଜଣକ ନିଜ ସହିତ ଗପିଗପି ସାନ୍ତ୍ୱନା ଦେଉଥିଲେ ଅସୁସ୍ଥ ପତ୍ନୀଙ୍କୁ।

ସେ କହିଲେ, ସାରାଜୀବନ ପତ୍ନୀଙ୍କ ସହିତ ଅତ୍ୟନ୍ତ କଠୋର ବ୍ୟବହାର କରିଛନ୍ତି। ହେଲେ ପ୍ରତିବଦଳରେ ଗତ ଚାଳିଶ ବର୍ଷ ହେଲା ଅତ୍ୟନ୍ତ କଷ୍ଟ, ଦୁଃଖ ଆଉ ଅଭାବକୁ ସହିସହି ତାଙ୍କ ପତ୍ନୀ କ୍ଷେତରେ କାମ କରି ଆସିଛନ୍ତି ଏବଂ ଏକୁଟିଆ ପୂରା ଘରର ଦାୟିତ୍ୱ ସମ୍ଭାଳିଛନ୍ତି। ସେତେବେଳେ ଯୁବାବସ୍ଥାରେ ପୁରୁଷୋଚିତ ଅହଙ୍କାରରେ ତାଙ୍କ ପତ୍ନୀଙ୍କର ତ୍ୟାଗ ଓ ବଳିଦାନକୁ ସେ ଦେଖିପାରି ନ ଥିଲେ। ହେଲେ ଏବେ ବୟସର ସାୟାହ୍ନରେ ସେ ଅନୁଭବ କରିପାରୁଛନ୍ତି ଯେ, ପତ୍ନୀଙ୍କ ସହିତ କେତେ ଅନୁଚିତ ବ୍ୟବହାର କରିଛନ୍ତି। ସେ ଏହା ବୁଝି ସାରିଛନ୍ତି କି ଏବେ ତାଙ୍କୁ ପତ୍ନୀଙ୍କ ସହିତ ଦୟା ଆଉ ସ୍ନେହଭରା ବ୍ୟବହାର କରିବା ଉଚିତ, ତାଙ୍କୁ ମିଠା ଏବଂ କୋମଳ କଥା କହିବା ଉଚିତ।

ଚାଷୀ ଜଣକ ପତ୍ନୀଙ୍କୁ କହିଲେ, ସେ ଜୀବନସାରା ତାଙ୍କୁ ଭୁଲ୍ ଢଙ୍ଗରେ ବ୍ୟବହାର କରିଛନ୍ତି ଆଉ ପ୍ରତିବଦଳରେ ଜୀବନ ତାଙ୍କ ସହ ଅନ୍ୟାୟ କଲା। କାହିଁକି ନା ସେ କେବେ ବି ପତ୍ନୀଙ୍କୁ ସ୍ନେହବୋଳା କଥା ପଦେ କହିନାହାନ୍ତି କି ଟିକିଏ ହସ ଓ ପ୍ରେମପୂର୍ଣ୍ଣ ମୁହୂର୍ତ୍ତଟେ ମଧ ଦେଇନାହାନ୍ତି। ପୂରା ଯାତ୍ରା ସମୟରେ ସେ ଦୁଃଖ ଆଉ ପଶ୍ଚାତ୍ତାପର ସହିତ ନିଜକଥା କହିଚାଲିଥିଲେ ପତ୍ନୀଙ୍କୁ। ତାଙ୍କର ପ୍ରତ୍ୟେକଟି ଶବ୍ଦ ମାନବ ଆତ୍ମାରେ ଗଭୀର ଚିହ୍ନ ଛାଡ଼ି ଚାଲିଥିଲା, ଠିକ୍ ଯେମିତି ପାଣି ପଥର ଉପରେ ପଡ଼ି ଧୀରେ ଧୀରେ ତାକୁ କାଟେ। ସେ ପତ୍ନୀଙ୍କୁ କଥା ଦେଲେ କି ତାଙ୍କର ଆଉ ଯେତେ ବର୍ଷର ଆୟୁଷ ଅଛି ତାକୁ ସେ ଖୁସିରେ ଭରିଦେବେ ଆଉ ତାଙ୍କର ସବୁ ଇଚ୍ଛାକୁ ପୂରା କରିବେ।

ଯେତେବେଳେ ସେ ସହରରେ ପହଞ୍ଚିଲେ, ଆଉ ପ୍ରଥମ ଥର ପାଇଁ ପତ୍ନୀଙ୍କୁ ନିଜ ବାହୁରେ ଉଠେଇ ଡାକ୍ତରଙ୍କ ପାଖକୁ ନେବା ପାଇଁ ଚେଷ୍ଟାକଲେ, ସେତେବେଳକୁ ବହୁତ ଡେରି ହୋଇଯାଇଥିଲା। କାହିଁକି ନା ସେତେବେଳେ ପତ୍ନୀଙ୍କ ଶରୀର ଥଣ୍ଡା ହୋଇଯାଇଥିଲା ଆଉ ଶରୀରରୁ ପ୍ରାଣବାୟୁ ଉଡ଼ିଯାଇଥିଲା। ସେ ସହରକୁ ଆସିବା ବାଟରେ ଚାଲିଯାଇଥିଲେ ଆରପାରିକୁ। ତାଙ୍କର ମିଠା ଆଉ ଦୁଃଖଭରା କଥା ସବୁ ଶୁଣିବା ପୂର୍ବରୁ ସେ ଦୁନିଆ ଛାଡ଼ି ଚାଲିଯାଇଥିଲେ ଆରପାରିକୁ।

ଏହି କାହାଣୀର ଅନ୍ତ ଅତ୍ୟନ୍ତ ଦୁଃଖଦାୟକ ଅଟେ, ଏହା ସତ୍ୟ। ହେଲେ ଆମକୁ ଏହି କାହାଣୀ ଏହି ଶିକ୍ଷା ଦେଉଛି କି ପ୍ରାୟତଃ ଆମେ ସମସ୍ତେ କିଛି ଲୋକଙ୍କର ମୂଲ୍ୟକୁ ସେତେବେଳେ ବୁଝିଥାଉ, ଯେତେବେଳେ ବହୁତ ଡେରି ହୋଇଯାଇଥାଏ। ଠିକ୍ ସମୟରେ ଦିଆଯାଉଥିବା ଗୋଟିଏ ସୁନ୍ଦର ଶବ୍ଦ, ପ୍ରଶଂସାର ଟିକିଏ ସ୍ପର୍ଶ ଅବା ପ୍ରେମ ଓ ସ୍ନେହର ନିଦର୍ଶନ ସ୍ୱରୂପ ଦିଆଯାଇଥିବା ଗୋଟିଏ ଫୁଲର ମୂଲ୍ୟ ସେତେବେଳେ ବହୁତ ଅଧିକ ହୋଇଥାଏ। ଡେରିରେ କରାଯାଇଥିବା କାମ ସର୍ବଦା ମୂଲ୍ୟହୀନ ହୋଇଥାଏ, ଠିକ୍ ଯେମିତି ମୃତ ଶରୀରକୁ କ୍ଷମା ମାଗିବା। ସୁନ୍ଦର କାମକୁ କରିବା ପାଇଁ ଡେରି କରନାହିଁ, କାହିଁକି ନା ସମୟ କେବେ କାହା ପାଇଁ ଅଟକି ନାହିଁ। କିଏ ଜାଣେ ଆମେ ଯାହାକୁ ଆଜି ଘୃଣା ଓ ଈର୍ଷା କରୁଛେ, ଯାହାର ଉପସ୍ଥିତିକୁ ଆମେ ନିନ୍ଦୁଛେ ଯେତେବେଳେ ତାଙ୍କୁ କ୍ଷମା ମାଗିବାର ସମୟ ଆସିବ ସେତେବେଳେ ସେ ଆମ ସହିତ ଥିବେ କି ନ ଥିବେ!

ମୋ: ୭୯୭୮୮୩୦୬୧୧



## ଶେଷହୀନ ଆକୁଳତାର କବି ରମାକାନ୍ତ



**ନିରଞ୍ଜନ ବେହୁରିଆ**

ବେଳେବେଳେ ମନେହୁଏ ମୁଁ ଆକାଶ ପ୍ରଶସ୍ତ ଅଥଚ ଫାଙ୍କା / ଏବଂ ଦେଖୁଅଛି ପୃଥିବୀ ଯେପରି ତମେ ଠିକ୍ ସେହି ପରି ମେଲା କରିଅଛ ହାତମାନ/ ଯେଉଁଠାରେ ଓହ୍ଲାଇଲେ ସେହିଠାରେ ତୁମ ଆଲିଙ୍ଗନ। ହଁ, ତାଙ୍କ କବିତାର ଆଲିଙ୍ଗନ ସବୁଠି, ଆକର୍ଷଣ ମଧ୍ୟ। ତାହା ପାଠକକୁ ବାନ୍ଧିରଖେ, ମୁଗ୍ଧ ଚକିତ ବିଭୋର କରେ। ସେ ହେଉଛନ୍ତି କବି ରମାକାନ୍ତ ରଥ। ଭାରତୀୟ କାବ୍ୟ ସାହିତ୍ୟର ଏକ ଉତ୍ତୁଙ୍ଗ କାବ୍ୟସ୍ରଷ୍ଟା। ଆଧୁନିକ କବିତା ରାଜ୍ୟର ଶିଖର ପୁରୁଷ। ସଚ୍ଚି ରାଉତରାୟଙ୍କ ପରେ ଓଡ଼ିଆ କବିତାର ମଙ୍ଗୁଆଳ ସେ। ତାଙ୍କ କାବ୍ୟଜଗତ ଥିଲା ବ୍ୟାପକ, ଥିଲା ନିତ୍ୟନୂତନ। ନବନବ ଚେତନାର ପ୍ରଜ୍ଞାଦୀପ୍ତ ରସମୟତାରେ ଉର୍ଜ୍ଜସ୍ୱଳ। 'କେତେଦିନର' ଠାରୁ 'ସପ୍ତମଋତୁ', 'ଶ୍ରୀରାଧା' ରୁ 'ଶ୍ରୀପଳାତକ', 'ସୀମାନ୍ତବାସ' ରୁ 'ନ ଯା ନ ଯା କହୁକହୁ' ପର୍ଯ୍ୟନ୍ତ ପ୍ରଲମ୍ବିତ ତାଙ୍କର କାବ୍ୟଯାତ୍ରା। ନାନା ରୂପ ଓ ରଙ୍ଗରେ ସେ ସଜାଇଛନ୍ତି କବିତାକୁ, ଦେଇଛନ୍ତି ନୂଆମୋଡ଼, ନୂଆ ଦିଶା। ନିଜର ପ୍ରଜ୍ଞା ଓ ପ୍ରତିଭାରେ ପ୍ରଭାବନ୍ତ କରିଛନ୍ତି କବିତାର ଆକାଶକୁ।

୧୯୭୫ ମସିହା। ଭଦ୍ରକ କଲେଜରେ ଅନର୍ସ ପଢ଼ିଲାବେଳେ ରମାକାନ୍ତ ମତେ ଜାବୁଡ଼ି ଧରିଥିଲେ। ସେତେବେଳେ କେତେଦିନର (୧୯୬୨), ଅନେକ କୋଠରୀ (୧୯୬୭), ସନ୍ଦିଗ୍ଧ ମୃଗୟା (୧୯୭୧) ପ୍ରକାଶ ପାଇ ସାରିଥିଲା। ସମ୍ପୂର୍ଣ୍ଣ ନୂଆ ଧରଣର। ଅନ୍ୟମାନଙ୍କ କବିତାଠାରୁ ଲାଗୁଥିଲା ଅଲଗା ଅଲଗା। ଭାରି ଭଲ ଲାଗୁଥିଲା ସେ ସବୁ କବିତା। ତାଙ୍କର ଶୈଳୀ ବେଶୀ ଛୁଉଁଥିଲା ହୃଦୟକୁ। ତାହାହିଁ ଥିଲା ତାଙ୍କର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ। ସାଳନ୍ଦୀର ନଈପଠାରେ ଜହ୍ନରାତିରେ ସତୀର୍ଥମାନଙ୍କ ସହ 'ଚନ୍ଦ୍ରମାର ଚୁଡ଼ି', 'ଜହ୍ନରାତି'ର ପଂକ୍ତିକୁ କେତେଥର ଯେ ଆବୃତ୍ତି କରିଛି ତା'ର ହିସାବ ନାହିଁ। ପରେପରେ ଏମ୍.ଏ.ରେ ଆଧୁନିକ ସ୍ପେଶାଲ ପଢ଼ିଲାବେଳେ ପୁନଶ୍ଚ ତାଙ୍କ କବିତା 'ସପ୍ତମଋତୁ' (୧୯୭୭) ସହ ଭେଟ। ଶ୍ରେଣୀକକ୍ଷରେ, ସମ୍ମାନରେ ଆଲୋଚନାରେ ତାଙ୍କ କବିତା ସହ ଅନ୍ତରଙ୍ଗତା। ସେ ଥିଲେ ମୋର ଅନ୍ୟତମ ପ୍ରିୟ କବି। ତାଙ୍କ କବିତା ସେଦିନ ମତେ ବିହ୍ୱଳ ଓ ବିଭୋର କରିଥିଲା।

ରମାକାନ୍ତ ଥରେ କହିଥିଲେ, "କୋମଳତା, ଆବେଗ ଓ ଭାବପ୍ରବଣତାକୁ ନେଇ କବିତା ଗଢ଼ାଯାଏ। ଗଢ଼ାଯାଏ ନାହିଁ ବରଂ ଏହା ଆପଣାଛାଏଁ ଉତୁରିଆସେ। ପ୍ରତ୍ୟେକ ଭଲ କବିତା ସେଇଦୃଷ୍ଟିରୁ ଗୋଟିଏ ଗୋଟିଏ ସ୍ମରଣୀୟ ବକ୍ତବ୍ୟ।" ସେ ଥିଲେ ଶବ୍ଦର ଯାଦୁକର। ଭାବର ଈଶ୍ୱର। ଆଧୁନିକ ଓଡ଼ିଆ କବିତାର ଅନନ୍ୟ ରୂପକାର। ତାଙ୍କର ଶୈଳୀ ଥିଲା ବିରଳ ଓ ସ୍ୱତନ୍ତ୍ର। ଅସରନ୍ତି ଅସହାୟତାର ରହସ୍ୟମୟ ଅଭିବ୍ୟକ୍ତି ପାଠକର ସପ୍ରଶସ୍ତ ଦୃଷ୍ଟି ଆକର୍ଷଣ କରିବାକୁ ଥିଲା ସକ୍ଷମ। ତାଙ୍କର ଅଧିକାଂଶ କବିତା କେବଳ ଅଭିଭୂତ କରେନାହିଁ, ଯୁଗପତ୍ ଆନନ୍ଦ ଓ ବିସ୍ମୟ ସୃଷ୍ଟିକରେ ମନରେ। ଅନାସକ୍ତ ଭାବରେ କାହାଣୀକୁ କବିତା ଓ କବିତାକୁ କାହାଣୀ କରିବାର ଚମତ୍କାରିତା, ସ୍ୱପ୍ନ ଓ ବାସ୍ତବତାର ବିହ୍ୱଳ ବିଭୋରପଣକୁ ରମାକାନ୍ତ ଯେପରି ପରଶି ଦିଅନ୍ତି ତାହା ସତରେ ଈର୍ଷଣୀୟ।

ମୋର ମନେହୁଏ ପ୍ରକୃତରେ ସେ ଥିଲେ 'ଶ୍ରୀରାଧା'ର କବି। ରମାକାନ୍ତ ଅନ୍ୟ କିଛି ନ ଲେଖି କେବଳ 'ଶ୍ରୀରାଧା' ଲେଖିଥିଲେ ତାଙ୍କର କବିଯଶ ଓ ଖ୍ୟାତି କିଛି କମିଯାଇ ନ ଥାନ୍ତା। ପ୍ରେମ ଓ ମୃତ୍ୟୁର ଲୁଚକାଳି ଖେଳ ଭିତରେ ଆନନ୍ଦ ଓ ଆବେଗର ରସଘନ ଚିତ୍ର, ରହସ୍ୟମୟ ଅଭିବ୍ୟକ୍ତି 'ଶ୍ରୀରାଧା'କୁ କରିଛି ଶ୍ରେଷ୍ଠତମ। ମୋ ମତରେ ରମାକାନ୍ତ କେବଳ ପ୍ରେମ ଓ ମୃତ୍ୟୁର କବି ନ ଥିଲେ। ସେ ଥିଲେ ଶେଷହୀନ ଶୋଷ ଓ ଅନ୍ତହୀନ ଅବସୋସର କବି। ପ୍ରେମ, ମୃତ୍ୟୁ, ଅସହାୟତା, ଅବସୋସ, ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର କଥା, ଆନନ୍ଦ ଓ ବିସ୍ମୟର ଅନ୍ତରଙ୍ଗ ଅନୁଭବରେ ତାଙ୍କ କବିତା ଥିଲା ଝଲମଲ ଦୀପ୍ତିମନ୍ତ। ଆଜି ସେ ଆମ ଗହଣରେ ନାହାନ୍ତି। କିନ୍ତୁ ଯେତେଦିନ ଓଡ଼ିଆ ଭାଷା ଥିବ ତାଙ୍କ କବିତାର ଗୁଣୁଗୁଣୁ ସ୍ୱର ଶୁଭୁଥିବ, କାଳକାଳ... ଚିରକାଳ।

ମୋ: ୭୮୯୪୨୫୬୪୧୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୯/୨୦୨୫ Bhubaneswar, Saturday, April 19/ 2025

# ଦିଲ୍ଲୀ-ଗୁଜରାଟ ମୁକାବିଲା ଆଜି

**ଅହମଦାବାଦ, ୧୮।୪(ପି.ଟି.)**


ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଶନିବାର ହେବାକୁଥିବା ଡବଲ ହେଡରର ପ୍ରଥମ ମ୍ୟାଚ ଦିଲ୍ଲୀ କ୍ୟାପିଟାଲ୍ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଅନୁଷ୍ଠିତ ହେବ। ଦିଲ୍ଲୀ ଦଳ ୬ ମ୍ୟାଚରୁ ୫ ବିଜୟ ସହ ୧୦ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ଗୁଜରାଟ ସମାନ ସଂଖ୍ୟକ ମ୍ୟାଚ ଖେଳି ୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ପାଇଛି। ତେଣୁ ଆସନ୍ତା ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ରାଜସ୍ଥାନ ରୟାଲ୍ସ ବିପକ୍ଷରେ ନାଟକୀୟ ସୁପର ଓଭର ଜିତିବାପରେ ଦିଲ୍ଲୀ ଦଳର ଖେଳାଳିଙ୍କ ମନୋବଳ ବହୁ ଉପରେ ରହିଛି। ଚାପ ସ୍ଥିତିରେ ମିଚେଲ ଷ୍ଟାର୍କ ସୁପର ଓଭରରେ ଚମତ୍କାର ବୋଲିଂ କରି ଦଳକୁ ଜିତାଇଥିଲେ। ସୁପର ଓଭରକୁ ମିଶାଇ ଷ୍ଟାର୍କ ନିଜର ଶେଷ ୩ ଓଭରରେ ପିନ୍‌ପଏଣ୍ଟ ୟର୍କର ପକାଇଥିଲେ। ଏହା ମ୍ୟାଚର ମୋଡ଼ ବୁଲାଇଥିଲା ଏବଂ ଶେଷରେ ଦିଲ୍ଲୀକୁ ବିଜୟୀ କରିଥିଲା।

ମୁକେଶ କୁମାର ଓ ମୋହିତ ଶର୍ମାଙ୍କୁ ନେଇ ଷ୍ଟାର୍କ ଦିଲ୍ଲୀ ପେସ୍ ବାହିନୀର ନେତୃତ୍ୱ ନେଉଛନ୍ତି। ଆଗାମୀ ମ୍ୟାଚରେ ମଧ୍ୟ ଦିଲ୍ଲୀ ତାଙ୍କଠାରୁ ପ୍ରଭାବୀ ସ୍ପେଲ ଆଶା କରିବ। ଗୁଜରାଟ ଟାଇଟନ୍ସ ଟପ୍ ଅର୍ଡର ଅଧିନାୟକ ଶୁବମନ ଗିଲ୍, ସ୍ଥିର ପ୍ରଦର୍ଶନ ଦେଇ ଆସିଥିବା ସାଇ ସୁଦର୍ଶନ ଓ ଇଂଲଣ୍ଡର ଜୋସ ବଟଲରଙ୍କୁ ନେଇ ବେଶ୍ ଦୃଢ଼। ଏ ତିନି ଜଣଙ୍କ ମଧ୍ୟରୁ କେହି ନା କେହି ପ୍ରତି ମ୍ୟାଚରେ ଅର୍ଦ୍ଧଶତକ ହାସଲ କରୁଛନ୍ତି। ତେଣୁ ଷ୍ଟାର୍କଙ୍କ ପାଇଁ କାମ ସହଜ ହେବନି ନିଶ୍ଚିତ। ଗୁଜରାଟ ମିଡିଲ ଅର୍ଡର ବିଶେଷ ପରୀକ୍ଷାର ସମ୍ମୁଖୀନ ହୋଇ ନାହାନ୍ତି। ତେବେ ଲକ୍ଷ୍ନୌ ସୁପର ଜାଏଣ୍ଟ ବିପକ୍ଷରେ ମିଡିଲ ଅର୍ଡର ଫେଲ୍ ମାରିବାରୁ ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ତେଣୁ ଗୁଜରାଟ ଦଳର ଟପ୍ ଅର୍ଡର ବିପର୍ଯ୍ୟୟ ଘଟାଇ ପାରିଲେ ଦିଲ୍ଲୀ ପାଇଁ ବିଜୟ ସହଜ ହୋଇପାରିବ।

ଷ୍ଟାର୍କଙ୍କ ଭଳି ମହମ୍ମଦ ସିରାଜ ଗୁଜରାଟ ଟାଇଟନ୍ସ ପାଇଁ ବେଶ୍ ପ୍ରଭାବୀ ହୋଇଛନ୍ତି। ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଥିବା ସିରାଜ ଆଇପିଏଲ୍‌ରେ ନିଜ ଦକ୍ଷତା ଦେଖାଉଛନ୍ତି। ପର୍ଯ୍ୟାପ୍ତ ବିଶ୍ରାମ ପାଇଥିବାରୁ ସତେଜ ଥିବା ସିରାଜ ଗୁଜରାଟ ପେସ୍ ବିଭାଗର ନେତୃତ୍ୱ ନେଉଛନ୍ତି। ୮.୫୦ ଇକୋନୋମିରେ ସେ ବର୍ତ୍ତମାନ ସୁଦ୍ଧା ୧୦ ଉଇକେଟ ହାସଲ କରିଛନ୍ତି। ବିଶେଷ କରି ପାୱାରପ୍ଲେରେ ସେ ପ୍ରଭାବୀ ବୋଲିଂ କରିଛନ୍ତି। ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଚଳିତ ସିଜନକୁ ବେଶ୍ ଉପଭୋଗ କରୁଛନ୍ତି। ରିଦମ ପାଇବା ପାଇଁ ସଂଘର୍ଷ କରୁଥିବା ଜ୍ୟାକ ଫ୍ରାସର-ମ୍ୟାକଗୁର୍କ ଓ ପ୍ରତିଭାସମ୍ପନ୍ନ ଅଭିଷେକ ପୋରେଲ ଦିଲ୍ଲୀ ଦଳର ଓପନିଂ କରୁଛନ୍ତି। ଯଦି ଏହି ଯୋଡ଼ି ସଫଳ ନ ହେଲା ତେବେ ଏହାପରେ ସ୍ଥିତି ସମ୍ଭାଳିବା ପାଇଁ ଅଭିଜ୍ଞ ଲୋକେଶ ରାହୁଲ ଓ କରୁଣ ନାୟାର ରହିଛନ୍ତି। ଗୁଜରାଟ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିବା ଅକ୍ଷର ପଟେଲ ଏବେ ଦିଲ୍ଲୀ ଦଳର ଅଧିନାୟକ। ତେଣୁ ଅହମଦାବାଦ ମଧ୍ୟ ତାଙ୍କ ହୋମଗ୍ରାଉଣ୍ଡ। ଏଠାରେ ସେ ନିଜ ପ୍ରଦର୍ଶନର ଛାପ ଛାଡ଼ିବାକୁ ପ୍ରସ୍ତୁତ।

ଉଭୟ ଦଳରେ କ୍ୱାଲିଟି ସ୍ପିନର ରହିଛନ୍ତି। ଗୁଜରାଟ ଦଳରେ ନିର୍ଭରଯୋଗ୍ୟ ସାଇ କିଶୋର ଓ ରଶିଦ ଖାଁ ଥିବାବେଳେ ଦିଲ୍ଲୀ କୁଲଦୀପ ଯାଦବ ଓ ଭିପ୍ରାଜ ନିଗମଙ୍କୁ ନେଇ ବେଶ୍ ଭଲ ପ୍ରଦର୍ଶନ କରୁଛନ୍ତି। ପୂର୍ବ ମ୍ୟାଚରେ କୁଲଦୀପ ଆହତ ହୋଇଥିଲେ। ତେଣୁ ତାଙ୍କ ଫିଟ୍‌ନେସ ସମ୍ପର୍କରେ କ୍ୟାପିଟାଲ୍ସ ପକ୍ଷରୁ କୌଣସି ଅପ୍‌ଡେଟ କରାଯାଇନାହିଁ।


ମହମ୍ମଦ ସିରାଜ ଓ ଅକ୍ଷର ପଟେଲଙ୍କ ଉପସ୍ଥିତିରେ ପିଚ୍ ନିରୀକ୍ଷଣ କରୁଛନ୍ତି ମୋହିତ ଶର୍ମା।


ବର୍ଷା ଯୋଗୁ ବେଙ୍ଗାଲୁରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ ପିଚ୍ ଓ ଆଉଟଫିଲ୍ଡକୁ କଭର କରାଯାଇଛି।

# ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ

**ବେଙ୍ଗାଲୁରୁ, ୧୮।୪**

କ୍ରମାଗତ ବର୍ଷା ଯୋଗୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଏଠାରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ ବାଧାପ୍ରାପ୍ତ ହୋଇଛି। ଝିପିଝିପି ବର୍ଷା ଲାଗିରହିବାରୁ ନିର୍ଦ୍ଧାରିତ ସମୟରେ ଟସ୍ ପଡ଼ିପାରି ନ ଥିଲା। ୧ ଘଣ୍ଟା ବିଳମ୍ବ ଅର୍ଥାତ୍ ୮ଟା ୩୦ ସୁଦ୍ଧା ଖେଳ ଆରମ୍ଭ ହୋଇପାରିଥିଲେ ପୂରା ଓଭର ମ୍ୟାଚ ସମ୍ଭବ ହୋଇଥାନ୍ତା। ମାତ୍ର ତାହା ହୋଇପାରି ନାହିଁ। ଫଳରେ ମ୍ୟାଚକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଆରସିବି ଏହା ପୂର୍ବରୁ ୬ ମ୍ୟାଚ ଖେଳି ୪ ବିଜୟ ଓ ୨ ପରାଜୟ ସହ ତୃତୀୟ ସ୍ଥାନରେ ରହିଛି। ଚଳିତ ସିଜନରେ ଦଳ ୪ଟି ଯାକ ବିଜୟ ବାହାର ପରିବେଶରେ ହାସଲ କରିଛି। ୨ ପରାଜୟ ଘରୋଇ ପିଚ୍‌ରେ ବରଣ କରିଛି। ଏହି ଧାରା ଭାଙ୍ଗିବାକୁ ଦଳର ଆଶା ପ୍ରତି ଶକ୍ତଧକ୍କା ଲାଗିଛି। ଅନ୍ୟପକ୍ଷରେ ପଞ୍ଜାବ ସମାନ ମ୍ୟାଚ ଖେଳି ଆରସିବି ସମକକ୍ଷ ୮ ପଏଣ୍ଟ ପାଇଛି। ଯଦି ମ୍ୟାଚ ଆଦୌ ସମ୍ଭବ ନ ହୁଏ ତେବେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିବେ। ଏ କ୍ଷେତ୍ରରେ ଗୁଜରାଟ ଟାଇଟନ୍ସକୁ ହରାଇ ଆରସିବି ଦ୍ୱିତୀୟ ଓ ପଞ୍ଜାବ ତୃତୀୟ ସ୍ଥାନକୁ ଉନ୍ନୀତ ହେବ। ଯଦି ୧୦ଟା ୪୧ରେ ମ୍ୟାଚ ଆରମ୍ଭ ସମ୍ଭବ ହୁଏ ତେବେ ଏହା ୫ ଓଭର ବିଶିଷ୍ଟ ହେବ। ନଚେତ୍ ମ୍ୟାଚ ବାତିଲ ହେବ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୫ | ୧ | ୧୦ | +୦.୭୪୪ |
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ପଞ୍ଜାବ କିଙ୍ଗ୍ସ | ୬ | ୪ | ୨ | ୮ | +୦.୧୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | +୦.୨୩୯ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୭୧୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | -୧.୨୭୬ |

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଗୁଜରାଟ ବନାମ ଦିଲ୍ଲୀ**
ସ୍ଥାନ: ଅହମଦାବାଦ
ସମୟ: ଅପରାହ୍ନ ୩.୩୦

**ରାଜସ୍ଥାନ ବନାମ ଲକ୍ଷ୍ନୌ**
ସ୍ଥାନ: ଜୟପୁର
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଗୁର୍ଜାପ୍‌ନୀତଙ୍କ ସ୍ଥାନରେ ବ୍ରେଭିସ୍‌ଙ୍କୁ ନେଲା ସିଏସ୍‌କେ

**ନୂଆଦିଲ୍ଲୀ, ୧୮।୪ (ପି.ଟି.)**

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଏହାର ଦଳରେ ଖେଳାଳି ବଦଳ କରିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅବଶିଷ୍ଟାଂଶ ପାଇଁ ଦଳ ଏହାର ଆଘାତପ୍ରାପ୍ତ ପେସ୍ ବୋଲର ଗୁର୍ଜାପ୍‌ନୀତ ସିଂଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକୀୟ ଅଲରାଉଣ୍ଡର ଡିୱାଲ୍ଡ ବ୍ରେଭିସ୍‌ଙ୍କ ସହ ଅନୁବନ୍ଧିତ କରିଛି। ୨୦୨୩ରେ ପଦାର୍ପଣ ପରେ ବ୍ରେଭିସ୍ ମାତ୍ର ଦୁଇଟି ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ମାତ୍ର ବିଶ୍ୱବ୍ୟାପୀ ଫ୍ରାଞ୍ଚାଇଜ୍ ଟୁର୍ନାମେଣ୍ଟ ଖେଳି ସେ ସୁନାମ ଅର୍ଜନ କରିଛନ୍ତି। ସେ ଆଇପିଏଲ, ସିପିଏଲ, ଏମ୍‌ସିଏଲ୍ ଓ ସାଉଥ ଆଫ୍ରିକା ଟି୨୦ ଲିଗ୍‌ରେ ଖେଳିଛନ୍ତି। ୨୦୨୫ ସାଉଥ ଆଫ୍ରିକା ଟି୨୦ରେ ମୁମ୍ବାଇ ଇଣ୍ଡିଆନ୍ସ କେପ୍‌ଟାଉନକୁ ପ୍ରଥମ ଟାଇଟଲ ଜିତାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଟୁର୍ନାମେଣ୍ଟରେ ସେ ୬ଷ୍ଠ ସର୍ବୋଚ୍ଚ ରନ ସ୍କୋରର ଥିଲେ। ତାଙ୍କ ଷ୍ଟ୍ରାଇକ୍‌ରେଟ୍ ୧୮୪.୧୭ ରହିଥିଲା। ୨୧ ବର୍ଷୀୟ ବ୍ରେଭିସ୍ ପୂର୍ବରୁ ୨୦୨୨ ଓ ୨୦୨୪ରେ ମୁମ୍ବାଇ ଇଣ୍ଡିଆନ୍ସ ଦଳରୁ ମୋଟ ୧୦ଟି ମ୍ୟାଚ ଖେଳିଛନ୍ତି। ସେ ୮୧ଟି ଟି୨୦ ଖେଳିଥିବା ବେଳେ ମୋଟ ୧୭୮୭ ରନ ସ୍କୋର କରିଥିଲେ।

# ଜାତୀୟ ଜୁନିୟର ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୮।୪ (ତପନ ସ୍ୱାଇଁ)**

ଚଳିତ ମାସ ୨୦ରୁ ୨୪ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ଆକରପୁରରେ ହେବାକୁଥିବା ୪୭ତମ ଜାତୀୟ ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ଶୁକ୍ରବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତା ପାଇଁ ମାର୍ଚ୍ଚ ୧ରୁ ପୁରୀ ଓ କେନ୍ଦୁଝରଠାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୩୦ଜଣ ଭାଗ ନେଇଥିବାବେଳେ ସେଥିରୁ ପ୍ରଦର୍ଶନ ଭିତ୍ତିରେ ୧୮ଙ୍କୁ ମନୋନୀତ କରାଯାଇଛି। ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। **ଓଡ଼ିଶା ଦଳ:** ଗୌରୀ ଶଙ୍କର ଜେନା (ଅଧିନାୟକ), ସ୍ୱୟଂ ସିଦ୍ଧାର୍ଥ ପ୍ରଧାନ, ସୁପ୍ରଜିତ ବେହେରା, ଚିନ୍ମୟ ବେହେରା, ସତ୍ୟବ୍ରତ ରାଉତରାୟ, ଦିବ୍ୟରଞ୍ଜନ ସ୍ୱାଇଁ, ଅମିତ ଜେନା, ଜ୍ଞାନ ପାଣିଗ୍ରାହୀ, ହରିହର ଦଳାଇ, ଓଁକାର ବିଶ୍ୱାଳ, ଭବାନୀ ଶଙ୍କର ବେହେରା, ରାଜା ଦାସ, ସତ୍ୟଜିତ ପାଗଲ, ଶୁଭମ ରାୟ, ପ୍ରଦ୍ୟୁମ୍ନ ଶ୍ରେଷ୍ଠ, ଧ୍ରୁବ ଗୁପ୍ତା, ତାପସ ଭୋଇ, ଆଶୁତୋଷ ପାତ୍ର। କୋଚ: ଗୌରୀ ଶଙ୍କର ମିଶ୍ର ଓ ଚନ୍ଦନ କୁମାର ପତ୍ରି।


ଜାତୀୟ ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

# କିଟ୍‌ରେ ଭାରତୀୟ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ଦଳର ଚୟନ ଟ୍ରାଏଲ୍ସ


ଟ୍ରାଏଲ୍ସରେ ଭାଗ ନେବାକୁ ଆସିଥିବା ଖେଳାଳି ଓ ଅଫିସିଆଲ।

**ଭୁବନେଶ୍ୱର, ୧୮।୪ (ତପନ ସ୍ୱାଇଁ)**

ଭାରତୀୟ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ଦଳ ଗଠନ ପାଇଁ କିଟ୍ ପରିସରରେ ଚୟନ ଟ୍ରାଏଲ୍ସ ଶନିବାରଠାରୁ ଆରମ୍ଭ ହେବ। ଏହା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରମୋଦ ଭଗତ ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ କୋର୍ଟରେ ଚୟନ ଟ୍ରାଏଲ୍ସ ପରେ ମନୋନୀତ ଦଳ ଜର୍ମାନୀରେ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଅଂଶଗ୍ରହଣ କରିବ। ଟ୍ରାଏଲ୍ସରେ ଭାଗ ନେବାକୁ ଭାରତର ବିଭିନ୍ନ ସ୍ଥାନରୁ ୨୧୦ ଖେଳାଳି ଓ ଅଫିସିଆଲ ଆସିଛନ୍ତି। ଏହା ମଧ୍ୟରେ ମହିଳାରେ ୭୬ ଓ ପୁରୁଷରେ ୧୨୦ ଖେଳାଳି ସାମିଲ। ଟ୍ରାଏଲ୍ସରେ ପ୍ରଦର୍ଶନ ଭିତ୍ତିରେ ୬ ଜଣ ଲେଖାଏ ମହିଳା ଓ ପୁରୁଷ ଖେଳାଳି ଏବଂ ୫ ଅଫିସିଆଲ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଲକ୍ଷ ସେନ୍‌ଙ୍କ ପରି କେତେକ ଅନ୍ତର୍ଜାତୀୟ ଖେଳାଳି ମଧ୍ୟ ଏଥିରେ ଭାଗ ନେଉଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଆର୍ଯ୍ୟ ମାଝି, ଅବିନାଶ ମହାନ୍ତି, ହର୍ଷିତା ରାଉତ, ସୀମା ସିଂ ଏଥିରେ ଭାଗ୍ୟ ପରୀକ୍ଷା କରିବେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି ଓ ଅଫିସିଆଲଙ୍କୁ ସ୍ୱାଗତ କରିଛନ୍ତି। କିଟ୍ ପରିସରରେ ବ୍ୟାଡ୍‌ମିଣ୍ଟନ ବ୍ୟତୀତ ଆଥ୍‌ଲେଟିକ୍ସ, ଟେବୁଲ ଟେନିସ ଚୟନ ଟ୍ରାଏଲ୍ସ ଚଳିତ ମାସ ଶେଷଭାଗରେ ଅନୁଷ୍ଠିତ ହେବ। ପୂର୍ବରୁ ଆର୍ଚେରୀ, ଭଲିବଲ, ଲନ୍ ଟେନିସ ଟ୍ରାଏଲ୍ସ ଆୟୋଜନ ହୋଇ ସାରିଛି।

# କଟକ, ଭୁବନେଶ୍ୱର, ବଲାଙ୍ଗୀର ୧୦ ଉଇକେଟରେ ବିଜୟୀ

**ଭୁବନେଶ୍ୱର,୧୮।୪(ବିଜୟ ରଣା)**

ଓସିଏ ଆନ୍ତଃଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟ ପ୍ରିଲିମିନାରୀ ଲିଗ୍-୨୦୨୫ ପ୍ରଥମ ପର୍ଯ୍ୟାୟ ଲିଗ୍ (ଗ୍ରୁପ୍-ଏ, ବି,ସି) ଟି୨୦ ଫର୍ମାଟରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚଗୁଡ଼ିକ ମଧ୍ୟରେ କଟକ, ଭୁବନେଶ୍ୱର ଓ ବଲାଙ୍ଗୀର ୧୦ ଉଇକେଟରେ ଏବଂ ଅଞ୍ଜଳୀ ସିଂଙ୍କ ଅପରାଜିତ ଶତକ ସହାୟତାରେ ବାଲେଶ୍ୱର ୨୨୯ରନରେ ବୃହତ୍ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ଖୋର୍ଦ୍ଧା ୩୬ରନରେ, ବରଗଡ଼ ୫ ଉଇକେଟରେ, ସୁନ୍ଦରଗଡ଼ ୧୦୮ରନରେ ଏବଂ ଝାରସୁଗୁଡ଼ା ୩ ଉଇକେଟରେ ସେମାନଙ୍କ ବିପକ୍ଷ ଦଳକୁ ପରାସ୍ତ କରିଛନ୍ତି।

ଅଡ଼ଶପୁର ଗ୍ରାଉଣ୍ଡରେ କଟକ ବିପକ୍ଷ ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କୋରାପୁଟ ୧୮.୨ ଓଭରରେ ମାତ୍ର ୪୫ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ବିପକ୍ଷ ଦଳର ସଫଳ ବୋଲର ଜାହ୍ନବୀ ଷଡ଼ଙ୍ଗୀ ତାଙ୍କ ୩ ଓଭର ବୋଲିଂରେ ୨ମେଡେନ ସହ ୩ଉଇକେଟ ଅକ୍ତିଆର କରିଥିଲେ। କଟକ ୪.୨ ଓଭରରେ ବିନା କୌଣସି ଉଇକେଟରେ ୪୬ରନ କରି ମ୍ୟାଚ ଜିତିନେଇଥିଲା। ଜାହ୍ନବୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ଅଞ୍ଜଳି ସିଂଙ୍କ ଅପରାଜିତ ଶତକ**

ସନ୍‌ସାଇନ ଗ୍ରାଉଣ୍ଡରେ ନବରଙ୍ଗପୁର ୧୨ ଓଭରରେ ୩ ଉଇକେଟ ବିନିମୟରେ ମାତ୍ର ୧୧ ରନ କରିଥିଲା। ଡି/ଏଲ୍ ପଦ୍ଧତିରେ ଭୁବନେଶ୍ୱର ୩ ଓଭରରେ ୮ରନ କରି ମ୍ୟାଚ ଜିତିଥିଲା। ଏଥିରେ ବିଜୟୀ ଦଳର ବୋଲର ନିବେଦିତା ନାଏକ (୪-୩-୧-୨) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ବଲାଙ୍ଗୀର ବିପକ୍ଷ ମ୍ୟାଚରେ ମୟୂରଭଞ୍ଜ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ହରାଇ ମାତ୍ର ୨୮ରନ କରିଥିଲା। ବିପକ୍ଷ ଦଳର ରାମେଶ୍ୱରୀ ନାଏକ ଓ ମୁସ୍କାନ ସୁନା ୨ଟି ଲେଖାଏ ଉଇକେଟ ନେଇଥିଲେ। ବଲାଙ୍ଗୀର ୨.୩ ଓଭରରେ ବିନା କୌଣସି ଉଇକେଟରେ ୨୯ରନ କରି ବିଜୟୀ ହୋଇଥିଲା।

କଟକ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଅନୁଗୋଳ ବିପକ୍ଷ ମ୍ୟାଚରେ ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଅଞ୍ଜଳୀ ସିଂଙ୍କ ଅପରାଜିତ ୧୩୬ (୭୪ ବଲ୍) ଓ ଶୁଭଲକ୍ଷ୍ମୀ ସିଂଙ୍କ ଅପରାଜିତ ୭୪ ରନ ସହାୟତାରେ ୨୪୬ରନ କରିଥିଲା। ଜବାବରେ ଅନୁଗୋଳ ଦଳ ୧୫. ୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୭ ରନ କରିପାରିଥିଲା। ବାଲେଶ୍ୱର ଦଳର ସଫଳ ବୋଲର ଏସ୍‌ବି ଲରେନ୍ସ ତାଙ୍କ ୩ ଓଭର ବୋଲିଂରେ ୨ ମେଡେନ ସହ ୧ ରନ ବିନିମୟରେ ୫ ଉଇକେଟ ନେଇଥିଲେ। ଅଞ୍ଜଳୀ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୧୯.୪ ଓଭରରେ ୭ ଉଇକେଟ ବିନିମୟରେ ୫୫ରନ କରିଥିଲା। ଜବାବରେ ଝାରସୁଗୁଡ଼ା ୧୩.୨ ଓଭରରେ ୭ ଉଇକେଟ ବିନିମୟରେ ୫୬ରନ କରି ମ୍ୟାଚ ୩ଉଇକେଟରେ ଜିତି ନେଇଥିଲା। ଏହି ମ୍ୟାଚରେ ବିଜୟୀ ଦଳର ସଞ୍ଜନା ପ୍ରଜାପତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖୋର୍ଦ୍ଧା ୭.୩ ଓଭରରେ ୧ ଉଇକେଟ ହରାଇ ୫୬ ରନ କରିଥିଲା। ଜବାବରେ ପାରାଦୀପ ଡି/ଏଲ୍ ପଦ୍ଧତିରେ ୭.୦ ଓଭରରେ କୌଣସି ଉଇକେଟ ନ ହରାଇ ୪୦ରନ କରିଥିଲା। ଖୋର୍ଦ୍ଧା ଡି/ଏଲ ପଦ୍ଧତିରେ ୫ ଉଇକେଟରେ ବିଜୟୀ ହୋଇଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ବରଗଡ଼ ଡି/ଏଲ୍ ପଦ୍ଧତିରେ ସୋନପୁରକୁ ୫ଉଇକେଟରେ ହରାଇ ଦେଇଛି। ଡ୍ରିମ୍ସ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ଡି/ଏଲ୍ ପଦ୍ଧତିରେ ନୟାଗଡ଼କୁ ୧୦୮ରନରେ ପରାସ୍ତ କରିଛି।


ଜାହ୍ନବୀ ଷଡ଼ଙ୍ଗୀ


ରାମେଶ୍ୱରୀ ନାଏକ


ନିବେଦିତା ନାଏକ




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ